ବଙ୍ଗଳାହାତା ଦକ୍ଷିଣ ବଣରଗ୍ରାମରେ ଜଣେ ଟେଙ୍କିଆ କ ୫ ଣ ସଙ୍ଗୀ ସହିତ ମଦ ଖାଉଥିଲା । ସେମାନେ ଖାଇବା ପଦାର୍ଥମାନ ସେହିଠାରେ ରାନ୍ଧି ଖାଉଥିବାରୁ ଗନ୍ଧରୁ ଜଣେ ବାଘ ଆସି ସେ ସବୁ ଖାଇଗଲା । ଟେଙ୍କିଆ ଓ ତାହାର ସଙ୍ଗୀମାନେ ଅତି ଏକାଗ୍ର ଦେଖି ରାଗରେ ବାଘକୁ ମାରି ତାହାର ଗୋଡ଼ରେ ଦଉଡ଼ିବାନ୍ଧି ସଡ଼କବାଟେ ଓଟାରି ନେଇ ମାରିପକାଇଲେ । ଅସାମୀମାନେ ବର୍ତ୍ତମାନ ହାଜତା-ଧୀନ । କେବଳ ଜଣେ ଧରାପଡ଼ି ନାହିଁ ।

ଗତମାସ ତା ୨୩ ଦିନରେ କାମେଜାଠାରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ବିଶେଷ କିଛି ଅନିଷ୍ଟ ଘଟିବାର ସମ୍ବାଦ ଆସିନାହିଁ ।

ପୁନାଠାରେ ଗୋଟିଏ ଭିକ୍ଷୁକ ପିଲାର କେହି ଉଣ୍ଡି କାଟି ତାହାର ଅନ୍ତରୁକଳ ବାହାରିକରି ପକାଇ ଦେଇଥିବାର ସମ୍ବାଦ ମିଳଇ । ପିଲାଟି ଏମନ୍ତ ଦରିଦ୍ର ଯେ ତାହାର କୌ-ପୀନଟିଏ ବା ଭଲ ଅଧ କିଛି ଦେହରେ ନ ଥିଲା । ଏମନ୍ତ ଅବସ୍ଥାରେ କି ହେତୁରୁ ପିଲାଟିକି ଏମନ୍ତ ନିଷ୍ଠୁରଭାବରେ କେଉଁ ଲୋକ ମାରିପକାଇଲା ତାହା ନିଶ୍ଚୟ କରିବା କଠିନ । କଥିତ ହୁଏ କେହି ପାଗଳ ସନ୍ନ୍ୟାସୀ ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ପିଲାଟିକି ବଳିଦେଇ ତାହାକୁ ଅର୍ପଣ କରିଥିଲା ।

ଲାହୋରଠାରେ ମୁସଲମାନଙ୍କୁ ମାଡ଼ିପକାଇବା କାରଣ ବିଶେଷ ଉଦ୍‌ଯୋଗ ଲାଗିଥିବାର ସମ୍ବାଦ ମିଳଇ । ଏଣୁ ସ୍ଥାନେ ସେଠା ମୁସଲମାନମାନେ ଟ ୧୦୦ ଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଦେଇଅଛନ୍ତି । ସେଠା ଡେପୁଟି କମିଶନରସାହେବ ଏହା ଗ୍ରହଣ କରି ସେଠା ମିଉନିସିପାଲଟିକୁ ସେତିକ ଟଙ୍କା ଦେବା କାରଣ ଅନୁରୋଧ କରିଅଛନ୍ତି । ମଶା ମାରିବା, ସ୍ଥାନେ ଝୋପ କଟାହେବ ପରା ।

ପାଶ୍ଚାତ୍ୟ ପଣ୍ଡିତ ବିଖ୍ୟାତ ମୋକ୍ଷମୂଲର ସାହେବଙ୍କର ପୁନର୍ଜନ୍ମ ବିଷୟରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା । ଏକସ୍ଥାନରେ ସେ ଲେଖିଯାଇଅଛନ୍ତି ଯେ ଯେଉଁମାନଙ୍କ ସଙ୍ଗେ ପୂର୍ବଜନ୍ମରେ ବିଶେଷ ସୌହାର୍ଦ୍ଦ୍ୟ ଥିଲା ସେମାନଙ୍କ ଆଡ଼କୁ ମନ ସ୍ୱତଃ ଆକୃଷ୍ଟ ହେବାର ଦେଖାଯାଏ ଏବଂ ଯାହାଙ୍କ ସଙ୍ଗେ ପୂର୍ବ ଜନ୍ମରେ ବିଦ୍ୱେଷ ଥିଲା ସେମାନଙ୍କ ଆଡ଼କୁ ମନ ଆକୃଷ୍ଟ ହୁଏ ନାହିଁ । ବରଂ ସେମାନଙ୍କୁ ତ୍ୟାଗ କରିବାର ଅନ୍ତରିକ ଇଚ୍ଛା ହୁଏ । ପୂର୍ବଜନ୍ମ ବିଶ୍ୱାସ କଲେ ଏଥିର କାରଣ କହିବା ବଡ଼ କଠିନ ।

ଶୋଣପୁରର ଯାତ୍ରାରୁ ଗୋଟିଏ ବ ୧୨ ବର୍ଷ ବୟସ୍କ ବ୍ରାହ୍ମଣ ପିଲା ଯାଇଥିଲା । ସେ ଲକ୍ଷ୍ମୀମୋଟା ଓଜନରେ ପ୍ରାୟ ପାଞ୍ଚ-ମହଣ ହେଲା । ସେ ଯାତ୍ରାରୁ ବନାରସଠାରୁ ୨ ଗୋଟି ଚୋରା ଆସିଥିଲେ ଯେ ସେମାନେ ବନ୍ଧୁକ ଦାଗିବା, ଢଅ-ସିଲ ଘସି ବଦଳାଇବା, ଘରମାରିବା ଏବଂ ଗୃହଦ୍ୱାର ବାକ୍ସ ଖୋଲି ଟଙ୍କା ବାହାର କରିବାର ଶିଖିଥିଲେ ।

ବିଲାତ ରାଜନୀତିର ଜନୈକ ପ୍ରଧାନ ନେତା ଚେମ୍ବର୍ଲେନ ସାହେବ ମହୋଦୟ ଅର୍ଣ୍ଣବଯାନ ଯୋଗେ ଦକ୍ଷିଣ ଆଫ୍ରିକା ଇତ୍ୟାଦି ସ୍ଥାନମାନ ଦେଖି ତହିଁର ବନ୍ଦୋବସ୍ତ କରିବା କାରଣ ଗତ ମାଘ ତା ୨୫ ଦିନରେ ବିଲାତରୁ ଯାତ୍ରା କଲେ । ବିଲାତର ମନ୍ତ୍ରୀବର୍ଗ ଓ ପାର୍ଲିୟାମେଣ୍ଟ ମହାସଭାର ମେମ୍ବର-ମାନେ ତାଙ୍କୁ ବିଦାୟ ଦେବା ସ୍ଥାନକୁ ଯାଇଥିଲେ । ସାମ୍ରା-ଜ୍ୟର ଉପନିବେଶମାନ ସ୍ୱଚକ୍ଷୁରେ ଦେଖି ସେଥିର ବନ୍ଦୋ-ବସ୍ତ କରିବା କାରଣ କୌଣସି ମନ୍ତ୍ରୀ ଅଗ୍ରସର ହେବାର ପୂର୍ବେ ଦେଖା ଯାଇ ନ ଥିଲା । ଚେମ୍ବର୍ଲେନ ସାହେବ ଏଥିର ପ୍ରଥମ ଦର୍ଶକ ହେଲେ । ଏଥିରୁ ତାଙ୍କର ସ୍ୱଦେଶପ୍ରିୟତାର ଯଥେଷ୍ଟ ପରିଚୟ ମିଳୁଅଛି ଏବଂ ତାଙ୍କର ଶ୍ରମ ସଫଳ ହେବାର ଆମ୍ଭେମାନେ ସର୍ବତୋଭାବେ କାମନା କରୁଅଛୁଁ ।

ପୁନାଠାରେ ଜଣେ ଗୋରାସୈନିକ କର୍ମଗୃହ ଘୋଡାରେ ଚଢ଼ି ନଦୀ ପହଁରି ଯିବାର ଶିକ୍ଷା କରୁଥିବା ସମୟରେ ଘୋଡ଼ା ପାଣିରେ ବୁଡୁଥିବା ବେଳେ ତାହା ଉପରୁ ଜଳ ମଧ୍ୟକୁ ଖସିପଡ଼ି ବୁଡ଼ି ମରିଥିବାର ସମ୍ବାଦ ମିଳଇ । ସେ କର୍ମଗୃହୀ ନିଜେ ପହଁରିବାକୁ ଜାଣି ନ ଥିବା ସ୍ଥଳେ ଘୋଡ଼ା-ରେ ଚଢ଼ି ନଦୀ ପହଁରିଯିବାକୁ ଚେଷ୍ଟା କରିଥିଲେ । ଧନ୍ୟ ଏହାଙ୍କ ସାହସ ।

## ଜଗତ୍‌ସିଂହପୁର ସମ୍ବାଦ ।

ଏ ଅଞ୍ଚଳରେ ଧାନ ଓ ରବି ଫସଲ କଟା ହେଉଅଛି ନୂଆ ଚାଉଳ ଟ ୧ ଙ୍କାରେ ସେ ୧୩ ର ଓ ପୁରୁଣା ଚାଉଳ ସେ ୧୧ ର ଦରରେ ମିଳୁଅଛି ।

ବସନ୍ତକୀ ଦେବୀଙ୍କର ପ୍ରାଦୁର୍ଭାବ ଅନେକ ପରିମାଣରେ ଊଣା ହୋଇଅଛି । କିନ୍ତୁ ଋତୁ ପରିବର୍ତ୍ତନ ଯୋଗୁଁ ଅନେକେ ଜ୍ୱରରେ ପୀଡ଼ିତ ।

ସବ ଇନ୍‌ସପେକ୍ଟର ଶ୍ରୀଯୁତ ବାବୁ ପ୍ରାଣକୃଷ୍ଣ ସେନ ମହାଶୟ ଗତ ସପ୍ତାହରେ ଜ୍ୱରରୋଗରେ ବିଶେଷ କଷ୍ଟଭୋଗ କରି ଈଶ୍ୱରଙ୍କ କୃପାରୁ ଆରୋଗ୍ୟ ଲାଭ କରିଅଛନ୍ତି ।

## ପୁରୀ-ସମ୍ବାଦ ।

ପୁରୀର ସନ୍ନିକଟ ବାଟଗାଁ ନିବାସୀ ଗୋବିନ୍ଦ ମହାନ୍ତି ଏକ ଗୁଡ଼ିଆର ସ୍ତ୍ରୀ ପ୍ରତି ଅତ୍ୟାଚାର କରିବା ଉଦ୍ଦେଶ୍ୟରେ ତାହା ଘରେ ଲୁଚିକରି ପ୍ରବେଶ କରିବା ଅପରାଧରେ ବାବୁ ଉଦୟକିଶୋରଦାସ ଡିଃ ମାଃ ଙ୍କ ବିଚାରରେ ମା ୭ ସ କଠିନ ପରିଶ୍ରମସହ କାରାବାସ ଦଣ୍ଡ ପାଇଅଛି ।

ଗତ ଗୁରୁବାର ପୂର୍ବାହ୍ଣ ପ୍ରାୟ ଘ ୮ ଟାରେ ସ୍ୱର୍ଗଦ୍ୱାର ପଶ୍ଚାତ୍ଭାଗସ୍ଥ ପାଟମା ଘରେ ଅଗ୍ନି ଲାଗି ବ ୩୪ ଖଣ୍ଡ ଘର ପୋଡ଼ିଯାଇଅଛି । ଲୋକାଙ୍କର କେବଳ ପ୍ରାଚୀର ପ୍ରାନ୍ତଭାଗସ୍ଥ

Digitized by srujanika@gmail.com

Split by PDF Splitter



ସାମାନ୍ୟ ଏକ ଜଣଙ୍କ ଘର ନଷ୍ଟ ହୋଇଅଛି କିନ୍ତୁ ପାଠମାନ ଅନେକ ଦ୍ରବ୍ୟ ଭସ୍ମସାତ୍ ହୋଇଅଛି । କେହି କୁଆଡ଼େ ଅଗ୍ନି ଲଗାଇ ଦେଇଥିବାର କଥିତ ହୁଅଇ । ପୁଲିସ ତଦନ୍ତ କରୁଅଛନ୍ତି । କେହି ଧରାପଡ଼ି ନାହିଁ ।

ଗତ ଶୁକ୍ରବାର ପ୍ରଭାତରେ ମଙ୍ଗଳାଘାଟ ନିକଟସ୍ଥ ଗୋଶାଳାହିର ଏକ ଗୋଶାଳାଗାମୀ ସ୍ତ୍ରୀ ଗୃହରୁ ବାହାର ଜଳ ଅଣିବା ସମୟରେ ଏକ ଗଧିଆବାଘ ହଠାତ୍ ତାହାକୁ ଆକ୍ରମଣ ପୂର୍ବକ କାମୁଡ଼ି କ୍ଷତ ବିକ୍ଷତ କରିବାରୁ ସେ ସ୍ତ୍ରୀର ଚିତ୍କାରରେ ଗ୍ରାମ୍ୟ ଗୋଶାମାନେ ଆସି ଉକ୍ତ ଗଧିଆକୁ ମାରି ପକାଇଲେ । କିନ୍ତୁ ସେ ସ୍ତ୍ରୀ ମୁମୂର୍ଷୁ ଅବସ୍ଥାରେ ପଡ଼ିଅଛି ।

ପୁନାବାସୀ ଏକ ସର୍କସ୍କୋମ୍ପାନି ଦଳ ଏଠାକୁ ଆସି ଗତ ତା ୧ ଋଖଠାରୁ ପ୍ରତିଦିନ ଜଗନ୍ନାଥବଲ୍ଲଭ ସାମନାରେ ମନୁଷ୍ୟ ଏବଂ ଘୋଡ଼ା, ବ୍ୟାଘ୍ର, ହସ୍ତି, ବାନର ପ୍ରଭୃତି ପଶୁପକ୍ଷୀମାନଙ୍କଦ୍ୱାରା ନାନାବିଧ ସର୍କସ ଦେଖାଉଅଛନ୍ତି ।

ଜ୍ୱରର ବିରାମ ନାହିଁ । କେହି କେହି ଏହି ରୋଗରେ ମୃତ ହେଉଅଛନ୍ତି । ଏପରି ଜ୍ୱର ପୂର୍ବରେ କେବେ ଦେଖା ନ ଥିଲା ।

ବର୍ତ୍ତମାନ ପୁରୀ ରାଜାଙ୍କ ଶରୀର ବିଶେଷ ପୀଡ଼ିତ ଅଛି, ଈଶ୍ୱର ରାଜାଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ।

ହେମନ୍ତ ଶୀତ ପଡ଼ୁଅଛି ଏବଂ ସମୟେ ସମୟେ ଅସହ୍ୟ ଉତ୍ତରପବନ ବହୁଅଛି ।

## ପ୍ରେରିତପତ୍ର

### ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

ମହାଶୟ !

କଟକ ଅରୁଣୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କର ଗଣିତ ବର୍ଷର ପଞ୍ଜିକା ଖଣ୍ଡିଏ ଦେଖୁଁ ନିମ୍ନଲିଖିତ ବିଷୟ ଗୁଡ଼ିକ ଦୃଷ୍ଟିଗୋଚର ହେବାରୁ ତହିଁରେ ମୋହର ସନ୍ଦେହ ଜନ୍ମିଲା, ସେହି ସନ୍ଦେହ ମୋଚନାର୍ଥେ ସେହି ବିଷୟ ଗୁଡ଼ିକ ଆପଣଙ୍କ ପତ୍ରିକାରେ ପ୍ରକାଶ କରିବା ଲାଗି ପ୍ରାର୍ଥନା କରୁଅଛି । ଯଥା;

୧ମ—ଆଗାମୀ ଧନୁମାସର ପ୍ରଥମଙ୍କରେ ରବି ଧନୁରେ ନ ଥାଇ ବିଛାରେ ଏବଂ ମକର ମାସର ପ୍ରଥମାଙ୍କରେ ରବି ମକରରେ ନ ଥାଇ ଧନୁରେ ଅଛନ୍ତି । ଏହା ପ୍ରକୃତ କି ନା ? ଯେବେ ଏହା ପ୍ରକୃତ ହୋଇଥାଏ ତେବେ ଯେଉଁମାନେ ଧନୁ ଓ ମକର ମାସରେ ଜନ୍ମଗ୍ରହଣ କରିବେ ସେମାନଙ୍କ ଜାତକ ପତ୍ରରେ ରବି କେଉଁ ସ୍ଥାନକୁ ଅଧିକାର କରିବେ ତାହା ଜ୍ୟୋତିର୍ବିଦ୍‌ମାନେ ପ୍ରମାଣ ସହିତ ଆପଣଙ୍କ ପତ୍ରିକାରେ ପ୍ରକାଶ କଲେ ସନ୍ଦେହ ଦୂର ହେବ ।

୨ୟ—ମାଘ ଦି ୧୨ ନ ବୃହସ୍ପତି ବୃଶ୍ଚିକ ରାଶିକୁ ପ୍ରାପ୍ତ ହେଉଅଛନ୍ତି, କିନ୍ତୁ ମାଘ ଦି ୧୮ ନ କର୍ଣ୍ଣବେଧ ଓ ବିଦ୍ୟାରମ୍ଭ, ମାଘ ଦି ୧୮।୨୩।୨୮ ନ ଦେବତାଗଠନ ଆଦି ଏକ୍ଷୟର ଶୁଭକର୍ମ ହେବାର ସାମନ୍ତଙ୍କ ପଞ୍ଜିକାରେ ଉଲ୍ଲେଖଅଛି ।

୩ୟ—ଫାଲ୍‌ଗୁନ ଦି ୧ ନ ଠାରୁ ଶୁକ୍ରାଦିତ୍ୟ ହେଉଅଛି କିନ୍ତୁ ଫାଲ୍‌ଗୁନ ଦି ୨୩ ନ ଚୂଡ଼ାକର୍ମ, ଦେବତାଗଠନ ଓ ଜଳାଶୟାରମ୍ଭ ଆଦି କେତେକ ଶୁଭକର୍ମର ଉଲ୍ଲେଖ ଅଛି, ଯାହା କି ଅସ୍ତ ଜାଣିବାରେ ନିମ୍ନଲିଖିତ ବାକ୍ୟମାନଙ୍କ ବିରୁଦ୍ଧ ଅଟେ ।

ବୃଷେ ଚିନ୍ନବଞ୍ଜରଗତେ ଯତ୍ର ଜୀବସ୍ତନୁ
ଶୁକ୍ରୋହସ୍ତଗଃ ଶୁଭକରେଷୁ ଗୁରୁସ୍ତ ସିଂହେ
ଜାଉତ୍ୟେ ବ୍ରତ ବିବାହ ଗୃହପ୍ରତିଷ୍ଠା
ଯୌରାଦିକର୍ମ ଗମନାଗମନଂ ଚ ଧୀରୈଃ ।

ଅପିଚ

ଗୁର୍ବାଦିତ୍ୟେ ଗୁରୌ ସିଂହେ ଶୁକ୍ରେ ନଷ୍ଟେ ମଳିମ୍ଲୁଚେ । ସାମ୍ୟାୟନେ ହରୌ ସୁପ୍ତେ ସର୍ବଂ କର୍ମାଣି ବର୍ଜୟେତ୍ ।

ଯେବେ ଏହି ବାକ୍ୟମାନଙ୍କ ଖଣ୍ଡନ କରି ଅନ୍ୟ କୌଣସି ବାକ୍ୟର ସାହାଯ୍ୟରେ ସାମନ୍ତଙ୍କ କୃତ ପଞ୍ଜିକାରେ ଉଲ୍ଲେଖ ହୋଇଥାଏ ତାହ ପ୍ରକାଶ୍ୟ ପତ୍ରିକାରେ ଜଣାଇଲେ ସନ୍ଦେହ ଦୂର ହେବ । ଇତି ।

ଆପଣଙ୍କର
ଶ୍ରୀ—ଶର୍ମ୍ମା

To The Editor of Utkal Dipika

Dear Sir,

Is it not our duty, I mean of the Uriyas and Bengalis to convene a meeting and send a message of condolence to the bereaved family of the late Lieutenant Governor?

There is no life in Orissa it is sometimes said. To one in and of the country, the remark does not appear to be much wide the truth. But is not, what I propose a duty sacred enough to call for a fulfilment? Was not Sir John Woodburn interested in Orissa? He became a victim to the fatal disease soon often his return from here. Who can say that the drenching he got at Bhuvaneswar had not its fair share in his illness? Our patriots would not allow Lord Curzon to repair the temples, but I hope, they have heart enough to condole, when they see a Governor taking so much interest in their objects of neglectful reverence, as to have given them a visit at the risk of his own health and ultimately his life. I would raise a memorial fund, if I could, but as this is not likely, we ought, at least, to meet in spite of our creed and caste and express a feeling of sorrow for the loss of a good man and a good Governor. We ought not to judge a high official by the scale of official favours shown. Even if we did, Sir John would not be found wanting so far as Orissa is concerned. Bengalis and Uriyas ought to join hands in my proposal and I need hardly say that honour to the dead is an honour to ourselves.

28-11-02

Yours faithfully
An Uriya

☞ Message of condolence was sent in time by the Orissa Association and duly acknowledge *Ed.*

### ସନ ୧୯୦୨ ମସିହା ମଧ୍ୟଇଂରାଜୀ ବୃତ୍ତି ପରୀକ୍ଷାର ଫଳ ।

| ନମ୍ବର | ଛାତ୍ର ନାମ | ସ୍କୁଲର ନାମ | ଜିଲା ବା ନଗ |
|---|---|---|---|
| | ୧ମ ଶ୍ରେଣୀ ପାରଦର୍ଶିତାନୁସାରେ | | |
| ୧ | ହରେକୃଷ୍ଣ ସାମନ୍ତ | ତଙ୍ଗିଆ | କଟକ |
| ୨ | ଅଟଳବିହାରୀ ଆଗର୍ଯ୍ୟ | ଖଲଗିର | ଗଡ଼ଜାତ |
| ୩ | ରାଧାଶ୍ୟାମ ମହାନ୍ତି | ତଙ୍ଗିଆ | କଟକ |
| ୪ | ଗୁରୁପ୍ରସାଦ ଦାସ | ଖଲଗିର | ଗଡ଼ଜାତ |
| ୫ | ନିତ୍ୟାନନ୍ଦ ଦାସ | ଦେହୁରୁଡ଼ା | ବାଲେଶ୍ୱର |
| ୬ | ରସୁଲବକ୍ସ | ପଟ୍ଟାମୁଣ୍ଡେଇ | କଟକ |
| ୭ | ସୁଦର୍ଶନ ମହାନ୍ତି | ନିମାପଡ଼ା | ପୁରୀ |
| ୮ | ଘନକୃଷ୍ଣ ପାଲ | ବାଇବାଟି | ବାଲେଶ୍ୱର |
| ୯ | ମାଢ଼ଶ୍ରେଷ୍ଠ ମିଶ୍ର | ଡେଲଙ୍ଗ | ପୁରୀ |
| | ୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନିମ୍ନେ:— | | |
| ୧ | ମଧୁସୂଦନ ଷଡ଼ଙ୍ଗୀ | ବଡ଼ଚଣା | କଟକ |
| ୨ | କୃଷ୍ଣଚନ୍ଦ୍ର ବଳ | ” | ” |
| ୩ | ମହେନ୍ଦ୍ର ବହିର ସିଂ | କୋଠପଦା | ” |
| ୪ | ଚୌଧୁରୀ ଗୋପୀନାଥ ନନ୍ଦ | ଜାଜପୁର ମେଟ୍ରିକାୟ୍ | ” |
| ୫ | ହାଡ଼ିବନ୍ଧୁ ପଣ୍ଡା | ଗୌଡ଼ା | ” |
| ୬ | ଯଶୋଦାନନ୍ଦ ପଟ୍ଟନାୟକ | କଟକ ମିଡ଼ିଲ | ” |
| ୭ | ଶ୍ୟାମବନ୍ଧୁ ନନ୍ଦୀ | ” | ” |
| ୮ | ଯଶୋଦାଚରଣ ଦାଶନ୍ଦ୍ରୋ | ପ୍ରୋଟେଷ୍ଟାଣ୍ଟ କାଥଲିକ | ” |
| ୯ | କୃଷ୍ଣଚନ୍ଦ୍ର ମହାପାତ୍ର | ରୋମାନ୍ କାଥଲିକ | ” |
| ୧୦ | ଇଶାନନ୍ଦ ସାହୁ | ବାଲିହେବ | ” |
| ୧୧ | ପ୍ରିୟନାଥ ଦାସ | ” | ” |
| ୧୨ | ଲୋକନାଥ ଲଲିତ | ” | ” |
| ୧୩ | ଜଗନ୍ନାଥ ଶତପଥୀ | ଢଙ୍କା | ” |
| ୧୪ | ଜଗବନ୍ଧୁ ଚୌଧୁରୀ | ପଟ୍ଟାମୁଣ୍ଡେଇ | ” |
| ୧୫ | ବୃନ୍ଦାବନ ମହାନ୍ତି | ” | ” |
| ୧୬ | ନିତ୍ୟାନନ୍ଦ ତ୍ରିପାଠୀ | ” | ” |
| ୧୭ | ରାମଚନ୍ଦ୍ର ଦାସ | ଯଜ୍ଞବାଟ | ” |
| ୧୮ | ଜଗତବନ୍ଧୁ ଦାସ | କେନ୍ଦ୍ରାପଡ଼ା | ” |
| ୧୯ | ଜଣାଦନ ପଟ୍ଟନାୟକ | ” | ” |
| ୨୦ | ରାମଚନ୍ଦ୍ର ମହାନ୍ତି | ” | ” |
| ୨୧ | କାଳକୃଷ୍ଣ ଦାଶନ୍ଦ୍ରୋ | ବାଲିକୁଦା | ” |
| ୨୨ | କେଶବଚନ୍ଦ୍ର ଦାସ | ତଡ଼ିପୁର | ” |
| ୨୩ | ମଧୁସୂଦନ ବରାଳ | କୁଆଁଣ | ” |
| ୨୪ | ରଘୁନାଥ ଦାସ | ନିମାପଡ଼ା | ପୁରୀ |
| ୨୫ | ଭାଗୀରଥି ମିଶ୍ର | କରଞ୍ଜିଶାସନ | ” |
| ୨୬ | ବଳଭଦ୍ର ମିଶ୍ର | ” | ” |
| ୨୭ | ମହାଦେବ ରଥ | ” | ” |
| ୨୮ | ଗୌରାଙ୍ଗ ଦତ୍ତ | ଡେଲଙ୍ଗ | ” |

Digitized by srujanika@gmail.com

Split by PDF Splitter



୨୯ ପ୍ରବୋଧଚନ୍ଦ୍ର ସରକାର ବାରବାଟୀ ବାଲେଶ୍ୱର
୩୦ କୃଷ୍ଣନାଥ ଦାସ ,, ,,
୩୧ ମୋହନମୋହନ ଦାସ ଭିକ୍ଟୋରିଆ ସ୍କୁଲ ,,
୩୨ ଅଭିଳାସ ଚନ୍ଦ୍ର ଦାସ ,, ,,
୩୩ ଭରତ ବେହେରା ସୋରୋ ,,
୩୪ ସେକ ଅବଦୁଲ ଅଜିଜ ଗୁଡ଼ଗାଲି ,,
୩୫ ଗୋପୀନାଥ ମିଶ୍ର ଢେଙ୍କାନାଳ ହାଇଃ ଗଡ଼ଜାତ
୩୬ ନାଡୁଚରଣ ମହାପାତ୍ର କୁଆଁମରା ,,
୩୭ ଭଗବାନପ୍ରସାଦ ରାଉତ ,, ,,
୩୮ ଚିନ୍ତାମଣି ସାହୁ ବଡ଼ଲଡା ,,
୩୯ ଚୈତନ୍ୟପ୍ରସାଦ ମାଝି ,, ,,
୪୦ ରଘୁନାଥ ମହାପାତ୍ର ମାଲଗିରି ,,
୪୧ ଚନ୍ଦ୍ରଶେଖର ପଣ୍ଡା ଆନନ୍ଦପୁର ,,
୪୨ ଦୟାନିଧି ପାତ୍ର ,, ,,
୪୩ ରଘୁନାଥ ମହାପାତ୍ର ,, ,,

୩ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେ :—
୧ ଜଗନ୍ନାଥ ସିଂହ କୋଠପଦା କଟକ
୨ ଦାମୋଦର ଶତପଥୀ କଟକ ମିଡ଼ଲ ,,
୩ ଆନନ୍ଦଚନ୍ଦ୍ର ରାଉ ,, ,,
୪ ସୁରେନ୍ଦ୍ରନାଥ ଘୋଷ ,, ,,
୫ ଭାଗୀରଥୀ ପଣ୍ଡା ,, ,,
୬ ଦୁର୍ଗାମାଧବ ତ୍ରିପାଠୀ ରେମାନ କାଥଲିକ ,,
୭ ବଉଶାନନ୍ଦ ମହାନ୍ତି ଟାଉନ ଭିକ୍ଟୋରିଆ ହାଇଃ କଟକ
୮ ଗଙ୍ଗାଧର ମିଶ୍ର ବରେଇ ,,
୯ ଲୋକନାଥ ଦାସ ,, ,,
୦ ମଦନମୋହନ ମହାନ୍ତି ଫକୀରାବାଦ ,,
୧ ହରେକୃଷ୍ଣ ପରିଜ ଜଗତପୁର ,,
୨ ମଧୁସୂଦନ ମଠ ହରଚଣ୍ଡୀସାହି ପୁରୀ
୩ ବଳୋଦ୍ଦବଦାସ ପଟ୍ଟନାୟକ ,, ,,
୪ ମାଲତଣ୍ଡ ମିଶ୍ର ଢେଙ୍କାଙ୍ଗ ,,
୫ ବାଞ୍ଛାନିଧି ଜଗଦେବ ଭୁବନେଶ୍ୱର ,,
୬ ଅବଦୁଲ ଅଜିଜ ଖାଁ ବହ୍ରାନ ମାଡ୍ରାସା ବାଲେଶ୍ୱର
୭ ସୁରେନ୍ଦ୍ରନାଥ ରାୟ ଦେହୁରଡ଼ା ,,
୮ ଜୟକୃଷ୍ଣ ପତି ଦୋଲସାହି ,,
୯ ପଙ୍କଜ ପତି ,, ,,
୦ ଭାନୁଅଲ ପଦ୍ମ ଗୁଡ଼ବାଲି ,,
୧ ପଦ୍ମନାଭ ମିଶ୍ର ଢେଙ୍କାନାଳ ହାଇଃ ଗଡ଼ଜାତ
ରାମଚନ୍ଦ୍ର ବେହେରା ବଡ଼ଲଡା ,,

କେବଳ ଇଂରାଜୀ ସାହିତ୍ୟରେ ଉତ୍ତୀର୍ଣ୍ଣ ।
ଲମୋହନ୍ ଦାସ ପିମେଲ ଅର୍ଫେନେଜ କଟକ
ରୁଥମଣି ଦାସ ,, ,,
ଶ୍ରୀମୁଖୀ ସୁନ୍ଦରୀ ,, ,,
ଇସିଡ଼ାନନ୍ଦ ଦାସ କଲ୍ୟାଣପୁର ,,
ଉପେନ୍ଦ୍ରନାଥ ଜଗଦେବ ଭୁବନେଶ୍ୱର ପୁରୀ
ସେକ ବସିରୁଦ୍ଦିନ ଠାମନଗର ବାଲେଶ୍ୱର
ପ୍ୟାରୀଶ୍ୟାମ ରାୟ ଦୋଲସାହି ,,
ଜନ୍ମେଶ୍ୱର ମିଶ୍ର ଢେଙ୍କାନାଳ ହାଇଃ ଗଡ଼ଜାତ
ଜଗନ୍ନାଥ ପଟ୍ଟନାୟକ ,, ,,

ନିମ୍ନଲିଖିତ ଛାତ୍ରମାନେ ମଧ୍ୟଇଂରାଜୀ ପରୀକ୍ଷା ଦେଇ ମଧ୍ୟଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି;—

୧ମ ଶ୍ରେଣୀ
୧ ରଘୁନାଥ ମହାପାତ୍ର ଭୁବନେଶ୍ୱର ପୁରୀ
୨ ଚୈତନ୍ୟ ଦାସ ତାଳପୁର ମେଟ୍ରୋପ କଟକ

୨ୟ ଶ୍ରେଣୀ
୧ ମଧୁସୂଦନ ସାମଲ ମହାସିଂହପୁର କଟକ
୨ ବ୍ରଜବନ୍ଧୁ ପତି ,, ,,
୩ ନୀଳମଣି ସାହୁ ଜଗତପୁର ,,
୪ ସଦାନନ୍ଦ ତ୍ରିପାଠୀ କୁଆଁଗାଁ ,,
୫ ସଦାଶିବ ମହାନ୍ତି ନିମାପଡ଼ା ପୁରୀ
୬ ରଣଜିତ ସିଂହ ଗୁଡ଼ବାଲି ବାଲେଶ୍ୱର

୩ୟ ଶ୍ରେଣୀ
୧ ସେକ ଅଲମ୍ ଉଦ୍ଦିନ ମହାସିଂହପୁର କଟକ
୨ ଶ୍ରୀନାଥ ମହାନ୍ତି ବନ୍ଧୁଗ୍ରାମ ,,
୩ ସକରୁଲ ହକ ତାଳପୁର ମେଟ୍ରୋପ ,,
୪ ସେକ କାସମ ବକ୍ସ ବାପ୍ଟିଷ୍ଟ ଜେନେରଲ ,,
୫ ଗୋପାଳଚନ୍ଦ୍ର ଦାସ ବାହାର ଛକ ,,
୬ ସୁଦର୍ଶନ ମହାନ୍ତି ହରଚଣ୍ଡୀସାହି ପୁରୀ
୭ ବୈଷ୍ଣବଚରଣ ରାଏ ବାହାର ଛକ ,,
୮ ଭୁବନେଶ୍ୱର ମିଶ୍ର ବାସୁଦେବପୁର ବାଲେଶ୍ୱର
୯ ମଥୁରାମୋହନ ମହାନ୍ତି ,, ,,
୧୦ ବାଳକୃଷ୍ଣ ଧୂପାଲ ଭଦ୍ରକ ,,

Cuttack
2—12—1902

HERBERT A. STARK
*Inspector of Schools,*
Orissa Division

## ମୂଲ୍ୟପ୍ରାପ୍ତି ।

| | |
|---|---|
| ରାଜା ଖଣ୍ଡଅଳ | ଟ ୩ |
| ବାବୁ ବଇକୁଣ୍ଠନାଥ ଖଣ୍ଡାୟତ | ଟ ୨ |
| ,, ତରଣାମିସଣ୍ଡା ମହନ୍ତ ରଘୁନାଥ ଗୁମ୍ଫିଆ ପୁରୀ | ଟ ୨ |
| ,, ସାମନ୍ତ ରାଜାବଲ୍ଲଣ ଦାସ ସୁନହଟ ବାଲେଶ୍ୱର | ଟ ୩ |
| ମୁନସିର୍ଫ୍ୟାହାରୁନ କଟକ | ଟ ୧ |


## ବିଜ୍ଞାପନ ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*


ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସଦନପଉନିଭସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ୮୦/ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।
ଚୁଡ଼ାହାଟ, କଟକ ।


## NOTICE.

Wanted a Copyist for the office of the Manager of Baramba to issue copies to parties in suits. None need apply who does not know English and can not write a legible hand. He is to be remunerated from the fees realized on the account. Applications to be received by the undersigned up to the 15th December next.

Baramba Manager's office
Dated the 22nd November 1902.

M. M. Patnaik
*Manager.*

## ଏଇଚ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ          ଏଇଚ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।


ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତ୍ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ ହାଣ୍ଡିହାଉସ (ପାଉଣ୍ଡ) ସନ ୧୯୦୨ ମସିହା ଡିସେମ୍ବର ମାସ ତା ୧୬ରିଖ ଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ବ ୧।୪ ମାସ କାଳନିମନ୍ତେ ସନ ୧୯୦୨ ମସିହା ଡିସେମ୍ବର ମାସ ତା ୧୬ ରିଖ । ମୁ । ସନ ୧୩୧୦ ସାଲ ପୌଷ ମାସ ବ ୨ ଦିନ ଘ ୧୨ ଟା ସମୟରେ କଟକ ସହର ଲୋକେଲ-ବୋର୍ଡ଼ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୂରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମ ଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜମାର ଚତୁର୍ଥାଂଶ ଜାମିନ ସ୍ୱରୂପ ନଗଦରେ ଦାଖଲ କରିବେ ଓ ବାକି ଜମାର ନିରୂପିତ କିସ୍ତି

Digitized by srujanika@gmail.com

ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ହେଲେ ତହିଁର ଯେ ଯଦ ହେବ ତାହା ତୁଟି-ଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗୃହିତା ନିର୍ଦ୍ଦିଷ୍ଟ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସିକିମତେ କବୁଲିୟତ ଲେଖିଦେଇ ରେଜିଷ୍ଟ୍ରି କରି ଦେବେ । ଉପରୋକ୍ତ ନିଲାମଗାଡ଼ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି ଡାକିବା ଉପସ୍ଥିତ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ ତାହାର ଉପାଙ୍କଟ ନବରା' କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାଇ ବନ୍ଦୀ କରାଯିବ ।

ଥାନା କଟକ
୧ । ତେଲଙ୍ଗାପେଣ୍ଠ
୨ । ଲହରକଣ୍ଡା
୩ । ବାଙ୍କ
୪ । ପାଥପୁର
୫ । ଟାଙ୍ଗି
୬ । ଓଶାପଡ଼ା

ଥାନା ବାଙ୍କୀ
୧ । ଭର୍ତ୍ତିଡା
୨ । ତୁଲସୀପୁର
୩ । ପଥୁରିଆପଡ଼ା
୪ । କଳାପଥର
୫ । ବୈଦେଶ୍ୱର
୬ । ସୁବର୍ଣ୍ଣପୁର
୭ । ଶୋଲପୁର
୮ । ଉଚିପୁର

ଥାନା ଜଗତସିଂହପୁର
୧ । ବାଲିଆ
୨ । ହଣ୍ଡାଉସାହି
୩ । ଗୋବିନ୍ଦପୁର
୪ । ଜଗତସିଂହପୁର
୫ । ଝିଉଲେ
୬ । ନଅଲୀ
୭ । ମାଧବ
୮ । କନିସିପୁର
୯ । ସୁନ୍ଦରୀ
୧୦ । ଉଦ୍ଦନାଥପୁର
୧୧ । ବାଲିକୁଦା

ଥାନା ତର୍ତ୍ତୋଲ
୧ । ଝିଙ୍କିଡ଼ ଜୟପୁର
୨ । କନକପୁର
୩ । ନୟାପାଟଣା
୪ । ପଙ୍କପାଲ
୫ । ଅନନ୍ତପୁର

ଥାନା ସାଲେପୁର
୧ । ପଦ୍ମପୁର
୨ । ବଣମାଥପୁର
୩ । ମୌଦା
୪ । କୁହୁଣ୍ଡୀ ଯଦୁପୁର
୫ । ଖଣ୍ଡୋଳ
୬ । ସବଲକଣା
୭ । ଗମ୍ଭୁଲେଶ୍ୱର
୮ । ସାନ୍ତରାପୁର
୯ । କଇଁସପୁର
୧୦ । କଲେନ୍ଦ୍ରପୁର
୧୧ । କଲେଶ୍ୱରପୁର
୧୨ । ଗୌଡ଼ଗୋପ

M, Das
V. Chairman.


## ବିଜ୍ଞାପନ ।

TRADE MARK W. MAJOR & CO'S MEDICAL LABORATORY CALCUTTA REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି
"ଇଲେକ୍‌ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରି କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା —ନିଜ ଗୁଣରେ ଉଚ୍ଚସ୍ଥା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଗଣି ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨୧ ମାତ୍ର ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ ଜୀବନର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୀତ ହେଉଥିବା କି ସ୍ୱଦେଶୀ କି ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ ରୋଗକୁ ଚାପି ରଖେ ବିନ୍ତୁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା, ଓ ସୂକ୍ଷ୍ମୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧଗୁଡ଼ିକ ଜଗତରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଅଧିକ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହାସପାତାଲରେ ଉପଯୁକ୍ତ ରୋଗୀଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସୁଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କୁଷ୍ଠବାତ, ଅସ୍ଥି ଗଣ୍ଠି ଫୁଲିବା ଭୁକ୍ତରେ ହୋଇ ଫୁଲ ଉଠିବା, ଲୁଣ୍ଠିଅଣ, ଝୁଲ ଗରମି ଓ ପାରର ଘା, ନାଲ ଓ କାଉର ଘା ଦେହରେ ବା ହସ୍ତ ଓ ପଦ ତଳରେ ଯାଇ ଗରମିର ସାଦା ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ,ଯନ୍ତ୍ରଣାଦି ପୁଣି ପାପ ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।


Digitized by srujanika@gmail.com

Split by PDF Splitter



ଇଲେକ୍ଟ୍ରୋସାଲସା।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ରକାଳର ଶୁକ୍ର ବା ପୂଜ-ରକ୍ତ ପଡିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ନାୟୁଶକ୍ତି ହୀନ, ମୁଣ୍ଡ ଘୁରାଇବା, ଚକ୍ଷୁର ଅସ୍ଥିରତା, ନିର୍ବୀଜପ୍ରସୂତା, ତନ୍ଦ୍ରା କରିବାକୁ ଅସମର୍ଥତ ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକ୍ଟ୍ରୋ ସାଲସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ! ଶରୀରର ଓଜନ କ୍ରମେ ବଢ଼ିଥିବ।

ଇଲେକ୍ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

ବିଶେଷ ଦ୍ରଷ୍ଟବ୍ୟ;—ସୁଧା ଭ୍ରମରେ ବିଷ କ୍ରୟ କର ନାହିଁ! ଅସାର ଆଡ଼ମ୍ବର ପୂର୍ଣ୍ଣ କଳ୍ପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ!!

“ଇଲେକ୍ଟ୍ରୋ ସାଲସା” ଭୁମ୍ବ ରୋଗର ପ୍ରକୃତ ଔଷଧ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର ହିଁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉ ଅଛନ୍ତି-ସେମାନଙ୍କର ଓ ଅସଂଖ୍ୟ ଦୂର-ଦେଶବାସୀ ରୋଗୀଙ୍କ ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗବର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ରେଜିଷ୍ଟ୍ରାରୀଭୁକ୍ତେ ରେଜିଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ “ମେଜର—କଲିକତା” ଲେଖିଲେ ଶୀଘ୍ର ତାହା ଆମ୍ଭ ଅଫିସରେ ପହଞ୍ଚିବ।

ଇଲେକ୍ଟ୍ରୋ ସାଲସାର;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା। ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—“ଡବ୍ଲିଉ,ମେଜର ଏଣ୍ଡ କୋମ୍ପାନୀ,” କଲିକତା।

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ।

ଏହିପରି ଆଦର୍ଶ “ଟ୍ରେଡ଼ମାର୍କ” ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମତାଉକୁ ଧରାଇ-ଦେଇ ପ୍ରାମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ।

W. MAJOR & CO'S MEDICAL LABORATORY CALCUTTA — TRADE MARK

ଅମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାପଣ୍ଡିତ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ;—
“ଇଲେକ୍ଟ୍ରୋ ସାଲସା”



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ। ଏହାର ଗୁଣ,ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅବ୍ୟର୍ଥ। ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର!

ଇଲେକ୍ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ କରିବାକୁ ଶୀର୍ଷ ମାନିକ ଦେଖିଲେ ଏହାର ଆଶ୍ଚର୍ଯ୍ୟ କିମ୍ବା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏଁ ଯେମନ୍ତ ଶରୀରାଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା ଚୁମ୍ବକ ଚୋଡ଼ବଣ! ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ!!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ତଡ଼ିତ ଶକ୍ତିର ଜୀବନୀ ଶକ୍ତିହିଁ ପ୍ରକୃତର ଜୀବନ। ତଡ଼ିତ ବ୍ୟତୀତ ପ୍ରକୃତରେ ସଞ୍ଜୀବନୀ। ଏପରି ତଡ଼ିତ ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଅଛି ସନ୍ଦେହ କଅଣ?

ପାଶ୍ଚାତ୍ୟ ଶାସ୍ତ୍ରଜ୍ଞଙ୍କ ପଣ୍ଡିତମାନେ ବୋଲନ୍ତି, ବାଲ୍ୟ ବ୍ୟସନର କୁହୁକଜାଳରେ ଓ ସ୍ୱାସ୍ଥ୍ୟରକ୍ଷାର ଅଜ୍ଞାନରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହେବାରୁ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ। ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ। ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ତଡ଼ିତର ସମତା ରକ୍ଷା ହୋଇ ନ ପାରେ। ତଡ଼ିତ ଶକ୍ତିସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ; ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରାଇ ବାତ, ପକ୍ଷାଘାତ, ସ୍ନାୟୁଦୌର୍ବଲ୍ୟ ପ୍ରଭୃତି କେତୋଟି କଷ୍ଟକର ରୋଗ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି। ଫଳରେ ତହିଁର କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ଚିକିତ୍ସକ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ। ଅଧୁନା ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ବଞ୍ଚିତର ମହତ୍ୱଶୀ କ୍ଷମତା ଦ୍ୱାରା ଡାକ୍ତର ମେଜର ତାଡ଼ିତଶକ୍ତିର ଆଭ୍ୟନ୍ତରିକ ପ୍ରୟୋଗାର୍ଥେ ତାହାକୁ ବନସ୍ପତି ଭେଷଜ ବୀର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଜନ କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅତ୍ୟନ୍ତ ଆରୋଗ୍ୟ ସାଧନ କରି ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି।

ଆଉ କାହାକୁହିଁ ଅପଥ୍ୟ ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାକୁହିଁ ରୋଗଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାବ୍ୟକ୍ତିଙ୍କୁ, ଏହି ବୈଦ୍ୟୁତିକ ସଞ୍ଜୀବ “ଇଲେକ୍ଟ୍ରୋ ସାଲସା” କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁଣି ଫେରିପାଇବ।

ରକ୍ତପିତ୍ତର ଦୁଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି ସା, ନାଲିଘା, ଗାତ୍ରକଣ୍ଡୁ, ଦାଦ୍, ଖୁଜ, ଗଣ୍ଡମାଳା, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ତ ଜଳିବା, ମୁଣ୍ଡ ବୁଲାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ କଷ୍ଟକ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ।

ବିଶେଷ ବିବରଣ ପୁସ୍ତିକା ବିନା ମାଗଣାରେ ଦେଉ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତିଶିଶି ଟ ୧।୯, ୩ ଶିଶିକୁ ଟ ୫୷, ୬ ଶିଶିକୁ ଟ ୧୦୷, ଡଜନକୁ ଟ ୨୦୯ ମଫସଲକୁ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତିଶିଶିରେ ଟ ୦।୵, ୩ ଶିଶିରେ ଟ ୦୷୵, ୬ ଶିଶିରେ ୷୵, ଡଜନରେ ଟ ୧।୵।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ
Calcutta } କଲିକତା।

TELEGRAPHIC ADDRESS,
“MAJOR” Calcutta

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏ, ଏଚ୍, ଏସ୍, ଏଣ୍ଡ ଚୋଙ୍ଗାନ ।

### ଆର୍ଯ୍ୟଶଙ୍କର ଔଷଧାଳୟ ।

**ଶାନ୍ତିବାଣ ସୁଧା**
ଅବା
**ଶାନ୍ତିବାଣ ସୁଧା ବଟିକା ।**

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ ଜ୍ୱର, ସବିରାମ ଜ୍ୱର, ମାଲେରିୟା ଜ୍ୱର, ଯକୃତ ଓ ପ୍ଲୀହାସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

ମୂଲ୍ୟ ବଡ ବୋତଲ ଟ ୧୲
„ ଛୋଟ „ ଟ ୦।୵
ମୂଲ୍ୟ ବଡ ଫରୁଆ ଟ ୧୲
„ ଛୋଟ ଟ ।୵

**ଶକ୍ତି ସଞ୍ଚାରଣୀ ସାଲସା ।**

ଏହା ସବୁ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି ଧରାବନ୍ଧା ନିୟମ ନାହିଁ । ଭଲ ଦେହଲ ଲୋକେ ଯେରୂପ ସ୍ୱାଭାବିକ କାର୍ଯ୍ୟ କରୁଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ କରି ପାରନ୍ତି । ଏହା ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ୟ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା କ୍ଷତିକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧।। ଡାକମାଶୁଲ ଟ ୦।୵

**କ୍ଷତ ହରଣ ।**

ଏହା ତିନ ଚାରି ଦିବସ ବ୍ୟବହାରରେ ଉତ୍ପାତକ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାରଜନିତ ଚର୍ମରୋଗ ଓ ନାଲିଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଅଇ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍ସର ମୂଲ୍ୟ ଟ ୦୲ ଡାକମାଶୁଲ ଟ ୦

**ଦଦ୍ରୁ ବିଲୋଚନ ।**

ଏହା ନୂତନ ଓ ପୁରାତନ ସର୍ବପ୍ରକାର ଦଦ୍ରୁ (ଯାଦୁ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

**ବାତ ରୋଗର ସ୍ପେସିଫିକ**
**ବିଷ୍ଣୁତୈଳ ।**

ଏହା ଆମବାତ ରୋଗର ନାଶକ ଔଷଧ ।

ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା କଟିସ୍ଥଳର ପୀଡ଼ା ଆରୋଗ୍ୟ କରିବାରେ ଆଶ୍ଚର୍ଯ୍ୟ ଜନକ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତି ଶିଶି ଟ ୦୲ ଡାକମାଶୁଲ ଟ ୦।୵
ଭି, ପି, କମିସନ ଟ ୦୵

**ଶଙ୍କର-ସୁଧା ।**

ମେହ ରୋଗର ଅବ୍ୟର୍ଥ ମହୌଷଧ । ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ୍ ଔଷଧ ଅଭାବର ଦଶଜଣ ମଧ୍ୟରୁ ନଅଜଣ ଏହି ଉତ୍ପାତକ ରୋଗରୁ କଷ୍ଟ ପାଉଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଉତ୍ପାତକ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହରୋଗ ଓ ତଜ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା ଇକ୍ଷୁମୂତ୍ର, ମୂତ୍ରକୃଚ୍ଛ୍ର ଓ ପ୍ରସ୍ରାବକାଳେ ଶୁକ୍ରର ତରଳତା ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ଋତୁ ରୋଗ ଆରୋଗ୍ୟ କରଇ ।

ମୂଲ୍ୟ ଏକ ଶିଶି ଟ ୧୲ ଡାକମାଶୁଲ ଟ ୦।୵
ଠିକଣା ନ * ମ୍ବର ଲାଲ ଓସ୍ତାଗରସଲେ
ଜିଂପଡା, କଲିକତା ।

## ଫଳେନ ପରିଚୀୟତେ

କବିରାଜ ଶ୍ରୀଚକଡ଼ି କର କବିରତ୍ନଙ୍କର
### ଅନ୍ନପୂର୍ଣ୍ଣା ।
ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

**ବ୍ରାହ୍ମୀ ଘୃତ**

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥୂଳମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ବୁଦ୍ଧିର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୬୲

**ଶୁକ୍ରବର୍ଦ୍ଧକ ବଟିକା ।**

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

**କଳ୍ପତରୁରସାୟନ ।**
( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦ ଦୋଷଜନିତ ଶରୀରରେ କଳା ୨ ଓ ରଙ୍ଗା ୨ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।
ଏକକେ ତିନଶିଶି ନେଲେ ଟ ୪୲ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଚକଡି କର କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨୲
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚା ଟ ୦ ୧ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ ଦେବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରାଳୟରେ [illegible] ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81

4

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭା ୩୭ ଗ / ସଂ ୪୮ ଖ୍ୟା — CUTTACK, SATURDAY THE 13th December 1902, ଦ ୨୯ ନ ମାର୍ଗଶିର ସନ ୧୩୧୦ ସାଲ ଶନିବାର — ଅଗ୍ରୀମ ଟ ୩୧ / ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ ।

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902

Oriya Alphabet and Spelling Book. For Infant Class and Standard I, (*ready*) ... As. 1

Oriya Lower Primary Science Reader (*ready*) ... As. 3

Oriya Lower Primary Arithmetic (*ready*) ... As. 4

Oriya Upper Primary Science Reader (*ready*) ... As. 4

Oriya Upper Primary History Reader (Bengal) (*ready*) As. 3

Oriya Upper Primary Geography Reader (*in a few days*) As. 3

Oriya Upper Primary and Middle Vernacular Arithmetic (*ready*) ... As. 8

Oriya Upper Primary Literature Book (*ready*) ... As. 3

Oriya Upper Primary and Middle Vernacular Practical Geometry and Mensuration (*in a few days*) ... As. 4

Oriya Middle Vernacular Science Reader (*in a few days*) As. 7

Oriya Middle Vernacular History Reader (*ready*) ... As. 4

Oriya Middle Vernacular Literature Book (*ready*) ... As. 6

*For any of these books apply to*

Superintendent,

Orissa Mission Press, CUTTACK.

ଡିରେକ୍ଟର ମହୋଦୟ କର୍ତ୍ତୃକ ଅନୁମୋଦିତ ଭାରତୀୟ ବିଦ୍ୟାଳୟସମୂହର ପାଠୋପଯୋଗୀ ମ୍ୟାକ୍‌ମିଲାନ୍ କମ୍ପାନୀର ପୁସ୍ତକାବଳୀ, ୧୯୦୨ ।

ଓଡ଼ିଆ ବର୍ଣ୍ଣବୋଧ ( ପ୍ରସ୍ତୁତ ଅଛି ) ଟ ୦ ✓

ଓଡ଼ିଆ ନିମ୍ନପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ✓

ଓଡ଼ିଆ ନିମ୍ନପ୍ରାଥମିକ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦ ।

ଓଡ଼ିଆ ଉଚ୍ଚପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ।

ଓଡ଼ିଆ ଉଚ୍ଚପ୍ରାଥମିକ ଐତିହାସିକ ପାଠ ( ବଙ୍ଗଦେଶ ) ପ୍ରସ୍ତୁତ ଅଛି ) ଟ ୦ ✓

ଓଡ଼ିଆ ଉଚ୍ଚପ୍ରାଥମିକ ପରୀକ୍ଷାର ଉପଯୋଗୀ ଭୌଗୋଳିକ ପାଠ (ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ) ଟ ୦ ✓

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦ ୷

ଓଡ଼ିଆ ଉଚ୍ଚପ୍ରାଥମିକ ସାହିତ୍ୟ ପାଠ (ପ୍ରସ୍ତୁତ ଅଛି) ଟ ୦ ✓

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଓଡ଼ିଆ ବ୍ୟାବହାରିକ ଜ୍ୟାମିତି ଓ ପରିମିତି ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦ ।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ବୈଜ୍ଞାନିକ ପାଠ ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦ ।✓

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଐତିହାସିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ଭୌଗୋଳିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ।✓

ଉପରୋକ୍ତ ପୁସ୍ତକ ସବୁ ଓଡ଼ିଶା ମିଶନ ଛାପାଖାନାର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀମାନେ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଆମ୍ଭେମାନେ ତମସୁକ କିମ୍ବା ହେଣ୍ଡନୋଟ କିମ୍ବା ଖାତା କିମ୍ବା ଅନ୍ୟ କୌଣସି ପ୍ରକାର ଦସ୍ତାବିଜଦ୍ୱାରା ଆମ୍ଭର ଜମିଦାର ଶ୍ରୀଯୁକ୍ତ ବାବୁ କାଳୀକୃଷ୍ଣ ସରକାରଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ କସ୍ମିନକାଳେ ଟଙ୍କା ବା ଧାନଆଦି କରଜ କରିନାହୁଁ । କୌଣସି ଲୋକର କୁଲମ ବିଷୟରେ ଆମ୍ଭେମାନେ ଅଦାଲତରେ ନାଲିସ ବିନା କରିଥିବାରୁ ସେ ବ୍ୟକ୍ତି ଆମ୍ଭମାନଙ୍କୁ ଜବଦ୍ କରିବା ମାନସରେ ଆମ୍ଭମାନଙ୍କ ନାମରେ ଜାଲ ଦସ୍ତାବିଜ ପ୍ରସ୍ତୁତ କରିବାର ଉଦ୍ୟୋଗରେ ଥିବାର ଆମ୍ଭେମାନେ ଶୁଣିଲୁଁ ସୁତରାଂ ଏଥିଦ୍ୱାରା ଜଣାଉଅଛୁଁ କି ଯଦି କେହି ଆମ୍ଭମାନଙ୍କର କାହାରି ମାହାଜନ ଥାନ୍ତି ତେବେ ସେ ଏହି ବିଜ୍ଞାପନ ତାରିଖରୁ ସାତଦିନ ମଧ୍ୟରେ ଟଙ୍କା ପ୍ରଭୃତି ଆଦାୟର ବନ୍ଧ ବ୍ୟବସ୍ଥା କରିବେ ନଚେତ୍ ଆମ୍ଭମାନଙ୍କ ନାମରେ କୌଣସି ଦସ୍ତାବିଜ ଭବିଷ୍ୟତରେ ବାହାରିଲେ ଆମ୍ଭେମାନେ ତହିଁରେ ଦାୟୀ ହେବୁଁ ନାହିଁ ।

ତା ୫ ଋଣ ଡିସେମ୍ବର ସନ ୧୯୦୨ ମସିହା ।

ଶ୍ରୀ ଗୋପାଳ ଲେଙ୍କା, ଶ୍ରୀ ଗୋବିନ୍ଦ ଲେଙ୍କା, ଶ୍ରୀ ଉଦାସୀ ମୁଥିଇଁ — ସା । ଜନାର୍ଦ୍ଦନପୁର, ପ୍ର । ଚନ୍ଦ୍ରପୁର, ଜିଲେ କଟକ

ଶ୍ରୀ ରଘୁ ମୁଥିଇଁ, ଶ୍ରୀ ଉଦ୍ଧବ ପରିଡ଼ା — ସା । ପଧାନପଡ଼ା, ପ୍ର । ଘଦପର, ଜିଲେ କଟକ

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ବଙ୍ଗଲାର ଏକଷ୍ଟିଂ ଲେପ୍ଟନାଣ୍ଟ ମାନ୍ୟବର ବୋର୍ଡିଲନ ସାହେବ ଏହି ସପ୍ତାହରେ ରେଭିନ୍ୟୁ ବୋର୍ଡ଼କୁ ଫେରିଯିବାର ଏବଂ ଅନ୍ୟ ଏକଜଣ ସ୍ଥାୟୀ ଲେପ୍ଟନାଣ୍ଟ ନିଯୁକ୍ତ ହେବାର କଥାଉଠିଥିଲା । ମାତ୍ର ବର୍ତ୍ତମାନ ଶୁଣାଯାଏ ଯେ ସେ ଅନ୍ତତଃ ଆସନ୍ତା ମାର୍ଚ୍ଚ ମଧ୍ୟଭାଗପର୍ଯ୍ୟନ୍ତ ଲେପ୍ଟନାଣ୍ଟ ପଦରେ ରହିବେ ଏବଂ ଦିଲ୍ଲୀ ଦରବାରରେ ବଙ୍ଗୀୟ ଲେପ୍ଟନାଣ୍ଟଙ୍କର ଗଉନର ସକଳ କାର୍ଯ୍ୟ ନିର୍ବାହ କରିବେ ।

---

ଗତ ସାପ୍ତାହିକ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ପ୍ଲେଗରୋଗ ତତ୍ପୂର୍ବ ସପ୍ତାହଠାରୁ ଉଣା ନ ହୋଇ ବରଂ ସାମାନ୍ୟରେ ବଢିଅଛି । ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା କମେ ଏବଂ ଅନ୍ୟାନ୍ୟ ସ୍ଥାନରେ ଅତ୍ୟନ୍ତ ଉଣା ପଡ଼ିଅଛି । ମାତ୍ର ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁର ଜିଲାରେ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୧୧୩୧ ବଢିଅଛି । ସେହି ପ୍ରଦେଶର ବାଲାଘାଟ ଏବଂ ଚନ୍ଦା ଜିଲାର କେତେକାଂଶରେ ଅନ୍ନକଷ୍ଟର ଭୟ ଉପସ୍ଥିତ ହୋଇଅଛି ।

---

ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ କର୍ଜନ ବାହାଦୂର ଗତ ଶୁକ୍ରବାର ରାତି ଘ ୧୦ ଘଣ୍ଟା ବେଳେ ରାଜପୁତନା ଗସ୍ତରୁ କଲିକତା ମହାନଗରକୁ ପ୍ରତ୍ୟାଗମନ କରିଅଛନ୍ତି । ଏଥର ତାହାଙ୍କର କଲିକତା ପ୍ରବେଶ ଗୋପନଭାବରେ ଅର୍ଥାତ ବିନା ଆଡ଼ମ୍ବରରେ ହୋଇଅଛି । କାରଣ ସେ କେବଳ ସପ୍ତାହ ମାତ୍ର ରହି ଦିଲ୍ଲୀ ଦରବାର ଉପଲକ୍ଷରେ ଯାତ୍ରା କରିବେ ଏବଂ ସେଠାରେ ଦରବାରୀୟ ଶୁଭକର୍ମମାନ ସମାଧା କରି ଜାନୁୟାରୀ ମାସ ମଧ୍ୟଭାଗରେ କଲିକତାକୁ ପ୍ରତ୍ୟାଗମନ କରି ନିଯୁମିତରୂପେ ଶୀତକାଳ ଶେଷ ପର୍ଯ୍ୟନ୍ତ ଅବସ୍ଥାନ କରିବେ । ସେହି ସମୟରେ ତାହାଙ୍କର ପ୍ରକାଶ୍ୟ ପ୍ରତ୍ୟାଗମନ ହେବ ।

---

ପୁରୀ ମିଉନିସିପାଲିଟୀ ମଧ୍ୟରେ ଭଡ଼ା ଗାଡି ସମ୍ବନ୍ଧୀୟ ବଙ୍ଗୀୟ ସନ ୧୮୬୬ ସାଲର ଆଇନ ଜାରି କରିବାକୁ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ଇଚ୍ଛା କରିଥିବାର ଗତ ସେପ୍ଟମ୍ବର ମାସ ତା ୪ ଋଖରେ କଲିକତା ଗେଜେଟରେ ଘୋଷଣା ହୋଇଥିଲେ ଏବଂ ସେହି ଘୋଷଣା ଉକ୍ତ ମିଉନିସିପାଲିଟୀରେ ପ୍ରଚାରିତ ହେବା ତାରିଖରୁ ଏକମାସ ମଧ୍ୟରେ କେହି କିଛି ଆପତ୍ତି କରି ନାହାନ୍ତି । ଅତଏବ ମାନ୍ୟବର ମହୋଦୟ ଉକ୍ତ ଭଡ଼ା ଗାଡି ସମ୍ବନ୍ଧୀୟ ଆଇନ ପୁରୀ ମିଉନିସିପାଲିଟୀ ମଧ୍ୟରେ ଜାରି ହେବାର ମଞ୍ଜୁର କରି ଗତ ମାସ ତା ୨୯ ଋଖରୁ ତାହା ପ୍ରଚଳିତ ହେବାର ଆଦେଶ ଦେଇଅଛନ୍ତି । ପୁରୀ ମିଉନିସିପାଲିଟୀର କମିଶନରମାନେ ଏବଂ ସେମାନଙ୍କର ଚେୟାରମାନ ଉକ୍ତ ଆଇନାନୁସାରେ କାର୍ଯ୍ୟ ନିର୍ବାହର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

---

ଗତ ତା ୭ ଋଖରେ କଲିକତା ଗେଜେଟରେ ଆସନ୍ତା ବର୍ଷ ଅର୍ଥାତ ସନ ୧୯୦୩ ସାଲରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଅଧୀନ କଲେକ୍ଟରୀ ଓ ଫଉଜଦାରୀ କଚେରୀମାନ (ସହର କଲିକତାର କେତେକ କଚେରୀ ଛଡା) ଯେଉଁ ଉପଲକ୍ଷରେ ବନ୍ଦ ହେବାର ତାଲିକା ବାହାରିଅଛି । ପ୍ରତି ବର୍ଷ ଯେ ସମସ୍ତ ପର୍ବରେ କଚେରୀ ବନ୍ଦ ହୁଅଇ ସେହିପରି ହେବ, କେବଳ ବିଶେଷ ଏହିକି ଯେ ଦିଲ୍ଲୀ ଦରବାର ଉପଲକ୍ଷରେ ଆଗାମୀ ଜାନୁଆରୀ ମାସ ତା ୨ ଋଖଠାରୁ ତା ୮ ଋଖ ପର୍ଯ୍ୟନ୍ତ କଚେରୀ ବନ୍ଦ ହେବ । ସୁତରାଂ ବଡ଼ଦିନ ଓ ଶେଷଦିନ ସହିତ ଉକ୍ତ ଛୁଟୀ ମିଶି ଏହି ଡିସେମ୍ବର ମାସ ତା ୨୪ ଋଖଠାରୁ ୧୬ ଦିନ କଚେରୀ ବନ୍ଦ ହେବ । କଲେକ୍ଟରୀ ଓ ଫଉଜଦାରୀ ଅମଲାଙ୍କ ଭାଗ୍ୟରେ ଏଡ଼େ ବଡ଼ ଛୁଟୀ କେବେ ଘଟି ନ ଥିଲା ।

---

ମହାମାନ୍ୟ ବଡ଼ଲାଟ ଲର୍ଡ କର୍ଜନ ବାହାଦୂର ଦିଲ୍ଲୀ ଦରବାର ସମ୍ବନ୍ଧୀୟ ସମସ୍ତ ବନ୍ଦୋବସ୍ତ ସର୍ବାଙ୍ଗ ସୁନ୍ଦର କରିବା କାରଣ ଯେପରି ପରିଶ୍ରମ ଓ ଯତ୍ନ କରୁଅଛନ୍ତି ତାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ସେ ରାଜପୁତାନା ଗସ୍ତ ଶେଷ କରି ଗତ ତା ୪ ଋଖରେ ଦିଲ୍ଲୀରେ ପହଞ୍ଚି ଏକଦିନ ମଧ୍ୟରେ ସମସ୍ତ ସ୍ଥାନର ସକଳ ଆୟୋଜନ ବୁଲି ଦେଖିଥିଲେ ଏବଂ ଯେଉଁଠାରେ ଯାହା ତାହାଙ୍କୁ ଭଲ ଜଣା ନ ଗଲା ତାହା ଦେଖାଇ ଦେଇ ସଜାଡି ଦେଇଥିଲେ । ତାହାଙ୍କର ଚକ୍ଷୁ ଏକାବେଳେ ସବୁଆଡ଼େ ବୁଲୁଥିଲା ଏବଂ ବଡ଼ଠାରୁ ନିତାନ୍ତ କ୍ଷୁଦ୍ର କାର୍ଯ୍ୟ ପର୍ଯ୍ୟନ୍ତ ତାହାଙ୍କ ଦୃଷ୍ଟିକୁ ଅତିକ୍ରମ କରି ପାରି ନ ଥିଲା । ଦରବାରଟି ତାହାଙ୍କର ସୃଷ୍ଟି ଏବଂ ଏହାର ରଚନା ପ୍ରଣାଳୀ ତାହାଙ୍କର ନିଜର ଅସାଧାରଣ ବୁଦ୍ଧି ଓ କଳ୍ପନା ଶକ୍ତିର ଫଳ ଅଟେ । ଏହି ସମୟରେ ଭୟ ହେଉଥିଲା ଯେ ଯଥାସମୟରେ ସମସ୍ତ ପ୍ରସ୍ତୁତ ହୋଇ ପାରିବ ନାହିଁ, ମାତ୍ର ସେ ଭୟ ବ୍ୟର୍ଥ ହୋଇଅଛି । ଅନୁକ୍ଷଣେ ଲର୍ଡ କର୍ଜନଙ୍କ ତୀକ୍ଷ୍ଣ ଦୃଷ୍ଟି ରହିବାରୁ ପ୍ରାୟ ସମସ୍ତ ପ୍ରସ୍ତୁତିରେ ଅଛି ଏବଂ ନିରୂପିତ ସମୟରେ ସକଳକାର୍ଯ୍ୟ ଶେଷ ହେବ ।

---

ଏଠା କମିଶନର କଚେରୀ ସିରସ୍ତାଦାର ବାବୁ ସାମସେର ସିଂହଙ୍କ ନାମରେ ଉକ୍ତ କଚେରୀର ଏକ କେରାଣି ମିଃ ସାମୁଏଲ୍ସ ଏକ ଫୌଜଦାରୀ ମୋକଦ୍ଦମା ଦାଏର କରିଥିଲେ । ନାଲିସ ଏହି ମର୍ମରେ ହୋଇଥିଲା କି ଏକଦିନ ଦୁଇଗୋଟି ଘୋଡ଼ା କାମୁଡ଼ାକାମୁଡ଼ି ହେଉଥିଲେ ଏହି ସମୟରେ ମିଃ ସାମୁଏଲଙ୍କର ଗୋଟିଏ ବାଳକ ଭୃତ୍ୟ ସେହିବାଟେ ଯାଉଥିଲା । ଘୋଡ଼ା ଗୋଟିଏ ସେହି ବାଳକର ନାସିକାର ବୁଲ ପାର୍ଶ୍ୱରେ ପଦାଘାତ କରିଥିଲା । ମିଃ ସାମୁଏଲ ଉକ୍ତ ଘୋଡ଼ାଟି ସାମସେରବାବୁଙ୍କର ଥିବାର ବୁଝି ତାଙ୍କ ନାମରେ ନାଲିସ ଦାଏର କରିଥିଲେ । ଅବୈତନିକ ମାଜିଷ୍ଟ୍ରେଟ ବାବୁ ଯୋଗେଶ୍ୱରଚନ୍ଦ୍ର ମୋକଦ୍ଦମା ବିଚାର କରିଥିଲେ । ମୋକଦ୍ଦମା ସହିତ ସାମସେର ବାବୁଙ୍କର କୌଣସି ସମ୍ପର୍କ ନ ଥିବାର ପ୍ରମାଣ ହେବାରୁ ମୋକଦ୍ଦମା ଡିସମିସ ହେଲା । ଅନ୍ୟ ପକ୍ଷରେ ମୁଦାଲୀ ଓ ମୁଦେଇ ମଧ୍ୟରେ ଶତ୍ରୁଭାବଥିବାର ମୁଦେଇର ଜବାନବନ୍ଦୀରୁ ପ୍ରକାଶ ପାଇଲା । ଏହି କଚେରୀ ମଧ୍ୟରେ ସାମାନ୍ୟ କଥା ନିମନ୍ତେ ଫୌଜଦାରୀ ପ୍ରତି ଟଣାଟଣି ହେବା ଅନୁଚିତ ନୁହେ କି ?

---

ବଙ୍ଗ ପ୍ରଦେଶର ଡେପୁଟି କଲେକ୍ଟର ଓ ମାଜିଷ୍ଟ୍ରେଟ ଓ ସବ ଡେପୁଟି କଲେକ୍ଟରମାନଙ୍କ ପ୍ରତିଯୋଗୀ ପରୀକ୍ଷା ଆଗାମୀ ଅପ୍ରେଲ ମାସରେ କଲିକତାଠାରେ ଗୃହୀତ ହେବ । ପରୀକ୍ଷାର୍ଥୀମାନଙ୍କର ଆବେଦନପତ୍ର ଆଗାମୀ ମାର୍ଚ୍ଚମାସ ତା ୧ ଋଖ ଅଥବା ତତ୍ପୂର୍ବରୁ ନିଯୋଗ ବିଭାଗର ଅଣ୍ଡର ସେକ୍ରେଟେରୀଙ୍କ ନିକଟରେ ପହଞ୍ଚିବାର ଆବଶ୍ୟକ । ଏଥର ଛଗୋଟି ଡେପୁଟି କଲେକ୍ଟର ଓ ତିନିଗୋଟି ସବ ଡେପୁଟି କଲେକ୍ଟର କାର୍ଯ୍ୟ ଖାଲି ଅଛି । ପାରଦର୍ଶିତାନୁସାରେ ପ୍ରଥମ ତିନିଜଣ ପରୀକ୍ଷା ଦେବ ଡେପୁଟି କଲେକ୍ଟର ଗ୍ରେଡରେ ଓ ଅବଶିଷ୍ଟ ମନୋନୟନ ପ୍ରଥା ଅନୁସାରେ ମୋଟରେ ଏକଚତୁର୍ଥାଂଶ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମଧ୍ୟରୁ ନିଯୁକ୍ତ ହେବେ । ଗତବର୍ଷ ଓଡ଼ିଶା ଭାଗ୍ୟରେ ଖଡ଼ୀ ପଡ ନ ଥିଲା । ଦେଖାଯାଉ ଏବର୍ଷ କଣ ହୁଏ । ଆମ୍ଭେମାନେ ଦୁଃଖ ସହିତ ଅବଗତ ହେଲୁଁ ଯେ କେହି୨ ପ୍ରାର୍ଥୀ ଗତବର୍ଷର ଫଳ ଦେଖି ଏବର୍ଷ ହତୋତ୍ସାହ ଯାଉଅଛନ୍ତି । ପ୍ରତିଯୋଗିତାଦ୍ୱାରା ଫଳ ପ୍ରାପ୍ତ ହେବା ଅବଶ୍ୟ ଦୁଷ୍କର ଓ ଓଡ଼ିଆ ପକ୍ଷରେ କଠିନ ହୋଇ ପାରେ ମାତ୍ର ମନୋନୟନଦ୍ୱାରା କାହାର ନିଯୁକ୍ତ ହେବା ବାଞ୍ଛନୀୟ ଓ ଆଶା କରୁଁ ଶାସନକର୍ତ୍ତା ମାନନୀୟ କମିଶନର ସାହେବ ଏତତ୍ପ୍ରତି ସାହାଯ୍ୟ ଦେବାରେ ତ୍ରୁଟି କରିବେ ନାହିଁ ।

---

Digitized by srujanika@gmail.com

Split by PDF Splitter



ଗଞ୍ଜାମରେ ଓଡ଼ିଆମାନଙ୍କର ଅସୁବିଧା ଶିରୋନାମରେ ଗୋଟିଏ ପ୍ରବନ୍ଧ ଗତ ତା ୩ ରିଖର ପ୍ରଜାବନ୍ଧୁରେ ବାହାରିଅଛି । ତହିଁରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଲେଖକ ଜଣାଇଅଛନ୍ତି ଯେ ଆପଣା ଜିଲ୍ଲା ଭିତରେ କୌଣସି ଜାଗାକୁ ହେଉ ଟଙ୍କା ମନିଅର୍ଡର କରିବାକୁ ହେଲେ ମନିଅର୍ଡର ଫାରମ ଇଂରାଜୀ ଅଥବା ତେଲଙ୍ଗୀ ଭାଷାରେ ଲେଖିଦେବାକୁ ଡାକ ବିଭାଗର କର୍ମଚାରୀ ଆଦେଶ ଦେଉଅଛନ୍ତି ଏବଂ ଓଡ଼ିଆରେ ଲେଖି ଦେଲେ ତାହା ଗ୍ରହଣ କରୁ ନାହାନ୍ତି । ଏଥିପାଇଁ ଓଡ଼ିଆମାନେ ଫାରମ ଲେଖାଇବାକୁ କିଛି ଖରଚ ବା ଅନ୍ୟର ଅନୁସରଣ କରିବାକୁ ବାଧ୍ୟ ହେଉଅଛନ୍ତି । ଏ କଥା ଯେବେ ସତ୍ୟ ହୁଏ ତେବେ ବଡ଼ ଦୁଃଖର ବିଷୟ ବୋଲିବାକୁ ହେବ । ଡାକ ବିଭାଗର ବିଧି ପୁସ୍ତକର ଧା ୨୫୪ ରେ ସ୍ପଷ୍ଟ ମନିଅର୍ଡର ଫାରମ ଇଂରାଜୀ ବା ଜିଲ୍ଲାର ପ୍ରଚଳିତ ଭାଷାରେ ଲେଖା ହେବାର ସ୍ପଷ୍ଟ ବିଧି ଅଛି ଏବଂ ଆମ୍ଭେମାନେ ଯେତେଦୂର ଜାଣୁ ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷା ଗବର୍ଣ୍ଣମେଣ୍ଟଙ୍କର ଆଦେଶାନୁସାରେ ପ୍ରଚଳିତ ଅଛି । ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ଡାକ ବିଭାଗର ଉପରସ୍ଥ କର୍ମଚାରୀଙ୍କ ଅଥବା ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କର ଗୋଚରରେ ଏ କଥା ଆସିଲେ ଏହି ଅସୁବିଧା ଦୂର ହୋଇଯିବ । ଲୋକେ ଉପରକୁ ନ ଉଠିଲେ ନିମ୍ନ କର୍ମଚାରୀଙ୍କର ଚୈତନ୍ୟ ଉଦୟ ହେବା ସହଜ ନୁହେ ।

---

## ବାଲେଶ୍ୱରରେ ଅଭିଷେକୋତ୍ସବର ଆୟୋଜନ ।

ଏ ସମ୍ବନ୍ଧୀୟ କମିଟିର ଗତ ନବେମ୍ବର ମାସ ତା ୨୭ ରିଖର ଅଧିବେଶନର ବିବରଣ ପ୍ରାପ୍ତ ହୋଇ ତହିଁରୁ ନିମ୍ନଲିଖିତ କଥାମାନ ପ୍ରକାଶ କରୁ ଅଛୁଁ ଯଥା—

କମିଟୀ ସେ ପର୍ଯ୍ୟନ୍ତ କେବଳ ଟ ୧୩୦୫ ଙ୍କା ଚାନ୍ଦା ସ୍ୱାକ୍ଷର କରାଇବାକୁ ସକ୍ଷମ ହୋଇଥିଲେ । ମାତ୍ର ଟ ୨୦୦୦ ଙ୍କା ଚାନ୍ଦା ଆଦାୟ ନ ହେଲେ କଟକର କମିଟିଙ୍କ ନିକଟକୁ କିଛି ସାହାଯ୍ୟ ପଠାଇ ପାରିବେ ନାହିଁ । ଯାହା ହେଉ ଚାନ୍ଦା ନିମନ୍ତେ ମୋଫସଲର ଜମିଦାରମାନଙ୍କ ନିକଟକୁ ପତ୍ର ଯାଇଅଛି, ଆଶା କରାଯାଏ ଯେ ସେମାନେ ଏବଂ ବାଲେଶ୍ୱର ଓ ଭଦ୍ରଖର ସ୍କୁଲମାନେ କମିଟିର ପ୍ରାର୍ଥନା ପ୍ରତି ମନୋଯୋଗ କରିବେ ଏବଂ ପ୍ରଚୁର ଟଙ୍କା ଆସୁ ହେଲେ ସେଠା ଖରଚ ବାଦ ଉତ୍ତାରୁ କଟକ କମିଟିକୁ ଉଦ୍ବର୍ତ୍ତ ଟଙ୍କା ଦିଆ ଯିବ । ନିମ୍ନଲିଖିତ ଅନୁଷ୍ଠାନ ସ୍ଥିର ହୋଇଅଛି ।

୧ । ସହର ମଧ୍ୟରେ ଗୋ ୭ ଟା ନହବତ ଖାନା ପ୍ରସ୍ତୁତ ହେବ ଏବଂ ସକାଳୁ ରାତି ଘ ୧୦ ଟା ପର୍ଯ୍ୟନ୍ତ ନହବତ ବାଜିବ । ରାଜା ବୈକୁଣ୍ଠନାଥ ଦେ ଗୋ ୩ ଟା ନହବତଖାନାର ଭାର ନେଇ ଅଛନ୍ତି ଏବଂ ବାକି ଗୋ ୪ ଟାର ଭାର ବାବୁ ରାଧାଚରଣ ଦାସଙ୍କୁ ଦିଆ ଯାଇଅଛି ।

୨ । ସକାଳ ଘ ୭ ଟା ବେଳେ ପରେଡ଼ ।

୩ । ସକାଳ ୭ଟା ଠାରୁ ୯ଟା ପର୍ଯ୍ୟନ୍ତ ସ୍କୁଲ ବାଳକ ଓ ବାଳିକାଙ୍କର ଯାତ୍ରା । ସେମାନେ ପତାକା ଇତ୍ୟାଦି ଧରି ସମ୍ରାଟଙ୍କର ଏବଂ ଇଂରାଜ ଶାସନର ଗୁଣ ବିଷୟକ ନୂତନ କବିତା ଗାନ କରି ପ୍ରଧାନ ସଡ଼କମାନ ବୁଲିବେ । କଙ୍ଗାଳୀ ପ୍ରାୟ ଦୁଇହଜାର ଓ ସ୍କୁଲ ପିଲାଙ୍କର ଭୋଜନ । ରାଜା ବାହାଦୁର ଏବଂ ବାବୁ ରାଧାଚରଣ ଦାସ ଉଭୟେ କଙ୍ଗାଳୀ ଭୋଜନର ଭାର ନେଇ ଥିବାରୁ କମିଟୀ ପ୍ରସ୍ତାବ କରୁଅଛନ୍ତି ଯେ ରାଜା ବାହାଦୁର କଙ୍ଗାଳୀ ଭୋଜନ ଓ ବାବୁ ରାଧାଚରଣ ଦାସ ସ୍କୁଲ ପିଲାଙ୍କ ଭୋଜନର ଭାର ନେଲେ ଉତ୍ତମ ହେବ । ୫—ଘୋଷଣା ପାଠ । ୬—ସ୍କୁଲ ପିଲା, କନଷ୍ଟବଲ, ଚୌକିଦାର ପ୍ରଭୃତିଙ୍କର ଖେଳ । ୭—ପାଞ୍ଚଦଳ ଓଡ଼ିଆ ଯାତ୍ରା ଓ ପାଞ୍ଚ ଦଳ ପାଲା ସହରର ଭିନ୍ନ ଭିନ୍ନ ସ୍ଥଳରେ ଅପରାହ୍ଣ ୩ଟା ଠାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ । ୮—ଇଉରୋପୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କର ଟାଉନ ହଲରେ ସନ୍ଧ୍ୟା ମିଳନ । ୯—ରୋଷନାଇ । ୧୦—ଚୌକିଦାରଙ୍କର ଭୋଜି ଏବଂ ୧୧—ସନ୍ଧ୍ୟା ମିଳନ ଉତ୍ତାରୁ ରାତ୍ରି ଘ ୧୧ ଟା ପର୍ଯ୍ୟନ୍ତ ଅନ୍ୟାନ୍ୟ ତାମସା ।

ଘୋଷଣା ପାଠ ଟ ୨୫ ଙ୍କା, ସ୍କୁଲ ପିଲା ଓ କନଷ୍ଟବଲଙ୍କର ଖେଳ ଟ ୧୫୦ ଙ୍କା, ଓଡ଼ିଆ ଯାତ୍ରା ଟ ୫୦ ଙ୍କା, ଟାଉନହଲ ସନ୍ଧ୍ୟା ମିଳନ ଟ ୧୦୦ ଙ୍କା, ରୋଷନାଇ ଟ ୩୦୦ ଙ୍କା, ଚୌକିଦାରଙ୍କର ଭୋଜି ଟ ୩୦୦ ଙ୍କା, ଅନ୍ୟାନ୍ୟ ତାମସା ଟ ୨୦୦ ଙ୍କା, ଖାଏ ଟ ୧୧୨୫ ଙ୍କା ବ୍ୟୟ ହେବାର ସ୍ଥିର ହୋଇ ଅଛି । ଭଦ୍ରଖ ସମ୍ବନ୍ଧରେ କମିଟିର ବ୍ୟବସ୍ଥା ଏହି ଯେ ଜମିଦାରମାନଙ୍କର ଚାନ୍ଦା ଜିଲ୍ଲା ତହବିଲରେ ଦାଖଲ ହେବ ମାତ୍ର ସବ୍‌ଡିଭିଜନ ଅଫିସର ସ୍ଥାନୀୟ ଉକିଲ ମୁକ୍ତାର ଏବଂ ନଗର ବାସିଙ୍କଠାରୁ ଚାନ୍ଦା ସଂଗ୍ରହ କରି ସ୍ଥାନୀୟ ଉତ୍ସବ କରିବେ ଏବଂ ଯାହା ଆଦାୟ କରିବେ ତାହା ସଦର କମିଟିଙ୍କୁ ଜଣାଇବେ ।

---

## ସାମନ୍ତଙ୍କର ସାହାଯ୍ୟ ।

ମହା ମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କର ସାହାଯ୍ୟ ନେଇ କେତେକ ମାସ ହେଲା 'ପ୍ରଜାବନ୍ଧୁ' ଯେପରି ଗାଢ଼ ଯତ୍ନ କରୁଅଛନ୍ତି ତାହା ପାଠକମାନଙ୍କୁ ଅବିଦିତ ନାହିଁ । ସାହାଯ୍ୟର ଆବଶ୍ୟକତା ସମ୍ବନ୍ଧରେ ହେଟିଂସିଣୀରେ କେତେକ ପ୍ରଶ୍ନ ହୋଇଥିଲା ଏବଂ ଆମ୍ଭମାନଙ୍କର ଜଣେ ସମ୍ବାଦଦାତା ମଧ୍ୟ କେତେକ ପ୍ରଶ୍ନ କରିଥିଲେ । ତହିଁ ଉତ୍ତାରୁ ସହଯୋଗୀ ପ୍ରଜାବନ୍ଧୁ ସାମନ୍ତ ମହୋଦୟଙ୍କ ବିଷୟରେ ଯାହା ପ୍ରକାଶ କରିଅଛନ୍ତି ତହିଁରୁ ପ୍ରକାଶ ଯେ ତାହାଙ୍କର ଭରଣପୋଷଣ ନିମନ୍ତେ ଯେତେ ଜମି ଖଞ୍ଜା ହୋଇଥିଲା ତହିଁର ଆୟରୁ ତାହାଙ୍କର ନିତ୍ୟ ନିର୍ବାହ ଏକପ୍ରକାର ଚଳିଯାଉଅଛି । ମାତ୍ର ତହିଁରୁ ଏମନ୍ତ କିଛି ବାର୍ଷିକ ଉଦ୍ବର୍ତ୍ତ ହୁଅଇ ନାହିଁ ଯେ ତଦ୍ଦ୍ୱାରା ପୁତ୍ରକନ୍ୟାଙ୍କର ବିବାହାଦି ନୈମିତ୍ତିକ ବ୍ୟୟ ଅନାୟାସେ ଚଳିପାରେ ଏବଂ ସେ ସମସ୍ତ କ୍ରିୟା ଦେଶାଚାର ଅନୁସାରେ ସାମନ୍ତ ମହୋଦୟଙ୍କୁ ଆପଣାର ମର୍ଯ୍ୟାଦା ଭୁଲି ବାଧ୍ୟ ହୋଇ କରିବାକୁ ପଡ଼ୁଅଛି । ଜମିର ଆୟ ମଧ୍ୟ ପ୍ରତିବର୍ଷ ସମାନ ନୁହେ । ବେଳେବେଳେ ଯୋଇ ମରୁଡ଼ିର ବାଧା ଘଟିଅଛି । ସୁତରାଂ ସାମନ୍ତ ମହୋଦୟ କ୍ରମେ ଋଣଗ୍ରସ୍ତ ହୋଇ ବର୍ତ୍ତମାନ ମହାବ୍ୟସ୍ତରେ ପଡ଼ିଅଛନ୍ତି । ତାହାଙ୍କ ଋଣର ପରିମାଣ ଧାନ ଓ ନଗଦ ମିଶି ଦୁଇ ହଜାର ଟଙ୍କାରୁ ଅଧିକ ନୁହେ । ମାତ୍ର ପରିଶୋଧରେ ବିଳମ୍ବ ଯେତେ ହେବ ଋଣ ସେତେ ବଢ଼ିବାର କଥା । କେହି ଅବା ବୋଲି ପାରନ୍ତି ଯେ ସାମନ୍ତ ମହୋଦୟ ଏଡ଼େ ପଣ୍ଡିତ ହୋଇ କାହିଁକି ସଙ୍କଟର ଅନ୍ତଭକ୍ତ ଋଣ କରି ଲଣ୍ଡଭଣ୍ଡରେ ପଡ଼ିଲେ ? ଏଥିର ସହଜ ଓ ସଂକ୍ଷେପ ଉତ୍ତର ଏହି କି ଏହାହିଁ ତାହାଙ୍କର ପ୍ରଗାଢ଼ ପାଣ୍ଡିତ୍ୟର ଶ୍ରେଷ୍ଠ ପ୍ରମାଣ ଅଟେ । ସେ ବୋଲି ସଂସାରୀ ହେଲେହେଁ ତାହାଙ୍କର ମନ ପୃଥିବୀରୁ ଆକାଶକୁ ବାହାରି ଯାଇଅଛି ଏବଂ ଦିବା ରାତ୍ର ବୈଜ୍ଞାନିକ ଚିନ୍ତାରେ ଏକାନ୍ତ ମଗ୍ନ ହୋଇ ଅସାଧାରଣ ବୁଦ୍ଧି ଓ ପ୍ରତିଭା ବଳରେ ଯାହା ସାଧନ କରିଅଛନ୍ତି ତାହା ଦେଖି ଏକା ଭାରତ ନାହିଁ କି ପୃଥିବୀର ବିଦ୍ୱାନ୍‌ମଣ୍ଡଳୀ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଏଡ଼େ ଉଚ୍ଚଦରର ବ୍ୟକ୍ତିଠାରେ ସାମାନ୍ୟ ବିଷୟ ଚିନ୍ତା ଆଶା କରିବା ଅସଙ୍ଗତ । ସେ ଯେତେବେଳେ ନିଜର ସାଂସାରିକ ସୁଖ ନ ଲୋଡ଼ି ପରମ ଭକ୍ତିସ୍ୱରୂପ ବିଜ୍ଞାନ ନିକଟରେ ନିଜକୁ ବଳିଦାନପୂର୍ବକ ଓଡ଼ିଶାର ଗୌରବ ବଢ଼ାଇଅଛନ୍ତି ସେତେବେଳେ ତାହାଙ୍କୁ ଗୋଟିଏ ଦାୟରୁ ମୁକ୍ତ କରିବା ଓଡ଼ିଶାବାସୀଙ୍କର କେମନ୍ତ ଗରିଷ୍ଠ କର୍ତ୍ତବ୍ୟ ଅଟେ ଏ କଥା ବୁଝାଇ ଦେବା ବାହୁଲ୍ୟ । ସେ ବ୍ୟୟ ମଧ୍ୟ ସାମାନ୍ୟ ଅର୍ଥାତ୍ ଦୁଇ ସହସ୍ର ମୁଦ୍ରାରୁ ଅଧିକ ନୁହେଁ । ସହଯୋଗୀ ପ୍ରଜାବନ୍ଧୁ

Digitized by srujanika@gmail.com

Split by PDF Splitter



ସାହାଯ୍ୟ ସଂଗ୍ରହ କରିବାରେ ଅଗ୍ରସର ହୋଇ ଏଥି ମଧ୍ୟରେ ଶହଶହ ଟଙ୍କା ଉଠାଇଅଛନ୍ତି ଏବଂ ଆମ୍ଭେମାନେ ସର୍ବାନ୍ତଃକରଣରେ ତାହାଙ୍କ ସହିତ ଯୋଗ ଦେଇ ଅବଶିଷ୍ଟ ଟଙ୍କା ଦାନ କରିବାକୁ ସମସ୍ତ ଉତ୍କଳବାସିଙ୍କୁ ଯଥୋଚିତ ବିନୟ ସହକାରେ ଅନୁରୋଧ କରୁଅଛୁଁ । ସ୍ୱଦେଶାନୁରାଗୀ ବଦାନ୍ୟ ଉତ୍କଳବାସିମାନେ ଶୀଘ୍ର ମନୋଯୋଗୀ ହେଲେ ପ୍ରୟୋଜନୀୟ ଅର୍ଥ ସଂଗ୍ରହ ହେବାରେ ବିଳମ୍ବ ହେବ ନାହିଁ ଏବଂ ଅବସ୍ଥା ବିବେଚନାରେ ବିଳମ୍ବ ହେବା ଉଚିତ ନୁହେଁ । ରାଜା ଜମିଦାର ପ୍ରଭୃତି ବଡ଼ ଲୋକମାନେ ଇଚ୍ଛା କଲେ ଯାହା ଦେବାର ସାମନ୍ତଙ୍କ ନିକଟକୁ ପଠାଇ ଦେଇ ପାରନ୍ତି । ସମସ୍ତଙ୍କଠାରୁ ସମ୍ବାଦ ପାଇଲେ ପ୍ରଜାଙ୍କୁ ତାହା ସ୍ୱୀକାର କରିବେ । ତାହାହେଲେ ଏକ ସ୍ଥାନରେ ସମସ୍ତ ହିସାବ ରହିବ ।

---

## ଯାତ୍ରା ଓ ପୁଲିସ ।

ସନ ୧୮୬୪ ଓ ୬୫ ସାଲରେ "ଏକ ପଲଟନ ପଞ୍ଜାମା ସିପାହୀ ଏ ନଗରକୁ ବଦଳ ହୋଇ ଆସି ଏକବର୍ଷରୁ ଅଧିକ କାଳ ଏଠାରେ ଥିଲେ । ସେମାନେ ବଡ଼ ଦୁଷ୍ଟ ଥିଲେ । ବେଶ୍ୟାଳୟ ଏବଂ ଖାଦ୍ୟଦ୍ରବ୍ୟର ଦୋକାନ ଉପରେ ତାହାଙ୍କର ଅଧିକ ଅତ୍ୟାଚାର ଥିଲେହେଁ ବେଳେ, ଅନ୍ୟ ଶ୍ରେଣୀର ଲୋକ ନିସ୍ତାର ପାଉ ନ ଥିଲେ, ଲୋକେ ସେମାନଙ୍କୁ ଦେଖିଲେ ଡରେ ଲୁଚୁଥିଲେ । କେବଳ ଓଡ଼ିଆବଜାରର ମୁସଲମାନମାନେ ନ ଡରି ବାଧା ଦେବାକୁ ଅଗ୍ରସର ହୋଇଥିଲେ । ଏହି ହେତୁ ଓଡ଼ିଆ ବଜାରିଆ ଏବଂ ପଲଟଣିଆଙ୍କ ମଧ୍ୟରେ ମନାନ୍ତର ହୋଇ ମାଡ଼ପିଟରୁ ହାଣକାଟ ପର୍ଯ୍ୟନ୍ତ କଥା ଗଡ଼ିଥିଲା । ସେ ସମୟରେ ଶ୍ରୀଯୁକ୍ତ ହାରସନ ସାହେବ ଏ ଜିଲ୍ଲାର ମାଜିଷ୍ଟ୍ରେଟ ଥିଲେ । ସେ ଓ ପଲଟନର କର୍ଣ୍ଣେଲ ଏକଯୋଗରେ ପୃଥକରୂପେ ନାନା ପ୍ରକାର କଟକଣାଦ୍ୱାରା କେତେକ ଅଶାନ୍ତି ଦୂର କଲେ ଏବଂ ଶେଷରେ ସେ ପଲଟନ ବଦଳ ହୋଇ ଦକ୍ଷିଣୀ ପଲଟନ ଏ ନଗରକୁ ଆସିବାରେ ଶାନ୍ତିରକ୍ଷା ହେଲା । ସେହି ଗୋଳମାଳ ବେଳେ ଶ୍ରୀଯୁକ୍ତ ହାରସନ ସାହେବ ମାଜିଷ୍ଟ୍ରେଟ ବଙ୍ଗଳାକୁ ବାବୁ ମୋତିଲାଲ ଗାଙ୍ଗୁଲି ଦାରୋଗାଙ୍କୁ ବାଛି ଆଣିଥିଲେ ଏବଂ କଟକଣା ହେତୁ ଯେ ସବୁ ନିୟମ ପ୍ରଚାର କରିଥିଲେ ତହିଁ ମଧ୍ୟରେ ରାତ୍ର ଘ ୧୦ ଘଣ୍ଟା ଉତ୍ତାରୁ ବାଜା ଯାତ୍ରା ବନ୍ଦ ହେବାର ଥିଲା । ହାରସନ ସାହେବଙ୍କ ଉତ୍ତାରୁ ଯେଉଁମାନେ ମାଜିଷ୍ଟ୍ରେଟ ହୋଇ ଆସିଥିଲେ ସେମାନେ କ୍ରମେ ଘ ୧୦ ଘଣ୍ଟାରୁ ଘ ୧୨ ଘଣ୍ଟା ସୁଦ୍ଧା ବଢ଼ାଇ ଦେଇଥିଲେ ମାତ୍ର ଅନୁମତି ଦରଖାସ୍ତ ଦାଖଲ ହେଉଥିଲା । ସନ ୧୮୭୦ ସାଲରେ ମାନ୍ୟବର ଇଡ଼େନ ସାହେବ ମାଜିଷ୍ଟ୍ରେଟ ହୋଇ ଏ ଜିଲ୍ଲାକୁ ଆସିଲେ । ତାହାଙ୍କର କଚେରି କରିବାର କେତେଦିନରେ ଏକ ରାମନବମୀ ଯାତ୍ରାର ଅନୁମତି ଦରଖାସ୍ତ ରିପୋର୍ଟ କୋଠରୀରେ ଦରପେଶ ହୁଅନ୍ତେ ଆଶ୍ଚର୍ଯ୍ୟ ହୋଇ କହିଲେ କି ଏଥି ଆଇନ ବା ଦସ୍ତୁର ତାହାଙ୍କୁ ଜଣା ନାହିଁ । ତହୁଁ ଗାଙ୍ଗୁଲି ଦାରୋଗା ମହାଶୟ ବୁଝାଇ ଦେଲେ କି ଏ ନଗରର ଲୋକମାନେ ବଡ଼ ଦୁଷ୍ଟ, ସେମାନଙ୍କ ଅଟକ କରିବାକାରଣ ପୂର୍ବ ମାଜିଷ୍ଟ୍ରେଟ ହାରିସନ ସାହେବ ଏ ନିୟମ କରି ଯାଇଅଛନ୍ତି । ତହୁଁ ସାହେବ ଓ ଦାରୋଗାଙ୍କ ମଧ୍ୟରେ ନିମ୍ନଲିଖିତ ମର୍ମରେ କଥା ବାର୍ତ୍ତା ହେଲା । ଯଥା—

ମାଜିଷ୍ଟ୍ରେଟ—ଯେଉଁମାନେ ଅନୁମତିର ପ୍ରାର୍ଥନା କରୁଅଛନ୍ତି ସେମାନଙ୍କ ଚଲ ?

ଦାରୋଗା—ସେମାନେ ମୂଲିଆ ପ୍ରଭୃତି ସେହି ବଜାରର ଲୋକ ।

ମାଜିଷ୍ଟ୍ରେଟ—ସେମାନେ କି ଯାତ୍ରାରେ ଅପରାଧ କରନ୍ତି ?

ଦାରୋଗା—ନା, ଯାତ୍ରା ଦେଖିବାକୁ ଅନେକ ବଦମାସ ଆସି ହଙ୍ଗାମା ଚୋରି ପ୍ରଭୃତି ନାନା ଅପରାଧ କରନ୍ତି ।

ମାଜିଷ୍ଟ୍ରେଟ—ତାହାହେଲେ ତୁମ୍ଭେ ଲୋଡ଼ ଯେ ଥାନା ପାଖରେ ଗୋଟାଏ ବଡ଼ ଘର ହୁଅନ୍ତା ଯେ ସନ୍ଧ୍ୟା ବେଳେ ସହରର ସବୁ ବଦମାସଙ୍କୁ ବରକନ୍ଦାଜଦ୍ୱାରା ଧରାଇ ଆଣି ସେ ଘରେ ରାତ୍ରକର ବାହାରରୁ କୁଲୁପ ପକାଇ କାଠିଖଣ୍ଡକ ଆପଣା ମୁଣ୍ଡତଳେ ରଖି ଥାନାରେ ନିଶ୍ଚିନ୍ତ ଶୁଅନ୍ତ ଏବଂ ସକାଳୁ ତାଲା ଫିଟାଇ ସମସ୍ତଙ୍କୁ ଛାଡ଼ିଦିଅନ୍ତ । ମାତ୍ର ଗବର୍ଣ୍ଣମେଣ୍ଟ ଏପରି ନିୟମ କରିବେ ନାହିଁ କି ଦାରୋଗାକୁ ଏପରି ନିଶ୍ଚିନ୍ତ ଶୋଇବାର ସୁବିଧା ଦେବେ ନାହିଁ । ଯାତ୍ରା ବନ୍ଦ କରିବା ଭଲଲୋକଙ୍କର କାର୍ଯ୍ୟ ଏବଂ ଦୁଷ୍ଟ ଅପରାଧୀ ଧରିବା ତୁମ୍ଭର କାର୍ଯ୍ୟ ଅଟେ । ତୁମ୍ଭେ ଅଜଠାରୁ ଆପଣା କାର୍ଯ୍ୟରେ ଅତ୍ୟନ୍ତ ସାବଧାନ ହୁଅ ।

ଏହା କହି ହୁକୁମ ଦେଲେ କି ଯାତ୍ରାର ଯେତେ ରାତ୍ର ପର୍ଯ୍ୟନ୍ତ ଇଚ୍ଛା ଯାତ୍ରା କରିପାରିବ ଏବଂ ଏପରି ଅନୁମତି ଦରଖାସ୍ତ ଆଉ ନିଆଯିବ ନାହିଁ । ଏହାପରେ କ୍ଷାନ୍ତ ନ ହୋଇ ପ୍ରତିଷ୍ଠାଶାଳୀ ମାଜିଷ୍ଟ୍ରେଟ ଅଧୀନସ୍ଥ ଆସିଷ୍ଟାଣ୍ଟ ଓ ଡେପୁଟି ମାଜିଷ୍ଟ୍ରେଟମାନଙ୍କୁ ଆଦେଶ କଲେ କି ସେମାନେ ପାଳି କରି କେତେକ ଦିବାନ୍ତର ସହରେ ସହର ମଧ୍ୟରେ ଗ୍ରେଗସ୍ତ କରି ପରଦିନ ତହିଁର ସଂକ୍ଷେପ ବିବରଣ ତାହାଙ୍କୁ ଜଣାଇବେ ଏବଂ ସେ ସ୍ୱୟଂ ଏକା ଏକା ଅନ୍ଧାରୁ ସହରରେ ପଦବ୍ରଜ ବୁଲି ଦେଖିଯାଉଥିଲେ । ଏଥିରେ କି ଦୋଷ ସହରର ଲୁଟି ହେବ ନା ବଦମାସମାନେ ଉପଦ୍ରବରେ ଦାଣ୍ଡରେ ବୁଲିବେ ? ବାସ୍ତବରେ ସେ ଏ ଅଲ୍ପକାଳରେ ଏ ନଗରର ପୁଲିସକୁ ସଜାଗ କରିଦେଲେ ଏବଂ ଅପରାଧ ଅନେକ ପରିମାଣରେ ଦମନ ହେଲା । ଅଥଚ ଲୋକେ ଅବାଧରେ ଯେତେ ରାତ୍ର ପର୍ଯ୍ୟନ୍ତ ଇଚ୍ଛା ବାଜାବଜାଉଥିଲେ ଓ ଯାତ୍ରା କରୁଥିଲେ । ତହିଁର ଏକ ବା ଦେଢ଼ବର୍ଷ ଉତ୍ତାରୁ ସନ ୧୮୭୧ ସାଲର ଅ ୫ ଇନ ଜାରି ହେଲା ଏବଂ ନୂଆପୁଲିସର ସୃଷ୍ଟି ହେଲା । ସେହିକାଳରୁ ଦାଣ୍ଡର ବାଦ୍ୟ ଓ ଯାତ୍ରାଦରେ ପୁଲିସର ଅଧିକାର କ୍ରମେ ପ୍ରବଳ ହୋଇ ଏବେ ସମୟରେ ଅସହ୍ୟ ହୋଇଅଛି ଯେମନ୍ତ କି ଏ ନଗରବାସିମାନେ ଆଜ କାଲି ସହ୍ୟ କରୁଅଛନ୍ତି । ଆଜ କାଲି ଯାତ୍ରାଦି ଉପରେ ଏତେ ଅଯଥା ହସ୍ତକ୍ଷେପର କାରଣ ଲୋକଙ୍କର ଆଚରଣରୁ ଉଦ୍ଭୂତ ହୋଇ ନାହିଁ ପ୍ରଚଳିତ ଆଇନ ଏକାବେଳେ ଏ ସମସ୍ତ ନିଷେଧ ନ କରି ମାଜିଷ୍ଟ୍ରେଟ ବା ପୁଲିସ କର୍ମଚାରୀଙ୍କ ସୁବିବେଚନା ଉପରେ ସମ୍ପୂର୍ଣ୍ଣ ଭାର ଅର୍ପଣ କରିଅଛନ୍ତି ଏବଂ ସାଧାରଣ ଶାନ୍ତି ରକ୍ଷାର୍ଥେ ତାହା କେତେଦୂର ପ୍ରୟୋଜନ ହୋଇଥିବାର କୌଣସି ହେତୁ ପ୍ରଦର୍ଶିତ ହୋଇ ନାହିଁ । ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଏ ନଗରବାସିଙ୍କର ଏ ସମ୍ବନ୍ଧରେ ଅତ୍ୟନ୍ତ ଅସନ୍ତୋଷର କାରଣ ଆଇନ ନୁହେ ମାତ୍ର ଆଇନାନୁସାରେ କ୍ଷମତା ପ୍ରାପ୍ତ କର୍ମଚାରୀମାନଙ୍କର ବୁଦ୍ଧି ଓ ବ୍ୟବହାର ଦୋଷ ଅଟେ । ସେମାନେ ଯେବେ ଧୀରଭାବରେ ଆପଣା କର୍ତ୍ତବ୍ୟ ପ୍ରତି ଦୃଷ୍ଟି କରିବେ ତେବେ ଅନାୟାସରେ ନିଜ ଭ୍ରମ ବୁଝିପାରିବେ । ଦୁଃଖର ବିଷୟ ଯେ ବର୍ତ୍ତମାନର ହାକିମମାନେ ଅବକାଶ ଅଥବା ପ୍ରଜାଙ୍କ ପ୍ରତି ସହାନୁଭୂତିର ଅଭାବରୁ ତେତେ ଗଭୀର ଚିନ୍ତା ନ କରି ଯେତେବେଳେ ଯାହା ମନକୁ ଲାଗିଯାଏ ସେହି ଭଳି ମତ ଚାଲନ୍ତି ଏବଂ ତଦ୍ୱାରା ସେମାନଙ୍କର ହୁକୁମ କାମକାର ଫଳ ପ୍ରଜାଙ୍କ ପ୍ରତି ଅନେକ ସମୟରେ ଅହିତକର ହୁଏ । ଏପ୍ରକାର ଘଟଣା ଦେଖି ଅଦ୍ୟ ଆମ୍ଭେମାନେ ମହାତ୍ମା ସର ଆସଲି ଇଡ଼େନଙ୍କୁ ସ୍ମରଣ କରି ଧନ୍ୟ ଦେଉଁ ଯେ କି ଅସାଧାରଣ ବିଚକ୍ଷଣତା ଓ ପ୍ରଜାବତ୍ସଳତା ଗୁଣରେ ଗବର୍ଣ୍ଣମେଣ୍ଟ ଏବଂ ପ୍ରଜାବର୍ଗ ଉଭୟଙ୍କର ପ୍ରଶଂସାଭାଜନ ହୋଇ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟଠାରୁ ବଙ୍ଗଦେଶର ଲେପ୍ଟନେଣ୍ଟ ଗବର୍ଣ୍ଣର ପର୍ଯ୍ୟନ୍ତ ପଦୋନ୍ନତି ଲଭିଥିଲେ ଏବଂ ଶେଷଲିଖିତ ଉଚ୍ଚପଦରେ ଅତ୍ୟନ୍ତ ସୁଖ୍ୟାତି ଲାଭ କରି ବଙ୍ଗଳାର ଇତିହାସରେ ଅକ୍ଷୟ କୀର୍ତ୍ତି ରଖିଯାଇଅଛନ୍ତି ।

---

## ପ୍ରାପ୍ତ

### ଗଡ଼ଜାତ ସୁପ୍ରେଣ୍ଟ କେଉଁଝରରେ ।

ଓଡ଼ିଶା ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ କେ, ଜି, ଗୁପ୍ତ ସାହେବ ବାହାଦୁର ଗତ

Digitized by srujanika@gmail.com

ତା ୩ ରିଖରେ ଶୀତକାଳୀନ ଗସ୍ତ ଉପଲକ୍ଷେ ବାଲେଶ୍ୱର ଜିଲାର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ସଙ୍ଗେ ସେନ ଅଙ୍କ ଆନନ୍ଦପୁରଠାରେ ଉପସ୍ଥିତ ହେଲେ । ଇତିପୂର୍ବେ କେଉଁଝରାଧିପତି ଗସ୍ତ ଉପଲକ୍ଷେ ଏଠାରେ ବିରାଜମାନ ହୋଇଥିଲେ । ସାହେବ ମହୋଦୟଙ୍କ ଅଭ୍ୟର୍ଥନା ଉପଲକ୍ଷେ ତେଶଠାରୁ ଏକ ମାଇଲ ପର୍ଯ୍ୟନ୍ତ ରାଜମାର୍ଗର ଉଭୟ ପାର୍ଶ୍ୱ ବଂଶଧରଙ୍କର ପତାକାଶ୍ରେଣୀ ଓ ଆମ୍ର ତୋରଣଦ୍ୱାରା ସୁଶୋଭିତ ହୋଇଥିଲା ଏବଂ ଠାବେ୨ ପ୍ରସ୍ତୁତ ହୋଇଥିବା ଫାଟକମାନ ରାଜମାର୍ଗର ଶୋଭା ବର୍ଦ୍ଧନ ଓ ଦର୍ଶକମାନଙ୍କର ଚିତ୍ତାକର୍ଷଣ କରୁଥିଲା । କଚେରି ନିକଟରେ ଚନ୍ଦ୍ରାତପ ତଳେ ଗୋଟିଏ ସଭାମଣ୍ଡପ ପ୍ରସ୍ତୁତ ହୋଇ ବନ୍ୟପୁଷ୍ପ ଓ ଲତାଦି ଏବଂ ସ୍ଥାନୀୟ କାରିଗରଙ୍କ କାରୁକାର୍ଯ୍ୟଦ୍ୱାରା ମନୋହର ରୂପେ ସୁସଜ୍ଜିତ ହୋଇଥିଲା । ଦିବା ଘ ୧୦ ଟା ସମୟରେ ନାଗରିକ ସ୍ତ୍ରୀମାନଙ୍କର ଉଲୁଧ୍ୱନି ଓ ଶଙ୍ଖନାଦ ସାହେବ ମହୋଦୟଙ୍କ ଆଗମନ ବାର୍ତ୍ତା ପ୍ରଚାର କଲାରୁ ଶ୍ରୀଯୁକ୍ତ ମହାରାଜାବାହାଦୁର ପାରିଷଦଗଣ ସହ ପାଛୋଟି ଆଣିବା କାରଣ ଅଗ୍ରସର ହୋଇ ସାଦର ସମ୍ଭାଷଣ ଓ କରମର୍ଦ୍ଦନ ପୂର୍ବକ ସାହେବ ମହୋଦୟଙ୍କୁ ଆଣି ସଭା ମଣ୍ଡପରେ ଉପବେଶନ କରାଇଲେ । ଇତି ମଧ୍ୟେ ବୋମବାଜି ଫାଏର ହେଲା ଏବଂ ଅବିଳମ୍ବେ ସଭାର ବହିର୍ଭାଗ ବିଶେଷ ଜନାକୀର୍ଣ୍ଣ ହୋଇଥିଲା ।

ସାହେବ ମହୋଦୟଙ୍କ ଉପବେଶନାନନ୍ତର ସ୍ଥାନୀୟ ପଣ୍ଡିତ ଓ ଶାସନୀ ବ୍ରାହ୍ମଣମାନେ ରୌପ୍ୟ ପାତ୍ରରେ ଦୂର୍ବାକ୍ଷତାଦି ସେନ ଆଶୀର୍ବାଦ କଲା ପରେ ଅନ୍ତସ୍ଥ ସ୍ୱନାମଖ୍ୟାତପଣ୍ଡିତ ଶ୍ରୀମାଧବାନନ୍ଦ ଶାସ୍ତ୍ରିଙ୍କ କୃତ ମଙ୍ଗଳାଭିବାଦନ ସୂଚକ ଶ୍ଲୋକ ତାହାଙ୍କଦ୍ୱାରା ପଠିତ ହୋଇ ସାହେବ ମହୋଦୟଙ୍କୁ ଅର୍ପିତ ହେଲାରୁ ତାଙ୍କ ସହ ଦୁଇ ଏକ କଥା ମିଷ୍ଟାଳାପାନନ୍ତର ସାହେବ ମହୋଦୟଙ୍କ ଗୁଣାନୁବାଦ-ପୂର୍ଣ୍ଣ କବିତାଟି ସୁସ୍ୱରରେ ପଠିତ ହୋଇ ସଭାସ୍ଥ ସମସ୍ତଙ୍କର ଆନନ୍ଦପ୍ରଦ ହୋଇଥିଲା ତଦନନ୍ତର ଶ୍ରୀମାନ୍ ମହାରାଜାବାହାଦୁର ଗାତ୍ରୋତ୍ଥାନ ପୂର୍ବକ ସାହେବ ମହୋଦୟଙ୍କୁ ପୁଷ୍ପ ଅତର ସ୍ତବକ ପ୍ରଦାନ କରି କେତେକ ମିଷ୍ଟାଳାପ ପର ସାହେବ ମହୋଦୟଙ୍କୁ ବାଟୋଇ ଦେଇ ଆସିଲେ, ସାହେବ ମହୋଦୟ ସୁସଜ୍ଜିତ ନୌଯାନାରୋହଣ ପୂର୍ବକ ତେଶକୁ ଗମନ କଲେ; ସେସମୟରେ ନଗର ଉଭୟ ତୀର ବିଶେଷ ଜନାକୀର୍ଣ୍ଣ ହୋଇ ମନୋହର ଦୃଶ୍ୟ ଧାରଣ କରିଥିଲା; ଅପରାହ୍ଣ ଘ ୩ ଟା ସମୟରେ ସାହେବ ମହୋଦୟ ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କେଉଁଝରର ପୋଲିସ ସାହେବମାନଙ୍କ ସମଭିବ୍ୟାହାରରେ ଅସି, ଜେଲ, ଡିସ୍ପେନସରୀ ଓ ଅଫିସମାନ ପରିଦର୍ଶନ କରି ଅତୀବ ପ୍ରୀତ ହେଲେ ।

ଅପରାହ୍ଣ ଘ ୫ ଟା ସମୟେ ସ୍କୁଲ ପରିଦର୍ଶନାର୍ଥ ସେଠାରେ ଉପସ୍ଥିତ ହେଲେ । ଗୃହ ଦ୍ୱାର ସୁସଜ୍ଜିତ ହୋଇଥିଲା ସ୍କୁଲର ବାର୍ଷିକ ରିପୋର୍ଟ ଶ୍ରବଣାନନ୍ତର ସାହେବ ମହୋଦୟ ବାର୍ଷିକ ପୁରସ୍କାର ଛାତ୍ରମାନଙ୍କୁ ସ୍ୱହସ୍ତରେ ବିତରଣ କଲେ ତଦନନ୍ତର ଛାତ୍ରମାନେ ଇଂରାଜୀ ଓ ଓଡ଼ିଆ ପଦ୍ୟମାନ ଆବୃତ୍ତି ଏବଂ ଗୋଟିଏ ନବରଚିତ ଓଡ଼ିଆ ଗୀତ ଗାୟନ କଲେ । ସାହେବ ମହୋଦୟ ତତ୍ ଶ୍ରବଣରେ ଅତୀବ ପ୍ରୀତ ହୋଇ ଓଡ଼ିଆ ଭାଷାରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କଲେ; ତହିଁରେ ଶିକ୍ଷକ ଓ ଛାତ୍ରମାନଙ୍କୁ କେତେକ ସାର ଗର୍ଭ ଉପଦେଶ ପ୍ରଦାନ କରି ସ୍କୁଲର କ୍ରମିକ ଉନ୍ନତିରେ ସାନ୍ତୋଷ୍ୟ ଆନନ୍ଦ ପ୍ରକାଶ ପୂର୍ବକ ଭବିଷ୍ୟତ୍ ଉନ୍ନତି ପ୍ରକାଶ ଚେଷ୍ଟା କରିବା କାରଣ ଶ୍ରୀମାନ୍ ମହାରାଜାବାହାଦୁର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲେ । ସ୍କୁଲରୁ ବିଦାୟକାଳେ ସାହେବ ମହୋଦୟ ଛାତ୍ରମାନଙ୍କୁ ମିଷ୍ଟାନ୍ନଭୋଜନ ନିମନ୍ତେ କିଛି ମୁଦ୍ରା ଦାନ କରି ଦି ୩ ନ ସ୍କୁଲ ବନ୍ଦ କରିବାର ଆଦେଶ ଦେଇ ଛାତ୍ରମାନଙ୍କର ଆନନ୍ଦ ବର୍ଦ୍ଧନ କରିଥିଲେ । ଅତଃପର ସାହେବମାନେ ପୋଲିସଷ୍ଟେସନ ପରିଦର୍ଶନାନନ୍ତର ପୂର୍ବୋକ୍ତ ସଭାମଣ୍ଡପ ନିକଟରେ ଫରିକାର ପାଇକମାନଙ୍କର ବେଶ ଓ ଖେଳ ଦେଖି ତେଶକୁ ପ୍ରସ୍ଥାନ କଲେ । ସେଠାରେ ରାତ୍ରରେ ଚନ୍ଦ୍ରାତପ ତଳେ ଦକ୍ଷିଣୀ ନାଟ ଓ ବାଦ୍ୟକରରେ ଆତସବାଜି ହୋଇଥିଲା; ତହିଁରେ ମଧ୍ୟ ସାହେବମାନେ ପ୍ରୀତ ହୋଇଥିଲେ ।

ତା ୪ ରିଖ ଭୋର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବବାହାଦୁର ଶ୍ରୀମାନ୍ ମହାରାଜାଙ୍କ ସହିତ କେଉଁଝରାଭିମୁଖେ ଯାତ୍ରା କଲେ ଓ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ବାଲେଶ୍ୱର ଫେରି ଗଲେ । ଆମ୍ଭେମାନେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଗୁପ୍ତ ସାହେବଙ୍କର ସଦାଳାପ ଓ ବ୍ୟବହାର ଦୃଷ୍ଟିରେ ଅତ୍ୟନ୍ତ ଆନନ୍ଦିତ ହୋଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ସେ ତାଙ୍କୁ ଓଡ଼ିଶାରେ ଦୀର୍ଘକାଳ ସ୍ଥାୟୀ କରାଇ ଦୁଃଖିନୀ ଓଡ଼ିଶାର ମଙ୍ଗଳ ବିଧାନ କରନ୍ତୁ ।

ପରିଶେଷରେ ଆମ୍ଭେମାନେ ଶ୍ରୀଯୁକ୍ତ ମହାରାଜ ବାହାଦୁରଙ୍କୁ ମାସାଧିକ କାଳ ହେଲା ଷ୍ଟେଟର ନାନାସ୍ଥାନରେ ଭ୍ରମଣ ପୂର୍ବକ ଦେବ ମନ୍ଦିରର ଜୀର୍ଣ୍ଣ ସଂସ୍କାର ବନ୍ଧ ଓ ଜଳାଶୟ ପ୍ରତିଷ୍ଠା ଓ ନୂତନ ସଡ଼କ ଆଦି ଜନହିତକର ନାନାଦି ଶୁଭକାର୍ଯ୍ୟାନୁଷ୍ଠାନ କରୁଥିବାର ଦେଖି ଅତିଶୟ ଆନନ୍ଦିତ ହୋଇ ଦୟାମୟ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ସେ ତାଙ୍କୁ ସୁସ୍ୱାସ୍ଥ୍ୟରେ ଦୀର୍ଘଜୀବୀ କରି ଦେଶ ଓ ଆଶ୍ରିତ ଲୋକମାନଙ୍କର ଉନ୍ନତି ବିଧାନ କରନ୍ତୁ ।

## ପୁସ୍ତକପ୍ରାପ୍ତି ସ୍ୱୀକାର ।

ଶତଦଳ ।—କାଉପୁର ମଧ୍ୟୋଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଚିନ୍ତାମଣି ମହାନ୍ତି ପ୍ରଣୀତ । ମୂଲ୍ୟ ଦୁଇଅଣା । ଏଥିରେ ଶରତ୍, ବସନ୍ତ ଏବଂ ଗ୍ରୀଷ୍ମ ଏହି ତିନଗୋଟି ବିଷୟର କବିତା ଦିଆଯାଇ ପଛକୁ କେତେଗୁଡ଼ିଏ ଉପଦେଶ ମାଳା ସଂକଳିତ ହୋଇଅଛି । କବିତା ଗୁଡ଼ିକ ମନ୍ଦ ହୋଇ ନାହିଁ ଏବଂ ସରଳ ଭାଷାରେ ଲିଖିତ ହୋଇଥିବାରୁ ବାଳକମାନଙ୍କର ପଢ଼ିବା ପକ୍ଷେ କୌଣସି ଅସୁବିଧା ନାହିଁ । କେତେକ ସ୍ଥଳରେ ଉପମାମାନ ଟଣାଟଣି କରି ଲଗାଇଥିଲେ ସୁଦ୍ଧା ଜତ୍ୟ ପ୍ରତ୍ୟକ୍ଷ ଘଟନା ଏବଂ ଦେଶପ୍ରଚଳିତ ସୁମାତମାନଙ୍କରୁ ଉପମା ସଂଗ୍ରହ କରିବାରେ ଲେଖକ ଯେ ପରିଶ୍ରମ କରିଅଛନ୍ତି ତାହା ବିଫଳ ହୋଇ ନାହିଁ ।

ପଣକଥା ପରିଚୟ ।—ଏହା ଅଗଣିରାଉତଙ୍କ ଦ୍ୱାରା ପ୍ରକାଶିତ । ଏଥିରେ କଡ଼ାର ଅଂଶ ଏବଂ ଛଟାଙ୍କି ସେର ମହଣ ଇତ୍ୟାଦିର ଧାରା ଦିଆଯାଇ ପଣକଥାରୁ ତହିଁର କି ରୂପେ ସାଧନ ହୋଇପାରେ ସେଥିର ଏକ ଦୀର୍ଘଗୀତ ଦିଆଯାଇଅଛି । ଏଥିରେ ପ୍ରକୃତରେ ଆମ୍ଭେମାନେ କୌଣସି ଗୁଣ ବିଶେଷ ପରିଚୟ ପାଇପାରିଲୁଁ ନାହିଁ ଏବଂ ପିଲାମାନେ ସହଜରେ ବୁଝିଯାଇବେ ବୋଲି ଗ୍ରନ୍ଥକର୍ତ୍ତା ଉତ୍ତରୋତ୍ତର ବହୁ ପରିଶ୍ରମ କରିଥିବାର କହିଥିଲେ ସୁଦ୍ଧା ପିଲାମାନେ ତହିଁରୁ କିଛି ଯେ ହୃଦୟଙ୍ଗମ କରିପାରିବେ ଏହା ଆମ୍ଭମାନଙ୍କର ବିଶ୍ୱାସ ନୁହେ । ତେବେ ଦୋକାନମାନେ କିଛି ଉପକାର ପାଇଲେ ପାଇପାରନ୍ତି । ଏ ପୁସ୍ତକ ଶିକ୍ଷାବିଭାଗରେ ଚଳାଇବା ଲେଖକଙ୍କର ଉଦ୍ଦେଶ୍ୟ ଥିଲେ ତାହା ବୃଥା ଏବଂ ସେପରି ପରାମର୍ଶ ଆମ୍ଭେମାନେ ଦେଇ ନ ପାରୁଁ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବ୍ରାହ୍ମଣୀ ବୈତରଣୀ କେନାଲର ଅସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ଶୈଳାନାଥ ବାନାର୍ଜି ତିନ ମାସର ଅନୁଗ୍ରହ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

କୋଠଦେଶ ପ୍ରଗଣାର ତହସିଲଦାର ବାବୁ ସୁଦର୍ଶନ ଦାସ ତିନ ମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

କଟକ କେଣ୍ଟୋନମେଣ୍ଟର କପିଲ ସାହୁ ସମ୍ପର୍କୀୟ ଫୌଜଦାରୀ ମୋକଦ୍ଦମାର ପ୍ରମାଣ ଗୃହୀତ ହୋଇଅଛି ମାତ୍ର ଫଳ ପ୍ରକାଶ ହୋଇ ନାହିଁ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଡାକ୍ତରଖାନାରେ ସାଧାରଣ ରୋଗିଙ୍କ ସଙ୍ଗେ ଏକ ଘର ମଧ୍ୟରେ ରହିବାକୁ ନିତାନ୍ତ ଅନିଚ୍ଛୁକ । ସେମାନଙ୍କ ରହିବା ଯୋଗ୍ୟ ଘର ନାହିଁ । ଯେ ଗୋଟିଏ ସାମାନ୍ୟ କାଠଘର ଅଛି ଯାହାକୁ କି କଟେଜ ହାସପାତାଲ ବୋଲାଯାଏ, ତାହା ଅତି କ୍ଷୁଦ୍ର ଓ ଅନେକ ପ୍ରୟୋଜନୋପଯୋଗୀ ନୁହେ । ଏଣୁକରି ନିବେଦନ କରୁଅଛୁଁ କି ଅଭିଷେକୋତ୍ସବକୁ ଏ ନଗରରେ ଚିରସ୍ମରଣୀୟ କରିବାପାଇଁ ଉପରୋକ୍ତ ହସପାତାଲ ସଂଲଗ୍ନରେ ଅନ୍ତତଃ ଦଶ ବାରଗୋଟି ରୋଗୀ ସପରିବାରରେ ରହିବା ଭଳି ଗୋଟିଏ ପକ୍କାଘର ତିଆର କରାଯିବାର ସ୍ଥିର ହେଲେ ବଡ଼ ଭଲ ହେବ । ଏଥିରେ ଯେ ସାମାନ୍ୟ ବ୍ୟୟ ହେବ ତାହା ଚାନ୍ଦାଦ୍ୱାରା ସହଜରେ ଉଠିବାର ସମ୍ଭବ, ଅଥଚ ଏହା ଦ୍ୱାରା ଗୋଟିଏ ବଡ଼ ଅଭାବ ପୂରଣ ହେବ ।

କଟକ ୩-୧୨-୦୨ } ବିନୟାବନତଃ ଶ୍ରୀ—

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମି ହିମଚନ୍ଦ୍ରଦଉ | କଟକ | ଟ ୧ |
| ବାବୁ କପିଳଚରଣ ଦାସ | „ | ଟ ୧ |
| „ ମା ଗୁଣୀ ବେହେରା | „ | ଟ ୧୫ |
| „ ଜଗନ୍ନାଥ ସର୍ତ୍ତ ଦେଓ୍ୱାନ | ଆଠମଲ୍ଲିକ | ଟ ୩ |
| „ ବାସୁଦେବ ସ୍ୱାଇଁ | କାନ୍ଥପାଟଣା | ଟ ୩ |
| „ ମାଧବପ୍ରସାଦ ମହାନ୍ତି | କଟକ | ଟ ୨ |
| „ ସୁଦାମଚରଣ ଦାସ | ଅନୁଗୁଳ | ଟ ୨ |
| „ ଶ୍ରୀନାଥ ସାମନ୍ତ | ଆଠଗଡ଼ | ଟ ୩ |
| ରଜା ଅଫ୍ ଜରଡ଼ାକୋଠ | ଗଞ୍ଜାମ | ଟ ୩୫ |

## ବିଜ୍ଞାପନ ।

ପୂର୍ବ ପୂର୍ବ ବର୍ଷପ୍ରାୟ ଆଗାମୀ ୧୯୦୩ ସାଲ ଜାନୁଆରୀ ମାସ ତା ୩ ରିଖଠାରୁ କଟକ କଲ-ଘଉଥରେ ପ୍ରଦର୍ଶନୀ ହେବ ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଦ୍ରବ୍ୟାଦି ପଠାଇବାକୁ ମନସ୍ଥ କରନ୍ତି ସେମାନେ ଚଳିତ ଡିସେମ୍ବର ମାସ ତା ୩୧ ରିଖ ବା ତହିଁ ପୂର୍ବରୁ ପ୍ରଦର୍ଶନୀର ସହକାରୀ ସମ୍ପାଦକ ଶ୍ରୀ ଜନ୍ ସାମସନ ରାଉତଙ୍କ ନିକଟକୁ ପଠାଇବେ । ଯେଉଁମାନେ ପ୍ରଦର୍ଶନୀ ଦେଖିବାକୁ ଇଚ୍ଛାକରନ୍ତି ସେମାନେ ନିର୍ଦ୍ଧାରିତ ତାରିଖରେ ବା ତହୁଁ ପରଦିନ ପ୍ରଦର୍ଶନୀ ସ୍ଥଳେ ଉପସ୍ଥିତ ହେବେ । ଯେଉଁ କାରିଗରମାନେ ପ୍ରଦର୍ଶନୀରେ ଆପଣାର କାରୁଗରୀ କାମ କରି ଦେଖାଇବାକୁ ଚାହାନ୍ତି ସେମାନେ ମଧ୍ୟ ଆସି ସେ ସ୍ଥଳେ କାର୍ଯ୍ୟ କରି ଦେଖାଇ ପାରିବେ ଓ ସେମାନଙ୍କର ଉପଯୁକ୍ତ ଖର୍ଚ୍ଚ ଦିଆଯିବ । ପ୍ରଦର୍ଶନୀରେ ଯେ ଯେ ଦ୍ରବ୍ୟ ପ୍ରଦତ୍ତ ହେବ ତାହା ପ୍ରଦର୍ଶକ ବିକ୍ରୟ କରିବାକୁ ଚାହିଲେ ବିକ୍ରୟ କରାଇ ଦିଆଯିବ । ଏ ବର୍ଷ ଶ୍ରୀ ରାଜରାଜେଶ୍ୱରଙ୍କର ଅଭିଷେକ ଦରବାର ଉପଲକ୍ଷରେ ଏ ନଗରରେ ଅନେକ ଲୋକର ସମାଗମ ହେବ ସୁତରାଂ କାରିଗରୀ ବା ଅନ୍ୟପ୍ରକାର ଦ୍ରବ୍ୟ ଯାହା ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ତାହା ଅନେକ ମୂଲ୍ୟରେ ବିକ୍ରୟ ହେବାର ସମ୍ଭବ ମଧ୍ୟ କାରିଗର ଅନେକର ନାମ ବିଖ୍ୟାତ ହୋଇଗଲେ ସେମାନଙ୍କର ରୋଜଗାର ଭବିଷ୍ୟତକୁ ଭଲ ହେବାର ଆଶା କରାଯାଏ । ଯେଉଁମାନେ କାରିଗରୀ କାମ କରି ଦେଖାଇବାକୁ ଚାହାନ୍ତି ସେମାନେ ଅନ୍ତତଃ ସାତ ଦିନ ପୂର୍ବରୁ ଆପଣା ଅଭିପ୍ରାୟ ଲେଖି ପଠାଇବେ ।

କଟକ ୧୧-୧୨-୧୯୦୨ } J. Sampson Rout ସହକାରୀ ସମ୍ପାଦକ ।

## NOTICE.

Wanted a Head Clerk and Cashier for the Kujang Sub-Manager's Office on a Salary of Rs. 45 a month. Knowledge of English, Uriya and Bengali is indispensable. The selected candidate shall have to deposit Rs. 1000 either in cash or Government Promissory note. Applications with copies of testimonials will be received by the undersigned up to the 31st instant.

Dated Anantapur The 10th December 1902. } R. N. Basu *Sub-Manager* Anantapur Tikri P. O. Dt. Cuttack.


## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it, which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA, Worli—Dadar Bombay, and everywhere. At Re 1 per bottle. Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ ।

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସହଜପରିମିତିସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦।/ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।
ସୁତାହାଟ, କଟକ ।

## ଏଇଟ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪ ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ।/ ଅଣା ।

ପ୍ରାପ୍ତିସ୍ଥାନ    ଏଇତ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।


ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ ( ପାଉଣ୍ଡ ) ସନ ୧୯୦୨ ମସିହା ଡିସେମ୍ବର ମାସ ତା ୧୬ ରିଖଠାରୁ ସନ ୧୯୦୪ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ବା ୧୬ ମାସ ନିମନ୍ତେ ସନ ୧୯୦୨ ମସିହା ଡିସେମ୍ବର ମାସ ତା ୧୬ ରିଖ । ମୁ । ସନ ୧୩୧୦ ସାଲ ପୌଷ ମାସ ଦ ୨ ତ ଦିବା ଘ ୧୨ ଘା ସମୟରେ କଟକ ସହର ଲୋକେଲ-ବୋର୍ଡ଼ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମ ଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ପ୍ରହରା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମସ୍ତର ଚତୁର୍ଥାଂଶ ଜାମିନ ସ୍ୱରୂପ ଟ୍ରେଜରୀରେ ଦାଖଲ କରିବେ ଓ ବାକି ଜରସମସ୍ତ ନିରୂପିତ କିସ୍ତି

Digitized by srujanika@gmail.com

Split by PDF Splitter 504



ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ସାନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ ନ ହେଲେ ତହିଁର ଯେ କ୍ଷତି ହେବ ତାହା ଠିକା-ଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିର୍ଦ୍ଦିଷ୍ଟ ଷ୍ଟାମ୍ପ କାଗଜରେ ବୋର୍ଡ଼ ଡେଷ୍ୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଖାତମତେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମଗାଦ ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଣ୍ଡିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ଇତନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହେଲେ ତତ୍‌କ୍ଷଣାତ ତାହାର ଡିପୋଜିଟ ଜବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାତ୍ରଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ନିଲାମ କରାଯିବ ।

| ଥାନା କଟକ | ଥାନା ଜଗତସିଂହପୁର |
|---|---|
| ୧ । ତେଲେଙ୍ଗାପେଣ୍ଠ | ୧ । ବାଲିଆ |
| ୨ । ଲହରକଣ୍ଡା | ୨ । ଦଙ୍ଗାଉସାହି |
| ୩ । ବାରଙ୍ଗ | ୩ । ଗୋବିନ୍ଦପୁର |
| ୪ । ପାଥପୁର | ୪ । ଜଗତସିଂହପୁର |
| ୫ । ଟାଙ୍ଗି | ୫ । ଝରଲେ |
| ୬ । ଭଣ୍ଡାପଡ଼ା | ୬ । ନଅଲୀ |
| | ୭ । ମାଧବ |

| ଥାନା ବାଙ୍କୀ | |
|---|---|
| | ୮ । କନିସିପୁର |
| ୧ । ତଙ୍ଗିକା | ୯ । ସୁଡୁକଣି |
| ୨ । ଭୁଲଣୀପୁର | ୧୦ । ରଘୁନାଥପୁର |
| ୩ । ପଥରଅପଡ଼ା | ୧୧ । ବାଲିଜ୍ବା |
| ୪ । କଳାପଥର | |
| ୫ । ବୈଦେଶ୍ୱର | ଥାନା ତିର୍ତ୍ତୋଲ |
| ୬ । ସୁବର୍ଣ୍ଣପୁର | ୧ । ଝିଙ୍କତି ଜମ୍ବୁପୁର |
| ୭ । ଶୋଳପୁର | ୨ । କନକପୁର |
| ୮ । ଭଗିପୁର | ୩ । କନ୍ଧାପାଟଣା |
| | ୪ । ପନ୍ଦପାଲ |
| | ୫ । ଅଳନ୍ତପୁର |

| ଥାନା ଶାଳେପୁର | |
|---|---|
| ୧ । ପଦ୍ମପୁର | ୨ । କଣ୍ଠଆଥପୁର |
| ୩ । ମୌଡ଼ି | ୪ । କୁହୁଣ୍ଡୀ ସଦର |
| ୫ । ଖଣ୍ଡୋଲ | ୬ । ସବଲଙ୍ଗା |
| ୭ । ଗମ୍ଭୂରେଶ୍ୱର | ୮ । ଶାନ୍ତପୁର |
| ୯ । ଭଗପୁର | ୧୦ । ନରେନ୍ଦ୍ରପୁର |
| ୧୧ । ଚଲେଣ୍ଡପୁର | ୧୨ । ଗୌଡ଼ଗୋପ |

M, Das
V. Chairman,


# ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଅଦ ଓ ଅକୃତ୍ରିମ ।

ଆଉ ତାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ ତାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ର ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ ତାପୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରକ୍ଷଣରେ ପ୍ରଚଳିତ ଓ ବିକ୍ରିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧ ହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ ରୋଗକୁ ଚାପି ରଖେ ମାତ୍ର—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁ ହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧ ପ୍ଲାବିତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାଗିଦ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଲରେ ଉପ-ଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏବେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଷ୍ଟବାତ, ଅଣ୍ଡ ଗଣ୍ଡ ଫୁଲିବା, କୁଷ୍ଠରୋଗ ହୋଇ ଫୁଲି ଉଠିବା, କୁଣ୍ଡିଆଣ, ଖୁଜି ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଫାଟ ଗରମିର ଦାଦ ବା କଲାଚର, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ,ଯନ୍ତ୍ରଣାଦି ପୁଣି ପାପ ଓ ଗରମ ବଶର ନଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।


Digitized by srujanika@gmail.com

ଇଲେକ୍‌ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କସାର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହଦାହ, ପ୍ରସ୍ରାବ ଜଳନ, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳର ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, କର୍ତ୍ତବ୍ୟପ୍ରବୃତ୍ତି, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲ୍‌ସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ ! ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍‌ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର କ୍ଷତିକର ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ;—ସ୍ୱପ୍ନ ଭ୍ରମରେ ବିଷ ଭକ୍ଷଣ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ-ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ଭୂମଣ୍ଡଳର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ହିଁ ପ୍ରମାଣ ପୁସ୍ତିକା-ଆକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ ପଠାଇ ଔଷଧ ମଗାଉ ଅଛନ୍ତି ସେମାନଙ୍କର ଓ ଅସଂଖ୍ୟ ଦୂରଦେଶବାସୀ ରୋଗୀଙ୍କର ସୁବିଧାର୍ଥେ ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ତାରଷ୍ଟାଫିସ୍‌ରେ ରେଜିଷ୍ଟ୍ରି କରାଯାଇଅଛୁ ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବଶୀଘ୍ର ତାହା ଆମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ୍, ନିଉୟର୍କ ଆମେରିକା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା ।

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

ଏହିପରି ଅଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO.'S MEDICAL LABORATORY CALCUTTA TRADE MARK

ଅମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାଯଶା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ;—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ହୋଇ ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର !

ଇଲେକ୍‌ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ତୁମ୍ଭେ ଏଥିର ଔଷଧ ସେବନାନ୍ତେ ମନରେ ବୁଝିବ ଯେମନ୍ତ ସଂସାରଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା ମନ୍ତ୍ରର ପ୍ରଭାବ ଗଲା । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅସ୍ମମାନଙ୍କୁ ଶିକ୍ଷା ଦେଇଅଛନ୍ତି ଯେ ତଡ଼ିତ୍‌ର ଆକର୍ଷଣ ବିକର୍ଷଣ ଶକ୍ତି ହିଁ ପ୍ରକୃତିର ଜୀବନ । ତଡ଼ିତ୍‌ର ପ୍ରଭାବ ବ୍ୟତୀତ ପ୍ରକୃତି ଦେହ ସଞ୍ଚାଳନା । ଏପରି ତଡ଼ିତ୍‌ର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ବିଚିତ୍ର କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି, ବାଲ୍ୟ ଚାପଲ୍ୟର ଉଚ୍ଛୃଙ୍ଖଳତାରେ ଓ ସ୍ୱାସ୍ଥ୍ୟରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁ ସମ୍ବନ୍ଧୀୟ ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣ ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାରେ ସନ୍ଦେହ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତଡ଼ିତ୍ ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ । ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରଇ ବାତ, ପକ୍ଷାଘାତ, ସ୍ନାୟୁଦୌର୍ବଲ୍ୟ ପ୍ରଭୃତି କେତୋଟି କଷ୍ଟକର ରୋଗ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ଚର୍ମର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଚିକିତ୍ସ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଆଉ ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ଜେନେର ମହାମନସ୍ୱୀ କ୍ଷମତା ହାନ ଡାକ୍ତର ମେଜର ତାଡ଼ିତଶକ୍ତିର ଆଭ୍ୟନ୍ତରିକ ପ୍ରୟୋଗାର୍ଥ ତାହାକୁ ବହୁ ଗବେଷଣ କାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଜନ କରି ଛିଡ଼ାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ହେତୁ ଜଗତରେ ଏକ ଯୁଗ ଆଣି ଦେଇଅଛନ୍ତି ।

ଅଭି କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାକୁହିଁ ରୋଗଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାକାନ୍ତିକୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତପିତ୍ତର ଦୁଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଘାଆ, ନାଲିଘା, ଗାତୁବନ୍ଧ, ବାତ, କୁଷ୍ଠ, ଚର୍ମରୋଗ, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ଘୂରିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ କଷ୍ଟକର, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତକ ବିନା ମାଗିଲେ ଦେଉ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତିଶିଶି ଟ ୨ ୧, ୩ ଶିଶିକୁ ଟ ୫୲, ୬ ଶିଶିକୁ ଟ ୧୦୲, ଡଜନକୁ ଟ ୨୦ । ଟରେଣ୍ଟର ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତିଶିଶିରେ ଟ ୦ ।୵, ୩ ଶିଶିରେ ଟ ୦ ।୵, ୬ ଶିଶିରେ ।୵, ଡଜନରେ ଟ ୧।୵ ।

ଅସ୍ମମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା।

TELEGRAPHIC ADDRESS,
"MAJOR" Calcutta

Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।

ଏ, ଏଚ୍, ଏମ୍, ଏସ୍ ଚୋଙ୍ଗାର ।

## ଆର୍ଯ୍ୟଶଙ୍କର ଔଷଧାଳୟ ।

ଶାନ୍ତିବାର ସୁଧା

ଅବା

ଶାନ୍ତିବାର ସୁଧା ବଟିକା ।

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ-ଜ୍ୱର, ସବିରାମ ଜ୍ୱର, ମାଲେରିଆ ଜ୍ୱର, ଯକୃତ ଓ ପ୍ଲୀହାସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର-ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

ମୂଲ୍ୟ ବଡ ବୋତଲ ଟ ୧୯
„ ଛୋଟ „ ଟ ୦।୵
ମୂଲ୍ୟ ବଡ ଫରିଆ ଟ ୧୯
„ ଛୋଟ ଟ ।୵

ଶକ୍ତି ସଞ୍ଚାରଣୀ ସାଲସା ।

ଏହା ସବୁ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି ନିୟମ ନାହିଁ । ଭଲ ବେପାରୀ ଲୋକେ ଯେରୂପ ସ୍ୱଚ୍ଛନ୍ଦରେ କାର୍ଯ୍ୟ କରୁଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ କରି ପାରନ୍ତି । ଏହା ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ୟ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା ଅପକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧। ଡାକମାସୁଲ ଟ ୦।୵

ଷଣ୍ଡ ବଟିକା ।

ଏହା ତିନ ଚାରି ଦିବସ ବ୍ୟବହାରରେ ଉତ୍କଟ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାରଦଜନିତ ଚର୍ମରୋଗ ଓ ବାତଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଏ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍ସର ମୂଲ୍ୟ ଟ ୦। ଡାକମାସୁଲ ଟ ୦

ଦଦ୍ରୁ ବିଲୋଚନ ।

ଏହା ନୂତନ ଓ ପୁରାତନ ସର୍ବବିଧ ଦଦ୍ରୁ (ଯାଉ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

ବାତ ରୋଗର ସ୍ପେସିଫିକ ବିଷ୍ଣୁତୈଳ ।

ଏହା ଆମବାତ ରୋଗର ନାଶକ ଔଷଧ ।

ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା ବକ୍ଷସ୍ଥଳର ପୀଡ଼ା ଆରୋଗ୍ୟ କରିବାରେ ଅତ୍ୟାଶ୍ଚର୍ଯ୍ୟ ଜନକ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତି ଶିଶି ଟ ୦। ଡାକମାସୁଲ ଟ ୦।୵
ଭି, ପି, କମିସନ ଟ ୦/

ଶଙ୍କର-ସୁଧା ।

ମେହ ରୋଗର ଅବ୍ୟର୍ଥ ମହୌଷଧ ।

ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ୍ ଔଷଧ ଅଭାବରୁ ଦଶଜଣ ମଧ୍ୟରୁ ନଅଜଣ ଏହି ଭୟାନକ ରୋଗରୁ କଷ୍ଟ ପାଉଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଭୟାବହ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହ-ରୋଗ ଓ ତଜ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା ରକ୍ତମୂତ୍ର, ମୂତ୍ରକୃଚ୍ଛ୍ର ଓ ସ୍ୱପ୍ନାବସ୍ଥାରେ ଶୁକ୍ରର ତରଳତା ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ରକ୍ତ ରୋଗ ଆରୋଗ୍ୟ କରଇ ।

ମୂଲ୍ୟ ଏକ ଶିଶି ଟ ୧। ଡାକମାସୁଲ ଟ ୦।୵
ଠିକଣା ନଂ ୫ ମୁର ଲେନ ।ଓସ୍ତାଗରସଲେ
ଝିଁପଡା, କଲିକତା ।

---

# ଫଳେନ ପରିଚୀୟତେ

କବିରାଜ ଶ୍ରୀଚକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜିକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨୯

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧। ମାତ୍ର ।

### କଲ୍ୟାଣରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦ ଦୋଷଜନିତ ଶରୀରରେ କଳା୨ ଓ ତମ୍ବା୨ ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧। ମାତ୍ର ।

ଏକକେ ତିନଶିଶି ନେଲେ ଟ ୩୯ କା ଲାଗେ ।

| | |
|---|---|
| ଚୌଧୁରୀ ବଜାର | ଶ୍ରୀ ଚକଡ଼ି କର କବିରତ୍ନ |
| | ଅନ୍ନପୂର୍ଣ୍ଣା |
| କଟକ | ଆୟୁର୍ବେଦୀୟ ଔଷଧାଳୟ । |


---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଦର ୧୦ ୩ ଧାଡ଼ିରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ନଗର ଦଗରାପଡ଼ାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81

# ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା ।

# THE UTKAL DIPIKA.

ଭା ୩୭ ଶ | ସଂ ୪୯ ଶ

CUTTACK, SATURDAY THE 20th December 1902.

୬ ୭ ଶ ପୌଷ ସନ ୧୩୧୦ ସାଲ ଶନିବାର

ଅଗ୍ରୀମ ଟ ୩୧ | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902

Oriya Alphabet and Spelling Book. For Infant Class and Standard I, (*ready*) ... As. 1

Oriya Lower Primary Science Reader ( *ready* ) ... As. 3

Oriya Lower Primary Arithmetic (*ready*) ... As. 4

Oriya Upper Primary Science Reader ( *ready* ) .. As. 4

Oriya Upper Primary History Reader ( Bengal) ( *ready* ) As. 3

Oriya Upper Primary Geography Reader (*ready*) As. 3

Oriya Upper Primary and Middle Vernacular Arithmetic (*ready*) ... As. 8

Oriya Upper Primary Literature Book (*ready*) ... As. 3

Oriya Upper Primary and Middle Vernacular Practical Geometry and Mensuration (*in a few days*) ... As. 4

Oriya Middle Vernacular Science Reader (*in a few days*) As. 7

Oriya Middle Vernacular History Reader (*ready*) ... As. 4

Oriya Middle Vernacular Literature Book (*ready*) ... As. 6

*For any of these books apply to*

Superintendent,

**Orissa Mission Press, CUTTACK.**

ଡିରେକ୍ଟର ମହୋଦୟ କର୍ତ୍ତୃକ ଅନୁମୋଦିତ ଭାରତୀୟ ବିଦ୍ୟାଳୟସମୂହର ପାଠୋପଯୋଗୀ ମ୍ୟାକ୍ମିଲାନ୍ କୋମ୍ପାନିର ପୁସ୍ତକାବଳି, ୧୯୦୨ ।

ଓଡ଼ିଆ ବର୍ଣ୍ଣବୋଧ ( ପ୍ରସ୍ତୁତ ଅଛି ) ଟ ୦/

ଓଡ଼ିଆ ନିମ୍ନପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦⁄

ଓଡ଼ିଆ ନିମ୍ନପ୍ରାଥମିକ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ଉଚ୍ଚପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ଉଚ୍ଚପ୍ରାଥମିକ ଐତିହାସିକ ପାଠ ( ବଙ୍ଗଦେଶ ) ପ୍ରସ୍ତୁତ ଅଛି ) ଟ ୦⁄

ଓଡ଼ିଆ ଉଚ୍ଚପ୍ରାଥମିକ ପରୀକ୍ଷାର ଉପଯୋଗୀ ଭୌଗୋଳିକ ପାଠ ( ପ୍ରସ୍ତୁତ ଅଛି ) ଟ ୦⁄

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦॥

ଓଡ଼ିଆ ଉଚ୍ଚପ୍ରାଥମିକ ସାହିତ୍ୟ ପାଠ (ପ୍ରସ୍ତୁତ ଅଛି) ଟ ୦⁄

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଓଡ଼ିଆ ବ୍ୟାବହାରିକ ଜ୍ୟାମିତି ଓ ପରିମିତି ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ବୈଜ୍ଞାନିକ ପାଠ ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦।⁄

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଐତିହାସିକ ପାଠ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ସାହିତ୍ୟ ପାଠ ( ପ୍ରସ୍ତୁତ ଅଛି ) ଟ ୦।⁄

ଉପରୋକ୍ତ ପୁସ୍ତକ ସବୁ ଓଡ଼ିଶା ମିଶନ ଯନ୍ତ୍ରାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ପ୍ରାପ୍ତବ୍ୟ ।

## NOTICE.

Wanted a Second Clerk for the Khurda Khasmahal office on a Salary of Rs. 35 per month. Preference will be given to those who have experience in correspondence work. Applications will be received by the undersigned up to the 15th January next.

Khurda Sub-Divsion office
Khurda, The 13th December 1902.

J. E. Friend Pereira
*Sub-Divisional officer*

## NOTICE.

Wanted a Manager for the Jagirmehal attached Estate in this District. Salary Rs. 40 per mensem. Non-resident applicants possesing a fair knowledge of English and Settlement work able to furnish security in cash or promissory notes for Rs. 500 will be preferred. Applications with testimonials will be received by the Collector of Puri up to the 20th instant. Age should be stated.

Puri Collectorate
The 11th Decr. 1902.

R. C. Banerjee,
*Dy. Collector incharge*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

Digitized by srujanika@gmail.com

# ଉତ୍କଳଦୀପିକା ।

ଏ ନଗରର କାଠଯୋଡ଼ି ନଦୀର କଲେକ୍ଟରୀ କଚେରୀର ଅଳ୍ପ ତଳକୁ ଯେଉଁ ଗାଧୋଇବାର ଘାଟ ଅଛି, ଉକ୍ତ ଘାଟରେ ଯାଣି ବେଶିଥିବା ହେତୁ ନ ୨ ଜଣ ସ୍ତ୍ରୀଲୋକ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସେମାନେ ବୁଡ଼ିଯାଉଥିଲେ । ଦୁଇଜଣ ଅଳ୍ପବୟସ୍କ ଯୁବକ ସେମାନଙ୍କୁ ଉକ୍ତ ମୃତ୍ୟୁ ଦାୟରୁ ରକ୍ଷା କରିଅଛନ୍ତି । ସେମାନେ ସେଥି ନିମନ୍ତେ ଧନ୍ୟବାଦାର୍ହ । ସ୍ଥାନାନ୍ତରେ ପ୍ରକାଶିତ ପ୍ରେରିତପତ୍ରରୁ ସବିଶେଷ ଅବଗତ ହେବେ ।

---

ଗତ ମାସ ତା ୨୯ ରିଖ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ତହିଁ ପୂର୍ବ ସପ୍ତାହରୁ ୨,୧୩୯ ଊଣା ହୋଇ ୨୩,୮୯୨ ରେ ରହିଥିଲା । ତହିଁ ମଧ୍ୟରେ ୨,୦୯୮ ଜଣ କାର୍ଯ୍ୟଦ୍ୱାରା ଏବଂ ୨୧,୭୯୪ ଦାତବ୍ୟ ସାହାଯ୍ୟ ପାଇଥିଲେ । ଅଧିକାଂଶ ବ୍ୟକ୍ତି ଅର୍ଥାତ୍ ୧୬ହଜାର କେବଳ ବୋମ୍ବେଇ ଓ ଡେକ୍କନ ପ୍ରଦେଶବାସୀ ଏବଂ ଅବଶିଷ୍ଟ ମଧ୍ୟଭାରତର ଲୋକ ଅଟନ୍ତି ।

---

କଂଗ୍ରେସ ଅବା ଜାତୀୟ ମହାସମିତିର ବୈଠକ ଅତି ସନ୍ନିକଟ ହେଲା ମାତ୍ର ଓଡ଼ିଶାରେ ତନ୍ନିମନ୍ତେ କୌଣସି ଆୟୋଜନ ଉପସ୍ଥିତ ହୋଇ ନାହିଁ ବା ହେବାର ମଧ୍ୟ ଆଶା ନାହିଁ । ପ୍ରଥମ ବୈଠକ ଚଳିତମାସ ତା ୨୩ ରିଖରେ ହେବ । ଅହମ୍ମଦାବାଦ ବହୁ ଦୂର ବାଟ; ସୁତରାଂ ବଙ୍ଗଦେଶର ଯାତ୍ରୀମାନେ ତା ୧୯ ରିଖ ଡିସେମ୍ବରରେ ଯାତ୍ରା କରିବାର ସ୍ଥିର କରିଥିଲେ । ତାହାହେଲେ ସେମାନେ ତା ୨୨ ରିଖରେ ପହଞ୍ଚିବାକୁ ସକ୍ଷମ ହେବେ । ବୈଠକ ଅଭିଷେକ ଦରବାରର ଅବ୍ୟବହିତ ପୂର୍ବରେ ହେଉଅଛି, ପ୍ରଥମ ଅଧିବେଶନର ଆରମ୍ଭରେ ଇଂଲଣ୍ଡାଧିପତି ଭାରତସମ୍ରାଟ ସପ୍ତମ ଏଡ଼ୱାର୍ଡଙ୍କ ଜୟ ଘୋଷଣା ହେବ ତଦନନ୍ତର ଅନ୍ୟାନ୍ୟ କାର୍ଯ୍ୟ ଚଳିବ ।

---

ବୋମ୍ବାଇର ଲବ୍ଧକର୍ମା ମହାଶୟ ଟାଟା [illegible]ର୍ଯ୍ୟରେ ଅତି ନିପୁଣ ଅଟନ୍ତି ଏବଂ ଏହାଙ୍କ ତତ୍ତ୍ୱ ଭାରତ କାହିଁକି ଯୁରୋପ, କଲ୍ୟ ଏବଂ ଅନ୍ୟାନ୍ୟ ପ୍ରଭୃତି ସର୍ବ ଦେଶରେ ପ୍ରଶଂସା ପାଇଅଛି । ବର୍ତ୍ତମାନ୍ ସେ ଆମେରିକାର ମାନଙ୍କରେ ବାସ କରୁଅଛନ୍ତି । ସେ ଦରବାର ପ୍ରଦର୍ଶନୀର ଯେଉଁ ପ୍ରଶସ୍ତ ଅମର ରହିଁରେ ତାହାଙ୍କୁ ଜଣେ ବିଶେଷଜ୍ଞପଦରେ ନିଯୁକ୍ତ କରିବା କାରଣ ଭାରତ ଗବର୍ଣ୍ଣମେଣ୍ଟ ପତ୍ର ଲେଖିଥିଲେ । ମହାଶୟ ଟାଟା ମହୋଦୟ ନିଜାନ୍ତ ବୃଦ୍ଧ ହେବା ଏବଂ ବର୍ଷୀୟ ଯିବା ସମ୍ବନ୍ଧୀୟ ସମସ୍ତ ଆୟୋଜନ କରିବା ନିମନ୍ତେ ତାଙ୍କ ଉପଯୁକ୍ତ ସମୟ ନ ଥିବାରୁ ସେ ଗବର୍ଣ୍ଣମେଣ୍ଟଙ୍କ ପ୍ରାର୍ଥନା ଅଗ୍ରାହ୍ୟ କରିଅଛନ୍ତି ।

---

ଅଭିଷେକ ଦରବାର ଉପଲକ୍ଷରେ କେନ୍ଦ୍ରାପଡ଼ାରେ ଅନ୍ୟାନ୍ୟ ସ୍ଥଳପରି ଗୋଟିଏ କମିଟୀ ସ୍ଥାପିତ ହୋଇଅଛି । ସବ୍‌ଡିଭିଜନାଲ ଅଫିସର ଉକ୍ତ କମିଟୀର ସଭାପତି । ଗତ ତା ୧୩ ରିଖ ଅଧିବେଶନରେ ସ୍ଥିର ହେଲା ଯେ ସଂଗୃହୀତ ଟଙ୍କା ମଧ୍ୟରୁ ଟ ୫୦୦୯ ଙ୍କା ପ୍ରାଦେଶିକ ଅଭିଷେକ ପାଣ୍ଠିନିମନ୍ତେ କଟକକୁ ପଠାଯିବ ଓ ଅବଶିଷ୍ଟ ଟଙ୍କା ମଧ୍ୟରେ ସଦର ଗେଷ୍ଟଲାଇଟନିମନ୍ତେ ଟ ୨୦୦୯ ଙ୍କା, ଅତସବାଜି ପାଇଁ ଟ ୭୦୯ ଙ୍କା ସ୍କୁଲବାଳକମାନଙ୍କ ଭୋଜନନିମନ୍ତେ ଟ ୧୫୦୯ ଙ୍କା ଗରିବମାନଙ୍କ ଭୋଜନନିମନ୍ତେ ଟ ୧୫୦୯ ଙ୍କା ଓ ଅନ୍ଧ ଖଞ୍ଜ ଓ ବେଗମୀ ଲୋକମାନଙ୍କ ବସ୍ତ୍ରନିମନ୍ତେ ଟ ୫୦୯ ଙ୍କା ଓ ଯାତ୍ରାପ୍ରଭୃତିନିମନ୍ତେ ଟ ୪୦୯ ଙ୍କା ଖରଚ ହେବ ।

---

କଟକ ମେଡ଼ଲ ସ୍କୁଲର ହେଡ଼ମାଷ୍ଟର ଶେଖ ମକରୁଦ୍ଦିନଙ୍କ ନାମରେ ଯେଉଁ ଅପବାଦ ବର୍ଣ୍ଣାସ୍ତ୍ର ପଡ଼ିଥିଲା ତାହା କଳ୍ପିତ ହୋଇ ରିପୋର୍ଟ ହେଲାରୁ ଓଡ଼ିଶା ସ୍କୁଲସମୂହର ଇନ୍‌ସ୍ପେକ୍ଟର ଅଭିଯୋଗକାରୀମାନଙ୍କ ନାମରେ ମିଥ୍ୟାଅପବାଦ ଦେଇ ହଇରାଣ କରିଥିବାରୁ ମିଥ୍ୟା ଅପବାଦର ମୋକଦ୍ଦମା ଦାଏର କରିବା ନିମନ୍ତେ ମୁନସି ମକରୁଦ୍ଦିନଙ୍କୁ ଆଦେଶ ଦେଇଅଛନ୍ତି । ଇତିପୂର୍ବେ ବିଷୟରେ ଖଣ୍ଡିଏ ପ୍ରେରିତପତ୍ର ପାଇଥିବାରୁ ଓ ଅପବାଦ ବିଷୟ ପତ୍ରିକାରେ ପୂର୍ବେ ପ୍ରକାଶିତହୋଇଥିବାରୁ ସାଧାରଣଙ୍କ ଅବଗତାର୍ଥେ ତଦନ୍ତର ହାଲ ଜଣାଇଲୁ । ଆମ୍ଭେମାନେ ଆଶା କରୁ ମୁନସି ଶୀଘ୍ର ଅପବାଦକାରୀଙ୍କ ନାମରେ ମୋକଦ୍ଦମା ଦାଏର କରି ସେମାନଙ୍କୁ ଉଚିତ ଶିକ୍ଷା ପ୍ରଦାନ କରନ୍ତୁ । ଦୁଷ୍ଟର ଦମନ ଓ ଶିଷ୍ଟର ପାଳନ ନୀତି ଅନୁସରଣ କରିବା ଉଚିତ ହୋଇଅଛି ।

---

ବିଜ୍ଞାପନ ସ୍ତମ୍ଭରେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଦେଖିବେ ଯେ ଆଗାମୀ କଟକ ପ୍ରଦର୍ଶନୀ ୧୯୦୩ ସାଲର ଜାନୁୟାରି ମାସ ତା ୩ ରିଖରେ ଫିଟିବ । ଗତବର୍ଷ ଫେବୃୟାରି ମାସରେ ପ୍ରଦର୍ଶନୀ ଫିଟିଥିଲା ମାତ୍ର ଏଥର ବୋଧହୁଏ ସମ୍ରାଟ ସପ୍ତମ ଏଡ୍‌ୱାର୍ଡଙ୍କ ଅଭିଷେକ ଦରବାର ଉପଲକ୍ଷରେ ଅନେକ ଲୋକଙ୍କ ସମାଗମ ଆଶାରେ ସେହି ସମୟରେ ଏହି ପ୍ରଦର୍ଶନୀ ଫିଟିବାର ସମସ୍ତ ଉଦ୍ଦେଶ୍ୟ ଜଣାହୋଇଅଛି । ମାତ୍ର ପ୍ରଦର୍ଶନୀର ସମୟ ଅତି ଅଳ୍ପଦିବସ ଅଛି ସୁତରାଂ ଏହି ଅଳ୍ପ ସମୟମଧ୍ୟରେ ଦୂରଦେଶରୁ ଦ୍ରବ୍ୟାଦି ଆୟୋଜନ କରି ପଠାଇବା ଅବଶ୍ୟ କଷ୍ଟକର ହେବ । ଆଉ କେତେକଦିବସ ଆଗରୁ ବିଜ୍ଞାପନଟି ପ୍ରକାଶିତ ହୋଇଥିଲେ ଭଲ ହୋଇଥାନ୍ତା । ପ୍ରଦର୍ଶନୀର ଉଦ୍‌ଯୋଗକାରୀମାନେ ଟିକିଏ ଦୂରଦର୍ଶୀ ହୋଇ କାର୍ଯ୍ୟ କରିଥିଲେ ଏ ଦୋଷ ଘଟି ନ ଥାନ୍ତା ପ୍ରଦର୍ଶନୀର ସମୟ ସହଜରେ ଯେପରି ଦରବାରର ସମୟ ସଂଯୋଗ ହୋଇଥିଲା ତାହାରମାନେ ଏଥିଦ୍ୱାରା ଉତ୍ତମ ଫଳ ଲାଭ କରିପାରିଥାନ୍ତେ । କିନ୍ତୁ ତାହା ହେବାର ହୋଇଅଛି । ଆମ୍ଭେମାନେ ଆଶା କରୁଁ, ପ୍ରଦର୍ଶନୀର ଉତ୍ସାହଦାତାମାନେ ପୂର୍ବବର୍ଷପରି ଏହାପ୍ରତି ସମଭାବ ପ୍ରଦର୍ଶନ କରିବାରେ ତ୍ରୁଟି କରିବେ ନାହିଁ ।

---

ସ୍ଥିତିବାନ୍ ରୟତ କିଏ ଏବଂ ଦଖଲ ରୟତ କିଏ ଏହା ଠିକ କରି ସତ୍ତ୍ୱ ଛପିବେ ଲେଖିବାକୁ ଡେପୁଟି କଲେକ୍ଟରମାନେ ବେଳେ ୨ ଭ୍ରମ କରିବାର ଦେଖି ବଙ୍ଗଳାର ବୋର୍ଡ଼ରେଭିନ୍ୟୁ ବୁଝାଇ ଦେଇଅଛନ୍ତି କି ଯେଉଁ ରୟତ ନିଜେ ଅଥବା ଉତ୍ତରାଧିକାରୀ ସୂତ୍ରେ ଏକ ମୌଜାର କୌଣସି ଜମି ବ ୧୨ ବର୍ଷ ଧରିଅଛି ସେ ରୟତ ସେ ମୌଜାର ସ୍ଥିତିବାନ୍ ରୟତ ଅଟେ । କେବଳ ଏକକି ଜମିରେ ତାହାର ଦଖଲ ସତ୍ତ୍ୱ ଅଛି ଏମନ୍ତ ନୁହେ । ଏଥି ଉପରେ ସେ ମଉଜାରେ ସେ ଆଉ ଯେତେ ଜମି ଧରିଅଛି ଏବଂ ବେଳକୁ ବେଳ ଯେତେ ଜମି ଧରିବ ତହିଁରେ ମଧ୍ୟ ତାହାର ଦଖଲ ସତ୍ତ୍ୱ ରହିଅଛି । ତାହାର ସ୍ଥିତିବାନ୍ ପ୍ରଜାସତ୍ତ୍ୱ ତାହାର ଉତ୍ତରାଧିକାରୀମାନଙ୍କୁ ପ୍ରାପ୍ତ ହେବ ମାତ୍ର ତାହା ହସ୍ତାନ୍ତର ହୋଇ ପାରିବ ନାହିଁ । ଅତଏବ ଯେ ସମସ୍ତ ଦଖଲ ସତ୍ତ୍ୱବାନ୍ ରୟତ ବ ୧୨ ବର୍ଷ ଦଖଲଦ୍ୱାରା ଅଥବା ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇ ବ ୧୨ ବର୍ଷ ଦଖଲ ଦ୍ୱାରା ଭୋଗ କରୁଅଛନ୍ତି ସେମାନଙ୍କୁ ସ୍ଥିତିବାନ୍ ରୟତ ବୋଲି ସତ୍ତ୍ୱ ଛପିବେ ଲେଖିବାକୁ ହେବ । ବାକି ଯେଉଁ ରୟତମାନେ ଦଖଲ ସତ୍ତ୍ୱ ଜମି ଖରିଦ କରି ବ ୧୨ ବର୍ଷ ଦଖଲ କରି ନାହାନ୍ତି ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ଉକ୍ତ ଖରିଦ ସମୟରୁ ବ ୧୨ ବର୍ଷ ଦଖଲ କରି ନାହାନ୍ତି ସେମାନଙ୍କୁ ଦଖଲୀ ରୟତ ବୋଲି ଲେଖିବାକୁ ହେବ ।

---

ଗତ ପୂର୍ବ ଶୁକ୍ରବାର ସାବଜଜ ଉଡ୍‌ରଫଙ୍କ ମୃତ୍ୟୁ ରକ୍ଷା ନିମନ୍ତେ କଲିକତାର ଟାଉନ ହଲରେ ଏକ ସାଧାରଣ ସଭା ଅଦ୍ଭୁତ ହୋଇଥିଲା । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ

କର୍ତ୍ତୃକ ସଭାପତିର ଆସନ ଗ୍ରହଣ କରିଥିଲେ । ସଭା ସ୍ଥଳେ ଏକ୍‌ଟିଂ ଲେପ୍‌ଟେନାଣ୍ଟ, ବୋର୍ଡର ମେମ୍ବର ପ୍ରଭୃତି ପ୍ରଧାନ କର୍ମଚାରୀ ଓ ମହାରାଜା ଦରଭଙ୍ଗା, ମହାରାଜା ସାର ନରେନ୍ଦ୍ରକୃଷ୍ଣ ଦେ; ବାବୁ ଭୂମାନାଥ ଘୋଷ ପ୍ରଭୃତି ପ୍ରଧାନ୨ ସ୍ୱାଧୀନ ଲୋକ ଉପସ୍ଥିତ ଥିଲେ । ବଡ଼ଲାଟସାହେବ ଲେପ୍‌ଟେନାଣ୍ଟ ଉଡ୍‌ବରଣଙ୍କ ଗୁଣ ବର୍ଣ୍ଣନା କରି ଦୁଃଖ ପ୍ରକାଶ କଲା ଉତ୍ତାରେ ସଭାରେ ପ୍ରସ୍ତାବ ହେଲା ଯେ ସାରଜନ ଉଡ୍‌ବରଣଙ୍କ ଉଚ୍ଚ ଗୁଣ ଓ ଦେଶର ସତ୍‌କାର୍ଯ୍ୟ ହେତୁ ତାଙ୍କର ନାମ ଚିରସ୍ମରଣୀୟ କରିବା କାରଣ କଲିକତାର କୌଣସି ଉପଯୁକ୍ତ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଅଥବା ଅନ୍ୟ ପ୍ରକାରରେ ସ୍ମୃତିଚିହ୍ନ ରକ୍ଷା କରାଯାଉ ଓ ସେଥି ନିମନ୍ତେ ସାଧାରଣ ଚାନ୍ଦା ସଂଗୃହୀତ ହେଉ ।

ସଭାର କାର୍ଯ୍ୟ ନିର୍ବାହ କରିବା ନିମନ୍ତେ ଗୋଟିଏ କମିଟୀ ଗଠିତ ହୋଇ ସଭାର କାର୍ଯ୍ୟ ଶେଷ ହୋଇଥିଲା । ବଡ଼ଲାଟସାହେବ ପରିଶେଷରେ ଜଣାଇଥିଲେ ଯେ ଟ ୪୮୫୦୦୧ ଙ୍କାର ଚାନ୍ଦା ସ୍ୱାକ୍ଷରିତ ହୋଇଅଛି ଚାନ୍ଦାଦାତାମାନଙ୍କ ମଧ୍ୟରେ ମହାରାଜା ଦରଭଙ୍ଗା ଟ୨୦୦୦୦ ଙ୍କା ଢାକାର ନବାବ ସାଲିମୁଲ୍ଲା ଟ ୫୦୦୦ ଙ୍କା ବର୍ଦ୍ଧମାନର ମହାରାଜା ଟ ୩୦୦୧ ଙ୍କା ଦେଇଅଛନ୍ତି ।

---

ଗତ ତା ୭ ରିଖ ସହରେ କଲିକତା କାଳୀଘାଟରେ ଗୋଟିଏ ହିନ୍ଦୁ ବାଲବିଧବାର ପୁନର୍ବିବାହ ହୋଇଥିବାର 'ହିନ୍ଦୁ ପେଟ୍ରିଅଟ' ସମ୍ବାଦପତ୍ରରୁ ଅବଗତ ହେଲୁଁ । କନ୍ୟାର ବୟସ ୧୧ ବର୍ଷ ଓ ତାହାର ପିତାର ନାମ ବାବୁ ସତ୍ୟେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ । ବରର ନାମ ବାବୁ ଯୋଗେନ୍ଦ୍ରନାଥ ଘୋଷାଲ । ଉଭୟଙ୍କର ନିବାସ ସେହି କାଳୀଘାଟରେ । ସ୍ୱର୍ଗୀୟ ମହାତ୍ମା ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ପଦ୍ଧତି ଅନୁସାରେ ବିବାହ କ୍ରିୟା ସମ୍ପନ୍ନ ହେଲା । ନାନାଶ୍ରେଣୀର ଅନେକ ହିନ୍ଦୁ ଭଦ୍ରଲୋକଙ୍କ ମଧ୍ୟରେ କାଳୀଘାଟର ବିଖ୍ୟାତ ହାଲଦାର ପରିବାରର ପ୍ରଧାନ ବ୍ୟକ୍ତିମାନେ ଏହି ବିବାହ ସଭାରେ ଉପସ୍ଥିତ ହୋଇ ଯୋଗଦାନ କରିଥିଲେ ଏବଂ ବିଖ୍ୟାତ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ପୁତ୍ର ବାବୁ ନାରାୟଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏବଂ କେତେ ଜଣ ପୌର ମଧ୍ୟ ଉପସ୍ଥିତ ଥିଲେ । ଅଧିକ ସୁଖର ବିଷୟ ଏହି ଯେ ଅନେକ ସମ୍ଭ୍ରାନ୍ତ ହିନ୍ଦୁମହିଳା ଡଚ୍ଛି ମାତ୍ର ଦ୍ୱିଧା ନ କରି ହୃଷ୍ଟଚିତ୍ତରେ ସ୍ତ୍ରୀୟାଚାର ଆଦି କାର୍ଯ୍ୟରେ ଯୋଗ ଦେଇଥିଲେ । ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯ ବାଲବିଧବାବିବାହ ପ୍ରତି ହିନ୍ଦୁ ସମ୍ପ୍ରଦାୟର ମତ ଅନେକ ପରିମାଣରେ ଫେରି ଯାଇଅଛି ଏବଂ ଏହା ଶୁଭଲକ୍ଷଣ ବୋଲିବାକୁ ହେବ । ବାଲ ବିଧବାଙ୍କର ପୁନର୍ବାର ବିବାହ ହିନ୍ଦୁ ଶାସ୍ତ୍ରୋକ୍ତ ଓ ଯୁକ୍ତିସଙ୍ଗତ ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ଆଶା କରୁଁ ଏଣିକ ଏ ପ୍ରକାର ବିବାହ ଅଧିକତର ପ୍ରଚଳିତ ହେବ ।

---

୧୯୦୬ ସାଲର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ସ୍ୱାସ୍ଥ୍ୟ ବିବରଣରୁ ପ୍ରକାଶ ଯେ ସେ ବର୍ଷ ବଙ୍ଗେଶ୍ୱରଙ୍କର ଅଧୀନ ରାଜ୍ୟରେ ଓଲାଉଠା ମୃତ୍ୟୁ ପୂର୍ବବର୍ଷଠାରୁ ଊଣା ଥିଲେହେଁ ଓଡ଼ିଶାରେ ଉକ୍ତ ରୋଗର ପ୍ରକୋପ ଅଧିକ ଥିଲା । ପୁରୀର ଗୋଟିଏ ଯାତ୍ରାରେ ଉକ୍ତ ରୋଗ ପ୍ରଥମେ ଉଦିତ ହୋଇଥିଲା । ସ୍ଥାନୀୟ ସରକାରୀ କର୍ମଚାରୀମାନେ ପୂର୍ବରୁ ସାବଧାନ ନ ହେବା ତହିଁର କାରଣ ଅଟେ । ଗବର୍ଣ୍ଣମେଣ୍ଟଙ୍କର ନିୟମାନୁସାରେ ଯାତ୍ରାସ୍ଥାନରେ ସ୍ୱାସ୍ଥ୍ୟ ରକ୍ଷାର ସୁବନ୍ଦୋବସ୍ତ କରିବାକୁ ଜିଲା ବୋଇଡ ଦାୟୀଗ୍ରସ୍ତ । ପୁରୀର ଜିଲା ବୋଇଡ ସେ ନିୟମମାନ ପ୍ରତିପାଳନ କଲେ ନାହିଁ ବ ଗବର୍ଣ୍ଣମେଣ୍ଟ ତହିଁର ରିପୋର୍ଟ ତଲବ କରିଅଛନ୍ତି । ଏ ବର୍ଷ ବସନ୍ତରୋଗ ଅତ୍ୟନ୍ତ ପ୍ରବଳ ଥିଲା ଏବଂ ଏତେ ଲୋକ ସେ ରୋଗରେ ମରିଥିଲେ ଯେ ସନ ୧୮୭୭ ସାଲରୁ କୌଣସି ବର୍ଷ ସେପରି ଘଟି ନ ଥିଲା । ଓଡ଼ିଶାରେ ଏ ରୋଗ ସର୍ବାପେକ୍ଷା ଅଧିକ ପ୍ରବଳ ଥିଲା ଏବଂ କଥିତ ହୁଅଇ ଯେ, ଅନିବାର୍ଯ୍ୟ କାରଣରୁ ତାହା ଘଟି ନାହିଁ । ଏଥିକୁ ବସନ୍ତ ରୋଗ ନିବାରଣର ପ୍ରଧାନ ଉପାୟ ଇଂସଜଟୀକା ଦେବା । ଟୀକା ଦେବାରେ ହେଳା ହେବାର କାରଣ ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରୁ ଅଛନ୍ତି । ସ୍ଥୂଳରେ କଥିତ ବର୍ଷରେ ସାଧାରଣ ସ୍ୱାସ୍ଥ୍ୟ ତହିଁ ପୂର୍ବ ବର୍ଷଠାରୁ ଭଲ ଥିଲା, କାରଣ ମୃତ୍ୟୁର ହାର ଊଣା ଏବଂ ଜନ୍ମର ହାର ଅଧିକ ଥିଲା ଅଥଚ ପଡ଼ତାଲଦ୍ୱାରା ଜଣା ଯାଇଅଛି ଯେ, ଜନ୍ମ ମୃତ୍ୟୁର ତାଲିକା ସଂଗ୍ରହରେ ବିଶେଷ ଭ୍ରମ ଥିଲା ।

---

ଅଭିଷେକ ଦରବାର ଉପଲକ୍ଷେ ସମସ୍ତ କଚେରୀମାନ ଆଗାମୀ ଜାନୁୟାରୀମାସର ତା ୫ ରିଖ ପର୍ଯ୍ୟନ୍ତ ବନ୍ଦ ହେଉଥିବା ସ୍ଥଳେ କଲିକତା ହାଇକୋର୍ଟ ଓ ତଦଧୀନସ୍ଥ ଅଦାଲତମାନ କେବଳ ଦୁଇଦିନ ସକାଶେ ବନ୍ଦ ହେବାର ହାଇକୋର୍ଟ ଆଦେଶ କରିଅଛନ୍ତି ଅର୍ଥାତ୍ ଆଗାମୀ ଜାନୁୟାରୀ ତା ୨ ଓ ୩ ରିଖରେ କଚେରୀ ବନ୍ଦ ହେବ । ଜାନୁୟାରୀମାସ ତା ୧ ରିଖ ଷେଟଦିନ ସକାଶେ ଏବଂ ସେହି ମାସ ତା ୪ ରିଖ ରବିବାର ହେଲୁ ବନ୍ଦ ହେବ । ସୁତରାଂ ହାଇକୋର୍ଟ ଓ ଅଦାଲତ କଚେରୀମାନ ଜାନୁୟାରୀମାସ ତା ୫ ରିଖରେ ଖୋଲିବ । ଏହା ଅଦାଲତର ଆମଲା ଓ ଓକିଲ ପ୍ରଭୃତିଙ୍କ ସକାଶେ ବଡ଼ କଷ୍ଟକର ହୋଇଅଛି । ଅଭିଷେକ ଉତ୍ସବରେ ଗୃହଆଡ଼େ ଆନନ୍ଦୋତ୍ସାହ ଏବଂ ଖେଳ କୌତୁକର ଆଠଦିନ କାଳ ବ୍ୟାପୀ ଆୟୋଜନ ହେଉଅଛି ଚତୁର୍ଦ୍ଦିଗରେ ଆନନ୍ଦୋତ୍ସବରେ ଲୋକେ ମାତିଥିବା ସ୍ଥଳେ ଅଦାଲତର ଆମଲା ଓକିଲ ଏବଂ ମାମଲତକାରମାନେ କଚେରୀ କରିବା କଦାପି ସନ୍ତୋଷଜନକ ନୁହଇ । ବଡ଼ଲାଟ ମହୋଦୟ ଏତେ ଆନନ୍ଦୋତ୍ସବର ବିଧାନ କରି ଅଷ୍ଟାହକାଳ ସମସ୍ତ କଚେରୀ ବନ୍ଦ କରିବାର ଆଦେଶ ନ ଦେବା ହେତୁ ହାଇକୋର୍ଟ ଦେବାନୀ ଅଦାଲତର କାର୍ଯ୍ୟର ଭଡ଼ ଦେଖି ଛୁଟି ଊଣା କରିଦେଲେ । ଏକଆଡ଼େ ଦେବାନୀ ଅଦାଲତ ବିଭାଗରେ ଉପଯୁକ୍ତ ସଂଖ୍ୟକ କର୍ମଚାରୀ ନ ରଖିବାରୁ ଯେମନ୍ତ ଗବର୍ଣ୍ଣମେଣ୍ଟ ଏ ଅସନ୍ତୋଷ ଭାଗୀ ହୋଇଅଛନ୍ତି ହାଇକୋର୍ଟ ମଧ୍ୟ ଏତେ ସୂକ୍ଷ୍ମଦର୍ଶୀ ହେଉଥିବା ସ୍ଥଳେ ସାଧାରଣ ଆମୋଦପ୍ରମୋଦ କାଳରେ ଦେବାନୀଅଦାଲତର ଜଟିଳ କାର୍ଯ୍ୟରେ ହାକିମ ପ୍ରଭୃତିଙ୍କି ନିଯୁକ୍ତ କରି ଇଚ୍ଛାଧିକ ଦାୟୀ ହୋଇଅଛନ୍ତି ।

---

କଲିକତାର ଜଣେ ପ୍ରସିଦ୍ଧ ସୁବକ୍ତା ଓ ଆମ୍ଭମାନଙ୍କର ଏକ ସମୟରେ ପରିଚିତ ବନ୍ଧୁ ମିଃ ବିପିନ "ଚନ୍ଦ୍ର ପାଲ ଗତ ଶନିବାର ରବିବାର ଓ ସୋମବାର ସନ୍ଧ୍ୟାସମୟରେ ଅତ୍ର ଭିକ୍ଟୋରିଆ ଟାଉନ ସ୍କୁଲରେ ବକ୍ତୃତା ପ୍ରଦାନ କରିଥିଲେ । ପାଲ ମହୋଦୟ କୋଡ଼ିଏ ବର୍ଷ ପୂର୍ବରେ ଏଠା ପ୍ୟାରୀମୋହନ ଏକାଡେମିରେ ପ୍ରଧାନ ଶିକ୍ଷକ କାର୍ଯ୍ୟ କରିଥିଲେ ସେ ସମୟରେ ତାଙ୍କର ବକ୍ତୃତା ପ୍ରଦାନ ପକ୍ଷରେ ବିଶେଷ ଅନୁରାଗ ଥିବାର ପ୍ରକାଶ ପାଇଥିଲା, ସେ ଏଠାରୁ ଯାଇଁ ଇଉରୋପ ଓ ଆମେରିକାର ଅନେକ ନଗର ପରିଦର୍ଶନ କରି ବିଶେଷ ବ୍ୟୁତ୍ପତ୍ତି ଲାଭ କରିଅଛନ୍ତି ଓ ତାଙ୍କର ବକ୍ତୃତା ଶକ୍ତି ଅଧିକତର ବୃଦ୍ଧି ପାଇଅଛି । ତାଙ୍କର ବକ୍ତୃତାରୁ ବିଦେଶ ଗମନ ପ୍ରଭୃତି ଇତିହାସ ପ୍ରକାଶ ପାଇଥିଲା ଓ ଶେଷ ଦିନରେ ସମାଜ ସଂସ୍କାର ସମ୍ବନ୍ଧରେ ଏକ ସୁଦୀର୍ଘ ବକ୍ତୃତା ପ୍ରଦାନ କରି ଉପସ୍ଥିତ ଦର୍ଶକମାନଙ୍କଠାରୁ ବିଦାୟ ଗ୍ରହଣ କରିଥିଲେ । ମାତ୍ର ଦୁଃଖର ବିଷୟ ଜଣେ ପ୍ରଧାନ ସୁବକ୍ତାଙ୍କ ବକ୍ତୃତା ଶୁଣିବା ନିମନ୍ତେ ଅତ୍ର ନଗରର ଅତି ସାମାନ୍ୟ ପ୍ରଧାନ ଲୋକେ ଉପସ୍ଥିତ ହୋଇଥିଲେ । ଏଥିରୁ

Digitized by srujanika@gmail.com

Split by PDF Splitter



ବୋଧ ହେଉଅଛି କାରଣ ଏ ପର୍ଯ୍ୟନ୍ତ ପ୍ରଧାନ ଲୋକମାନଙ୍କୁ ସମ୍ମାନ କରିବାକୁ ଶିକ୍ଷା କରି ନାହାନ୍ତି । କିନ୍ତୁ ଅମ୍ଭମାନଙ୍କର ମଧ୍ୟ ଭୟ ହେଉଅଛି ଯେ ତାଙ୍କର ଶୁଭାଗମନ ବାର୍ତ୍ତା ସର୍ବାଂଶରେ ସୁଶୃଙ୍ଖଳରୂପେ ପ୍ରଚରିତ ହୋଇପାରି ନାହିଁ । ବିଜ୍ଞାପନରେ କେବଳ ତାଙ୍କର ନାମମାତ୍ର ଉଲ୍ଲେଖ ଥିଲା ମାତ୍ର ତାଙ୍କର ବିଶେଷତ୍ୱ କିଛି ପ୍ରକାଶ ପାଇ ନ ଥିବାରୁ ଓ ବକ୍ତୃତା ସ୍ଥାନମଧ୍ୟ ସ୍କୁଲଗୃହ ହୋଇଥିବାରୁ ସାଧାରଣ ଲୋକେ ତାଙ୍କର ସମ୍ମାନ କରିବାରେ ତ୍ରୁଟି କରିବାର ଅନୁମାନ ହେଉଅଛି । ତଥାପି ବକ୍ତୃତା ଗୃହ ଅନ୍ୟାନ୍ୟ ଥର ଅପେକ୍ଷା ଅଧିକ ଲୋକ (ବିଶେଷ ସ୍କୁଲବାଳକ) ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା ଓ ଶ୍ରୋତାମାନେ ଅତି ଆଗ୍ରହ ସହିତ ବକ୍ତୃତା ଶ୍ରବଣ କରିଥିଲେ । ଅମ୍ଭମାନଙ୍କ ସାମାନ୍ୟ ପତ୍ରିକାରେ ବକ୍ତୃତାର ସାରାଂଶ ପ୍ରଦାନ କରିବାର ସ୍ଥାନ ନାହିଁ ସୁତରାଂ କେବଳ ବକ୍ତାଙ୍କ ପରିଚୟ ପ୍ରଦାନ କରି ଅମ୍ଭେମାନେ କ୍ଷାନ୍ତ ହେଲୁଁ ।

### ଦିଲ୍ଲୀର ଦରବାରର ସଂକ୍ଷିପ୍ତ କାର୍ଯ୍ୟ ବିବରଣ ।

ରାଜପ୍ରତିନିଧି ଲର୍ଡ କର୍ଜନ ଚଳିତ ମାସର ଆଗାମୀ ତା ୨୯ ଦିନରେ ପ୍ରକାଶ୍ୟଭାବେ ଦିଲ୍ଲୀ ପ୍ରବେଶ କରିବେ । ତାହାଙ୍କର ଅଭ୍ୟର୍ଥନା ଏବଂ ଦରବାର ସଭା ସମ୍ବନ୍ଧେ ନିମ୍ନଲିଖିତ ବିବରଣ ଗେଜେଟରେ ପ୍ରକାଶିତ ହୋଇଅଛି ।

**ରାଜପ୍ରତିନିଧିଙ୍କର ପ୍ରବେଶ ଓ ଅଭ୍ୟର୍ଥନା ।**

ଆଗାମୀ ତା ୨୯ ଦିନ ବେଳା ଘ ୧୧୫ ଣା (ମାନ୍ଦ୍ରାଜ ଟାଇମ) ସମୟରେ ବଡ଼ଲାଟ ବାହାଦୁର ଦିଲ୍ଲୀରେ ପହଞ୍ଚିବେ । ରେଲଓୟେ ଷ୍ଟେସନରେ ଟ୍ରେନ୍ ଆସି ଲାଗିଲେ ରାଜକୀୟ ଚିହ୍ନ ଏବଂ କରଦସଚା ଯେଉଁମାନେ ତାହାରେ ସଙ୍ଗରେ ଯିବେ ଏବଂ ଯେଉଁମାନେ ଯିବେ ନାହିଁ ସେମାନେ ସମସ୍ତେ ମିଳି ରାଜପ୍ରତିନିଧିଙ୍କର ଅଭ୍ୟର୍ଥନା କରିବେ । ବଡ଼ଲାଟ ବାହାଦୁର ରେଲରୁ ଅବତୀର୍ଣ୍ଣ ହେଲେ ଦୁର୍ଗରୁ ୩୧ ଗୋଟି ତୋପଧ୍ୱନି ହେବ ଏବଂ ରେଲ-ଷ୍ଟେସନ ମଧ୍ୟରେ ସୈନିକ ବାଦ୍ୟରେ ସଙ୍ଗୀତ ଗୀତ ହେବ । ଲାଟ ବାହାଦୁର ରାଜରାଜଡ଼ା ଓ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କୁ ଯଥୋଚିତ ସମ୍ଭାଷଣ କରିବେ ।

**ସର୍ଦ୍ଦାର ସମ୍ରାଟ-ଭ୍ରାତାଙ୍କର ଆଗମନ ଓ ଅଭ୍ୟର୍ଥନା ।**

ବେଳା ଘ ୧୧।୪୨ ମିନଟ ସମୟରେ ସମ୍ରାଟ-ଭ୍ରାତା ଏବଂ ଭ୍ରାତୃଜାୟା ଡିଉକ ଓ ଡଚେସ ଅବ କନଟ ବୋମ୍ବାଇରୁ ଦିଲ୍ଲୀରେ ଉପସ୍ଥିତ ହେବେ। ବଡ଼ଲାଟ ସ୍ୱୟଂ ଅଗ୍ରସର ହୋଇ ସେମାନଙ୍କୁ ନେବେ, ପୁନର୍ବାର ସେହିପରି ବାଦ୍ୟ ସଙ୍ଗୀତ ଏବଂ ୩୧ ଗୋଟି ତୋପଧ୍ୱନି ହେବ । ତତ୍ପରେ ପ୍ରଥମ ସାମନ୍ତ ଏବଂ ଉଚ୍ଚପଦସ୍ଥ ରାଜକର୍ମଚାରୀମାନଙ୍କୁ ତାହାଙ୍କ ନିକଟରେ ଉପସ୍ଥିତ କରିବାକୁ ହେବ । ଅନନ୍ତର ଯେଉଁ ସାମନ୍ତମାନେ ଗଜାରୋହଣରେ ସଙ୍ଗରେ ଯିବେ ସେମାନେ ବାହାରକୁ ଯାଇ ନିଜ ନିଜ ହସ୍ତିପୃଷ୍ଠରେ ଆରୋହଣ କରିବେ ।

### ପୁସ୍ତକପ୍ରାପ୍ତି ସ୍ୱୀକାର ।

ଖିଲହରିବଂଶ ।—ଏହା ମୂଳ ହରିବଂଶରୁ ବାବୁ ଫକୀରମୋହନ ସେନାପତି ସରଳ ଓଡ଼ିଆ ଭାଷାରେ ଅନୁବାଦ କରି ପ୍ରକାଶ କରିଅଛନ୍ତି । ଏଥିରେ କେବଳ ହରିବଂଶପର୍ବ ଅଛି ଏବଂ ବିଷ୍ଣୁପର୍ବ ଓ ଭବିଷ୍ୟପର୍ବ ପରେ ପ୍ରକାଶିତ ହେବାର ଲେଖିଅଛନ୍ତି । ବାରପେଜୀ ଫର୍ମାରେ ଏହା ପୃ ୨୬୭ ଖଣ୍ଡ ଅଧିକାର କରିଅଛି ଏବଂ ମୂଲ୍ୟ ଏକଟଙ୍କା ମାତ୍ର । ଅମ୍ଭେମାନେ ଏହାକୁ ମୂଳରୁ ପ୍ରାନ୍ତପର୍ଯ୍ୟନ୍ତ ସ୍ଥିରଭାବରେ ପାଠ କରିଅଛୁଁ । ଓଡ଼ିଆ ଜଗନ୍ନାଥଦାସଙ୍କ ଭାଗବତରୁ ଏହା କଥ ଅକ୍ଷରଶଃ ଛନ୍ଦରେ ଲେଖାହୋଇ, ପଢ଼ିବାକୁ ଯେମନ୍ତ ଉପାଦେୟ ଭାଷା ମଧ୍ୟ ତଦନୁରୂପ ସରଳ ଏବଂ ପ୍ରାଞ୍ଜଳ ହୋଇଅଛି । ଫକୀରମୋହନ ବାବୁ ଉତ୍କଳସାହିତ୍ୟ କ୍ଷେତ୍ରରେ ଅପରିଚିତ ନୁହନ୍ତି । ତାଙ୍କର ମୂଳ ରାମାୟଣ ଓ ମହାଭାରତର ସରଳ ଅନୁବାଦ ଚିରକାଳ ତାଙ୍କର ନାମ ଅକ୍ଷୟରୂପେ ରଖିଥିଲେହେଁ ହରିବଂଶର ଅନୁବାଦ ସେ ନାମକୁ ସମୁଜ୍ଜ୍ୱଳ କରିଅଛି । ଭାଷା ଏମନ୍ତ ଚମତ୍କାର ହୋଇଅଛି ଯେ ଅନୁବାଦକଙ୍କର ନାମ ଲେଖା ନ ଥିଲେ ସହଜରେ ଜଗନ୍ନାଥଦାସଙ୍କର ଭାଷା ବୋଲି ଭ୍ରମ ଜନ୍ମିବାରେ କିଛି ମାତ୍ର ସନ୍ଦେହ ନାହିଁ । ଏହା ନିଃସନ୍ଦେହ ଉତ୍କଳରେ ସର୍ବତ୍ର ସମାଦୃତ ହେବ ଏବଂ ବଙ୍ଗଳା ମହାଭାରତର ଲଳିତାପଦ ପ୍ରାୟ ସମସ୍ତ ଓଡ଼ିଆଙ୍କ ମନରେ "ସ୍ମର ଶ୍ରୀହରି ଚରଣ । ଭଣଇ ଫକୀରମୋହନ" ଯୁଗେ ଯୁଗେ ଜାଗରୂକ ରହିବ ।

ପ୍ରକ୍ରିୟାକୌମୁଦୀ ବ୍ୟାକରଣ ୧ମ ଖଣ୍ଡ—ଏହି ସଂସ୍କୃତ ଗ୍ରନ୍ଥ ତହିଁର ଟୀକା ଏବଂ ଉତ୍କଳ ଅନୁବାଦ ସହିତ ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଲଙ୍କାର ପ୍ରକାଶ କରିଅଛନ୍ତି । ଏହାର କଲେବର ପୃ ୮୩ ଖଣ୍ଡ । ଏ ନଗରର ଉତ୍କଳସାହିତ୍ୟ ଯନ୍ତ୍ରାଳୟରେ ମୁଦ୍ରିତ ମୂଲ୍ୟ ଟ ୦ ।୵ । ଏଥିର ୨ୟ ଖଣ୍ଡ ଯନ୍ତ୍ରସ୍ଥ ବୋଲି ବିଜ୍ଞାପନରୁ ପ୍ରକାଶ । ସଂସ୍କୃତ ବିଦ୍ୟାର୍ଥୀମାନଙ୍କ ସାହାଯ୍ୟ ନିମନ୍ତେ ପଣ୍ଡିତ ମହାଶୟ ଏ ପୁସ୍ତକ ପ୍ରକାଶ କରିଅଛନ୍ତି ଏବଂ ଆଶା-କରୁଅଛୁ ଯେଉଁମାନେ ଏହା ପାଠ କରିବେ ସେମାନେ ଉପକାର ପାଇବେ ।

ବସନ୍ତକୋକିଳ } —ଏହି ଦୁଇ ପଦ୍ୟ ପୁସ୍ତକ
ସୀତାବନବାସ } ବାବୁ ନନ୍ଦକିଶୋର

ବଲ ବି ଏ ଙ୍କଦ୍ୱାରା ରଚିତ ଏବଂ ଏ ନଗରର ଉତ୍କଳସାହିତ୍ୟ ଯନ୍ତ୍ରାଳୟରେ ମୁଦ୍ରିତ । ପ୍ରଥମଟିର କଲେବର ପୃ ୬୪ ଖଣ୍ଡ ଏଥିରେ ନାନାବିଧ କ୍ଷୁଦ୍ର କବିତା ଅଛି ଏବଂ ମୂଲ୍ୟ ୵୦ । । ଅନ୍ୟଟିର ଆକାର ପୃ ୫୨ ଖଣ୍ଡ ମୂଲ୍ୟ ଟ ୦ ।୵ ଏବଂ ନାମରୁ ବିଷୟର ପରିଚୟ ମିଳୁଅଛି । ଗ୍ରନ୍ଥକାର ବାବୁ ନନ୍ଦକିଶୋର ବଲ ସାହିତ୍ୟଜଗତର ଗୋଟିଏ ଊର୍ଦ୍ଧଗାମୀ ନକ୍ଷତ୍ର ଅଟନ୍ତି । ଉତ୍କଳସାହିତ୍ୟ ସେବାରେ ସେ କ୍ରମାଗତ ନିଯୁକ୍ତ ଥିବାର ଏବଂ ଉତ୍ତରୋତ୍ତର ପ୍ରଶଂସା ଲାଭ କରିବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସମାଲୋଚିତ ଗ୍ରନ୍ଥମାନ ବହୁକାଳରୁ ଜନସାଧାରଣଙ୍କ ନିକଟରେ ଉପସ୍ଥିତ ହୋଇଥିବାରୁ ବର୍ତ୍ତମାନ ସେ ସମ୍ବନ୍ଧରେ ଅଧିକ କିଛି କହିବାର ପ୍ରୟୋଜନ ନାହିଁ । ଏହାଙ୍କୁ ଉତ୍ସାହ ଦେବା କାରଣ ଅମ୍ଭେମାନେ ସର୍ବସାଧାରଣଙ୍କୁ ଏକାନ୍ତ ଅନୁରୋଧ କରୁଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ବଙ୍ଗଳାଦପ୍ତରର ଅଣ୍ଡର ସେକ୍ରେଟେରୀ ମିଃ ଏଚ, ଏଲ, ଷ୍ଟିଫେନସନ କିଛିକାଳ ନିମନ୍ତେ ପ୍ରଧାନ ସେକ୍ରେଟେରୀପଦରେ ନିଯୁକ୍ତ ହେଲେ ।

ବଙ୍ଗଳାଦପ୍ତରର ପ୍ରଧାନ ସେକ୍ରେଟେରୀ ମାନ୍ୟବର ସି, ଇ, ବକ୍‌ଲାଣ୍ଡ କିଛିକାଳ ନିମନ୍ତେ ବୋର୍ଡର ମେମ୍ବରପଦରେ ନିଯୁକ୍ତ ହେଲେ ।

ଛୁଟିରେ ଥିବା ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଅନ୍ନପୂର୍ଣ୍ଣାପ୍ରସାଦ ଦାସ [illegible] ସଦର ମହକୁମାରେ କିଛିକାଳ ନିମନ୍ତେ ଅବସ୍ଥାପିତ ହେଲେ ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

କଟକର ବିଶେଷ ଅବକାଶ ଡେଃ କଲେକ୍ଟର ବାବୁ ମନୋମୋହନ ଚକ୍ରବର୍ତ୍ତୀ ହୁଗଲିଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

କଟକର ଅଫିସିଏଟିଂ ଜଜ ମିଃ ଜି, ଏଚ, କଲାସ୍‌ଫୋର୍ଡ କିଛିକାଳ ନିମନ୍ତେ ଜାନୁଆରୀ ମାସ ତା ୫ ରିଖଠାରୁ [illegible] ଅତିରିକ୍ତ ଜଜ୍ ରୂପେ ନିଯୁକ୍ତ ହେଲେ ।

[illegible] ଅବକାଶ ଡେଃ କଲେକ୍ଟର ବାବୁ ସ୍ୱର୍ଣ୍ଣଚନ୍ଦ୍ର ମିତ୍ର କଟକକୁ ବଦଳି ହେଲେ ।

[illegible] ଶ୍ରୀ [illegible] ମିଶ୍ର [illegible] ଅନୁଗ୍ରହ ଭୂମି ପ୍ରାପ୍ତ ହୋଇଅଛନ୍ତି ।

ଅମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଜେ, ଏ, ବୁର୍ଡ଼ ଆଗାମୀ ସପ୍ତାହରେ ଏଠାରେ ପହଞ୍ଚିବେ ।

ଗଡ଼ଜାତର ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚରଣ ନାୟକ କଲିକତାରୁ ଫେରି ଆସିଅଛନ୍ତି ।

Digitized by srujanika@gmail.com

ସମ୍ପ୍ରତି ହରବଲ୍ଲଭ ଘୋଷ ବାହାଦୁର ଦରବାର ଉପଲକ୍ଷରେ କାଙ୍ଗାଳୀ ଭୋଜନ ଦେବାପାଇଁ ଗତ ରବିବାର ଗାଙ୍ଗାଳିମାନଙ୍କୁ ପଇସାଏ ହିସାବ ଦାନ କରି ଟଙ୍କାର ସଂଖ୍ୟା କଳନା କରୁଥିଲେ । ତାହ୍ନ ବାହାଦୁରଙ୍କର ପ୍ରାୟ ଟ ୩୦୯ ଙ୍କାର ପଇସା ଖରଚ ହୋଇଅଛି । ସୁତରାଂ କାଙ୍ଗାଳ ସଂଖ୍ୟା ଦୁଇ ହଜାର ମଧ୍ୟରେ ହୋଇଅଛି ।

ଅନଗୁଳର ଡେଃ କଲେକ୍ଟର ବାବୁ ନାରାୟଣଚନ୍ଦ୍ର ନାୟକ ଓ ତାଙ୍କର ପୁତ୍ର ବାଲେଶ୍ୱର ସବ୍‌ରେଜିଷ୍ଟ୍ରାର ବାବୁ ରାଧାନାଥବ ନାୟକ ଗତ ବୁଧବାର ଦରବାର ଉପଲକ୍ଷରେ ଦିଲ୍ଲୀ ଗମନ କଲେ ।

ଏଠା ଦୌରା ମିସଲରେ । ପ୍ର । କାଶୀବାଦ । ମୌ । ଉଦମୂଳ ନିବାସୀ ଦୁର୍ଗାଚରଣ ମହାନ୍ତି ନାମକ ଏକ ବ୍ୟକ୍ତି ଉକ୍ତ ପ୍ରଗନା ଅନ୍ତର୍ଗତ । ସା । ବିଦ୍ୟାଧରପୁର ନିବାସୀ ଦାସ ଓ ଶ୍ରୀ ମହାଜନଙ୍କ ଗୋଟିଏ ଜାଲ ଦସ୍ତାବିଜ ରେଜିଷ୍ଟ୍ରୀ କରି ଦେଇଥିବା ଅପରାଧରେ ବ ୪ ର୍ଷ କାରାବାସ ଦଣ୍ଡ ପାଇ ଅଛି ।

ପ୍ର । ଝୁଙ୍କଡ଼ା । ମୌ । ଖରଡାଙ୍ଗପଟଣା ନିବାସୀ ଅନନ୍ତ ପଣ୍ଡା ଜଣେ ପ୍ରଜା ଅର୍ଥାତ୍ ମହାଦେବଙ୍କ ସେବକର ଜମିରୁ ଜବରଦସ୍ତି ଧାନ କାଟି ନେଇଥିବାରୁ ଶ୍ରୀଯୁତ ମଣ୍ଡଲ ସାହେବ ଡ଼ିଃ ମେଃ ଙ୍କ କୋର୍ଟରେ ଟ ୧୦ ଙ୍କା ଅର୍ଥଦଣ୍ଡର ଆଦେଶ ହୋଇଅଛି ।

ପୁରୀର ସାଧବୀ ସୀ ଓରଫ ଖଣ୍ଡି, ତାହାର ସ୍ୱାମୀ ଓ ପୁତ୍ର ମାନଙ୍କ ନାମରେ ହତ୍ୟା କରିବା ଉଦ୍ୟମ ଅପରାଧରେ ମୋକଦମା ଦାଏର ହୋଇଥିବାରୁ ଆସାମିମାନଙ୍କ ତରଫରୁ ହାଇକୋର୍ଟରେ ମଞ୍ଜୁର ହୋଇ ମୋକଦମା କଟକ ମେଜେଷ୍ଟ୍ରେଟଙ୍କ ନିକଟରେ ବଦଳ ହେବାର ହୁକୁମ ଆସିଥିବାର ପାଠକମାନଙ୍କୁ ଅବଗତ ଅଛି । ଉକ୍ତ ମୋକଦମା ଶ୍ରୀଯୁତ ମଣ୍ଡି ଓ ସାହେବ ଡ଼ିଃ ମେଃ ଙ୍କ ନିକଟରୁ ବଦଳ ନିମନ୍ତେ ସୁପର୍ଦ୍ଦ ହୋଇଅଛି । ଆସାମିମାନେ ବର୍ତ୍ତମାନ ପ୍ରତ୍ୟେକେ ଟ ୨୦୦ ଙ୍କା ଲେଖାଏଁ ଯାମିନରେ ଅଛନ୍ତି ।

ଦିଲ୍ଲୀ ଦରବାରକୁ ଯେଉଁମାନଙ୍କୁ ଆମନ୍ତ୍ରଣ କରାଯାଇଅଛି ସେମାନଙ୍କ ମଧ୍ୟରୁ ଯେଉଁମାନେ ଖର୍ଚ୍ଚ ଚଳାଇବାକୁ ଅକ୍ଷମ ସେମାନଙ୍କୁ ବୋମ୍ବାଇ ଗବର୍ଣ୍ଣମେଣ୍ଟ ରେଲ ଭଡ଼ା ଓ ଘୋଡ଼ା ଘୋଡ଼ାଲଗା ଗାଡ଼ି ଏବଂ ତମ୍ବୁ ଓ ଅସବାବମାନ ଦେଇଯିବା କାରଣ ଖର୍ଚ୍ଚ ଦେବା ମର୍ମରେ ସରକ୍ୟୁଲର ଜାରି କରିଅଛନ୍ତି ।

ଦିଲ୍ଲୀ ଦରବାରର କାର୍ଯ୍ୟ ଶେଷ କରି ଆମ୍ଭମାନଙ୍କର ସେନାପତି ଲର୍ଡ କିଚେନର ମହୋଦୟ ସୀମାନ୍ତ ପ୍ରଦେଶର ପ୍ରଧାନ ପ୍ରଧାନ ସ୍ଥାନମାନ ପରିଦର୍ଶନ କରିବେ ।

ଦିଲ୍ଲୀ ଦରବାରକୁ ପୃଥିବୀର ପ୍ରଧାନ ପ୍ରଧାନ ଲୋକମାନେ ନିମନ୍ତ୍ରିତ ହୋଇ ଆସୁଥିବା ସଙ୍ଗେ ସଙ୍ଗେ କେତେକ ରୁଷ ଲଣ୍ଡନ ଏବଂ ୟୁରୋପର ଅନ୍ୟାନ୍ୟ ସ୍ଥାନମାନଙ୍କରୁ ଚୋର ମାନେ ମଧ୍ୟ ଆସୁଅଛନ୍ତି । ପୁଲିସ ମଧ୍ୟ ଅତ୍ୟନ୍ତ ସାବଧାନ ହୋଇ ସେମାନଙ୍କର ସନ୍ଧାନ ନେଉଅଛନ୍ତି ।

## ପୁରୀସମ୍ବାଦ ।

ଧନୁସଂକ୍ରାନ୍ତିଠାରୁ ଶ୍ରୀଜୀଉଙ୍କର ପହିଲିଭୋଗ ନୀତିମତ ଆରମ୍ଭ ହୋଇଅଛି ।

ଗତ ଶନିବାର ଉଦାର୍ଦ୍ଧରେ ମାର୍କଣ୍ଡସାହିରେ ଅଗ୍ନି ଲାଗି ପ୍ରାୟ ବ ୨୦ ଖଣ୍ଡ ଘର ପୋଡ଼ିଯାଇଅଛି ।

ଦାକ୍ଷିଣାତ୍ୟ ମାଲୟା ଦେଶର ଏକ ରଜା ଶ୍ରୀଜୀଉଙ୍କ ଦର୍ଶନାର୍ଥ ଆସି ରାୟ ହରବଲ୍ଲଭ ଘୋଷ ବାହାଦୁରଙ୍କ କୋଠିରେ ରହିଥିଲେ । ରଜାଙ୍କ ଅନୁଚର ଓ ପାରିଷଦମାନେ ସମସ୍ତେ କୌପୀନଧାରୀ କେବଳ ୨।୩ ହାତ ଲମ୍ବା ଖଣ୍ଡିଏ ବହିର୍ବାସ କଟିଦେଶରେ ପକାନ୍ତି । ଏ ପ୍ରଦେଶକୁ କେହି ଯାହି ଆସି ନ ଥିଲେ । ଶୁଣିବାରୁ ରେଲ ପ୍ରସାଦରୁ ବାରବାଟିରେ ଏମାନେ ପୁରୀରେ ପହଞ୍ଚିଲେ ।

ଜ୍ୱର କ୍ରମଶଃ ବଢ଼ୁଅଛି ମଫସଲମାନଙ୍କରେ ମଧ୍ୟ ଜ୍ୱରର ବିଶେଷ ପ୍ରାଦୁର୍ଭାବ ।

ନିଉଜିଲାଣ୍ଡ ସରକାରଙ୍କ ଘୋଷଣାନୁସାରେ ଭୂଷା କୁକୁରମାନେ ମରା ଯାଇଅଛନ୍ତି ।

## ଜଗତ୍‌ସିଂହପୁର-ସମ୍ବାଦ ।

କଟକ ଜିଲ୍ଲାର ସିଭିଲ ସରଜନ ଶ୍ରୀଯୁକ୍ତ କଲଭର୍ଟ ସାହେବ ମହୋଦୟ ଗତ ମାସ ତା ୧୧ ରିଖରେ ଅତ୍ର ଡାକ୍ତରଖାନା ତଦନ୍ତ କରି ଫେରି ଯାଇଅଛନ୍ତି ।

ଜିଲାର ଇନ୍‌କମ୍‌ଟାକ୍ସ ସବ୍‌ଡେପୁଟୀ କଲେକ୍ଟର ମୌଲବୀ ଉଜମୁଲ ଅଲ୍ଲି ମହାଶୟ ଅତ୍ର ଜିଲ୍ଲାଦାର ଅଫିସ ତଦନ୍ତ କରି ଯାଇଅଛନ୍ତି ।

ଏ ଅଞ୍ଚଳରେ ଧାନ କଟାକଟି କାର୍ଯ୍ୟ ଶେଷ ହୋଇ ଆସିଲାଣି ଲୋକମାନଙ୍କର ସ୍ୱାସ୍ଥ୍ୟ ଭଲ ଅଛି କୌଣସି କୌଣସି ସ୍ଥାନରେ ବସନ୍ତର ପ୍ରାଦୁର୍ଭାବ ଦେଖା ଯାଉଅଛି ।

## ତାଲଚେର-ସମ୍ବାଦ ।

ପ୍ରବଳ ପ୍ରତାପ ସପ୍ତମ ଏଡ଼ୱାର୍ଡ ମହୋଦୟଙ୍କ ଦିଲ୍ଲୀ ଦରବାର ସମୟରେ ତାଲଚେର ଦୁର୍ଗ ଏବଂ ମଫସଲର ପ୍ରତି ଗ୍ରାମରେ ନାନା ପ୍ରକାର ଉତ୍ସବ ଅନୁଷ୍ଠିତ ହେବାକୁ ଆୟୋଜନ ଲାଗିଅଛି । ବହୁ ଅର୍ଥ ବ୍ୟୟରେ ରାଜପ୍ରାସାଦ ନିକଟରେ ଗୋଟିଏ ମନୋହର ସଭାଗୃହ ତିଆରି ହେଉଅଛି । ସ୍କୁଲ ବାଳକ ଓ କଙ୍ଗାଳମାନଙ୍କ ଭୋଜନ ଏବଂ ଦୁର୍ଗରେ ରୋଷନାଇର ଉପଯୁକ୍ତ ବନ୍ଦୋବସ୍ତ ହୋଇଅଛି ।

ଗୋଟାଏ ସହର କାଏବାଗ ଏକ ବ୍ୟାଘ୍ର ବଧ କରିଅଛି । ରଜା ମହୋଦୟ ତାକୁ ପୁରସ୍କାର ଦେବାର ପ୍ରସ୍ତାବ କରିଅଛନ୍ତି ।

ମୋଫସଲର ସ୍ୱାସ୍ଥ୍ୟ ଏକପ୍ରକାର ଭଲ ଅଛି । ଶ୍ରୀଯୁକ୍ତ ରାଜା ସାହେବ କଣ୍ଟର ପ୍ରତି ମୌଜାର ଫସଲର ଅବସ୍ଥା ଅବଲୋକନ କରି ଗତ ତା ୩ ରିଖରେ ଦୁର୍ଗରେ ପହଞ୍ଚି ଅଛନ୍ତି ।

---

## ପତ୍ରପ୍ରେରକମାନଙ୍କ ପ୍ରତି

ଦୀନସ୍ୱାମୀପୁଞ୍ଜ । କି । ଦଶପଲ୍ଲା—ନାମ ଦିଆ ନ ଗଲେ ପତ୍ର ପ୍ରକାଶ ହୁଏ ନାହିଁ ମଧ୍ୟ ପତ୍ରରେ ଯାହା ଉଲ୍ଲେଖ ଅଛି ତାହା ସମ୍ବାଦପତ୍ରରେ ନ ଦେଇ ଉପଯୁକ୍ତ କର୍ମଚାରୀଙ୍କୁ ଜଣାଇବା ଉଚିତ ହେଉଅଛି ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

---

## ଦୁଇଟି ଓଡ଼ିଆ ଛାତ୍ରର ଅସୀମ ସାହସିକତାର କାର୍ଯ୍ୟ ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ ।

ମହାଶୟ !

\+ \+ \+ \+

ଗତ ସୋମବାର ପ୍ରାତଃକାଳରେ ଦୁଇଟି ଭଦ୍ର ଓ ବିଧବା ବଙ୍ଗ ମହିଳା କଲେଜ ବୋର୍ଡ଼ିଂ ସମ୍ମୁଖସ୍ଥ କାଠଯୋଡ଼ୀ ଘାଟରେ ସ୍ନାନ କରୁଥିଲେ । ସେଠାରେ ବାଲିର ଭଡ଼ା ପଡ଼ି ପ୍ରଖର ବେଗରେ ସ୍ରୋତ ପ୍ରବାହିତ ହେଉଅଛି ଏବଂ ତଡ଼ାର ଅବ୍ୟବହିତ ତଳେ ଅତଳସ୍ପର୍ଶ ଗର୍ତ୍ତ ଥିଲା । ନିକଟରେ ସ୍ନାନ କରୁଥିଲେ କଟକ ରେଭେନ୍‌ସା କଲେଜ ବିଦ୍ୟାଳୟର ଶିକ୍ଷକ ପଣ୍ଡିତ ଶ୍ରୀଯୁକ୍ତ ରାମକୃଷ୍ଣ ଶତପଥୀ, କଲଟିଷ୍ଟ କରେଷର ଜଣେ କର୍ମଚାରୀ ଏବଂ ଆମ୍ଭମାନଙ୍କର ପ୍ରୋକ୍ତ ଛାତ୍ରଦ୍ୱୟ । ସେମାନଙ୍କର ନାମ ଲମ୍ବୋଦର ମିଶ୍ର ଓ ପଦ୍ମନାଭ ଦାସ । ବୟସ ଯଥାକ୍ରମେ ୨୦।୨୨ ଓ ୧୫।୧୬ ବର୍ଷ । ଉଭୟେ କଟକ ମିଶନ ସ୍କୁଲର ଛାତ୍ର ଏବଂ ଉକ୍ତ ସ୍କୁଲର ପଣ୍ଡିତ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ( କବିଭୂଷଣ ) ଙ୍କ ଆତ୍ମୀୟ ଅଟନ୍ତି । ପ୍ରଥମଟି ପ୍ରଥମଶ୍ରେଣୀ ଓ ଦ୍ୱିତୀୟଟି ଦ୍ୱିତୀୟଶ୍ରେଣୀରେ ପଢ଼ନ୍ତି । ଦେଖୁଁ ଦେଖୁଁ ଅସହାୟା ମହିଳା ଦୁଇଟି ଗର୍ତ୍ତର ଜଳରେ ମଗ୍ନ ହେବାକୁ ବସିଲେ ଏବଂ ଉଦ୍ଧାରନିମନ୍ତେ ହସ୍ତପ୍ରସାରଣ କଲେ । ଦୁର୍ଭାଗ୍ୟ ବଶତଃ ପଣ୍ଡିତମହାଶୟ ଓ କରେରଥା ଆମଲା ଉଭୟେହିଁ ସନ୍ତରଣ ଅପଟୁ । ସେମାନେ ମଧ୍ୟ କିପରି ହାଶଂକା କରି ଅଧିକ ଗୋଳ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତ ଛାତ୍ରଦ୍ୱୟ ଅନ୍ୟମନସ୍କ ଭାବରେ ସ୍ନାନ କରୁଥିଲେ । ହଠାତ୍ ପଛକୁ ଅନାଇ ଦେଇ କାଳବିଳମ୍ବ ନ କରି ଷାର ଲମ୍ବୋଦର ତୀରବେଗରେ ଛୁଟି ଯାଇ ଅତି କଷ୍ଟରେ ଅପେକ୍ଷାକୃତ ବୟସ୍କା ମହିଳାଟିକୁ ଉଦ୍ଧାର କରି ଆଣି ବାଲିଉପରେ ବସାଇ ନିଜେ ବଳହୀନତା ଯୋଗୁଁ ସ୍ତମ୍ଭିତ ହୋଇ ବସିପଡ଼ିଲେ । ଦ୍ୱିତୀୟାର ଆଶୁ ବିପଦ ଦେଖି ସେତେବେଳକୁ ଷାର ପଦ୍ମନାଭ ଆପଣାର ପ୍ରାଣର ମମତା ତ୍ୟାଗ କରି ଦ୍ରୁତବେଗରେ ଯାଇ ତାହାଙ୍କ ହସ୍ତ ଧରିଲେଣି ମାତ୍ର ସ୍ତ୍ରୀଲୋକଟିର ଶାରୀରିକ ଓଜନ ତାଙ୍କ ପକ୍ଷେ ସାଧ୍ୟାତୀତ ହୋଇ ପଡ଼ିବାରୁ ଉଭୟେ ବୁଡ଼ିଯିବାର ଆଶଙ୍କା ହେଲା । ସମସ୍ତେ ସ୍ତ୍ରୀଲୋକଟିକୁ ଛାଡ଼ିଦେଇ ଆସିବାକୁ ଡାକପକାଇଲେ । ମାତ୍ର ଷାର ପଦ୍ମନାଭ ତାହା କଲେ ନାହିଁ । ଏମନ୍ତ ସମୟରେ "ଗୋବିନ୍ଦବାରଣୀକାଶୀ" ବିପଦବାରଣ ପ୍ରଭୁ ଭଗବାନ୍ ଅଦୂରବର୍ତ୍ତୀ ଜଣେ ମତ୍ସ୍ୟଜୀବୀ କେଉଟର ହସ୍ତସ୍ଥିତ ବଂଶଦଣ୍ଡରେ ଆବିର୍ଭୂତ ହୋଇ ସେଠାରେ ଉପସ୍ଥିତ ହେଲେ ଏବଂ ବାଉଁଶଟି ପ୍ରସାରିତ ହେଲାମାତ୍ରେ ସ୍ତ୍ରୀଲୋକଟି ତାହା ଅବଲମ୍ବନ କରି ନିରାପଦ ସ୍ଥାନକୁ ଆନୀତ ହେଲା । ପଦ୍ମନାଭ ଅତିକଷ୍ଟରେ ସନ୍ତରଣ କରି ଆସି ଆପଣା ବନ୍ଧୁଙ୍କ ସଙ୍ଗେ ମିଳିତ ହେଲେ । ଧନ୍ୟ ଲମ୍ବୋଦର ଏବଂ ଧନ୍ୟ ପଦ୍ମନାଭ ! ! "ଓଡ଼ିଆମେଣ୍ଢା" ଙ୍କ ଶାବକ ହୋଇ ଜଗତକୁ ଯାହା ଦେଖାଇଲ ତାହା ଜଗତେତିହାସରେ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ହୋଇ ରହିଲା । ଆଜି ଦୟାମୟ ପରମପିତାଙ୍କ ଶୁଭାଶୀର୍ବାଦ ତୁମ୍ଭମାନଙ୍କ ମସ୍ତକୋପରି ବର୍ଷିତ ହେଉଅଛି । ଜଗଦୀଶ୍ୱର କୁଦୃଷ୍ଟି ଦଅନ୍ତୁ ତୁମ୍ଭେମାନେ ଏହିପରି ଆଦ-

Split by PDF Splitter



ନରେ ଆପଣାର ଜୀବନମାର୍ଗରେ ଅଗ୍ରସର ହୁଅ । ଉତ୍କଳମାତା ଧନ୍ୟା ହେଉ ।

ପାଠକେ ବୁଝି ମୁଗ୍ଧ ହେବେ ଏହି କାର୍ଯ୍ୟର ବିବରଣ ପ୍ରକାଶ ନ କରିବାକୁ ଏହି ସାରମାନେ ପଣ୍ଡିତ ରାମକୃଷ୍ଣ ଓ ଅନ୍ୟାନ୍ୟମାନଙ୍କୁ ସାନୁନୟ ଅନୁରୋଧ କରିଥିଲେ । ମାତ୍ର ତତ୍ପୂର୍ବରୁ ପଣ୍ଡିତ ମହାଶୟ ଆମ୍ଭମାନଙ୍କ ନିକଟରେ ତାହା ବ୍ୟକ୍ତ କରିଥିବାରୁ ଆମ୍ଭେମାନେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ଏହା ପତ୍ରିକାସ୍ଥ ହେବାନିମନ୍ତେ ପ୍ରେରଣ କଲୁଁ । ଆଶାକରୁଁ ଅନୁକମ୍ପା ପ୍ରଦର୍ଶନପୂର୍ବକ ଆପଣ ଏହା ପ୍ରକାଶ କରି ଅନୁଗୃହୀତ କରିବେ । ପରଶେଷରେ ମିଶନ ସ୍କୁଲର ସୁଯୋଗ୍ୟ କର୍ତ୍ତୃପକ୍ଷମାନଙ୍କ ନିକଟରେ ସବିନୟ ପ୍ରାର୍ଥନା ଏହି କି ସେମାନେ ଆପଣା ସ୍କୁଲର ଏହି ଛାତ୍ରର ଦର୍ଶିତ ଏବମ୍ପ୍ରକାର ଆତ୍ମୋତ୍ସର୍ଗନିମନ୍ତେ ସେମାନଙ୍କୁ ଉପଯୁକ୍ତରୂପେ ପୁରସ୍କୃତ କରିବେ ଏବଂ ଶାସନ କର୍ତ୍ତୃପକ୍ଷମାନଙ୍କ ନିକଟରେ ପ୍ରାର୍ଥନା ଯେ ସେମାନେ ଏପ୍ରକାର ବିପଦଜନକ ସ୍ଥାନରେ ଅବଳା ସ୍ତ୍ରୀଲୋକମାନଙ୍କ ସ୍ନାନକରିବା ବିଷୟରେ ଯଥୋପଯୁକ୍ତ କଟକଣା କରିଦେବେ । ଇତି ।

କଟକ } ବଶମ୍ବଦ
୧୭।୧୨।୦୭ } ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ମାନ୍ୟବରେଷୁ

ମହାଶୟ,

ଆପଣଙ୍କ ସୁପ୍ରଚଳିତ ପତ୍ରିକାର ପାର୍ଶ୍ୱେ କି-କେଉଁଠି ଏ କ୍ଷୁଦ୍ର ବିଷୟଟିକୁ ଟିକିଏ ସ୍ଥାନ ଦାନ କଲେ ପରମ ଉପକୃତ ହେବୁଁ ।

ପ୍ରାତଃସ୍ମରଣୀୟ ରାଜରାଜେଶ୍ୱର ସପ୍ତମ ଏଡ୍ୱାର୍ଡଙ୍କ ଅଭିଷେକୋତ୍ସବ ଯେତେ ଦେଶୀୟ ସମ୍ବାଦପତ୍ରମାନ ନାନା ପ୍ରକାର ମନ୍ତବ୍ୟ ପ୍ରକାଶ କରୁଅଛନ୍ତି ଦେଖି, ଆମ୍ଭେ ମଧ୍ୟ କିଛି ମନ୍ତବ୍ୟ ପ୍ରକାଶ ନ କରି ରହି ପାରିଲୁଁ ନାହିଁ ।

ପ୍ରାୟ ସମସ୍ତେ ଏକ ବାକ୍ୟରେ ଉତ୍ସବ କରୁନ୍ତରେ କିଛି ନା କିଛି କହୁଅଛନ୍ତି ମାତ୍ର ଦୁଃଖର ବିଷୟ ଏହାର ପ୍ରୟୋଜନୀୟତା ସମ୍ବନ୍ଧରେ କେହି କିଛି କହୁ ନାହାନ୍ତି । ଇଂରେଜ ଶାସନର ଗୁଣ ଦୋଷ ଆଲୋଚନା କରିବା ମହଦ୍ଦୁଷ୍ଟ କ୍ଷୁଦ୍ର, ନଗଣ୍ୟ ଲୋକ ପକ୍ଷରେ ବାତୁଳତା ମାତ୍ର, ସୁତରାଂ ଉପସ୍ଥିତ ଉତ୍ସବ ସମ୍ବନ୍ଧରେ କିଛି କହିଲେ ତାହା ପ୍ରଳାପ ପରି ବିବେଚିତ ହୋଇପାରେ ।

ହିନ୍ଦୁ ଧର୍ମଶାସ୍ତ୍ର ପ୍ରଣେତାମାନେ ରାଜାଙ୍କୁ ଦେବତା ବୋଲି କୀର୍ତ୍ତନ କରିଅଛନ୍ତି । ସେମାନେ କହୁଅଛନ୍ତି ଯେ ରାଜାମାନେ ଇନ୍ଦ୍ର, ଚନ୍ଦ୍ର, ବାୟୁ, ଯମ, ଅଗ୍ନି, ସୂର୍ଯ୍ୟ ବରୁଣ ଓ କୁବେର ଏହି ଅଷ୍ଟ ଦେବତାର ଅଂଶରେ ଜନିତ ହୋଇଅଛନ୍ତି ଏବଂ ସେଥିପାଇଁ ସାଧାରଣ ମାନବ ଅପେକ୍ଷା ସେମାନଙ୍କ ପ୍ରଭାବ ଅନେକ ଅଧିକ । ସୁତରାଂ ତତ୍ପ୍ରତି କୌଣସି ପ୍ରକାରେ ଅବଜ୍ଞା ପ୍ରଦର୍ଶନ କରିବା କଦାପି ଉଚିତ ନୁହେଁ । ପ୍ରକୃତ ସବୁ ପ୍ରକାରେ ତାହାଙ୍କ ପ୍ରତି ଭକ୍ତି ପ୍ରକାଶ ଏବଂ ତାହାଙ୍କ ମାହାତ୍ମ୍ୟ ଖ୍ୟାପନ କରିବାହିଁ ଅବଶ୍ୟ କର୍ତ୍ତବ୍ୟ । ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରେ ରାଜାଙ୍କର କୌଣସି ନିନ୍ଦାବାଦ କରି ତାଙ୍କ ଗୌରବ ଲଘୁ କରିବା ଅବା ତାଙ୍କ ପ୍ରତି ଲୋକର ଅଶ୍ରଦ୍ଧା ଜନ୍ମାଇ ଦେବା ପ୍ରଜାଙ୍କ ପକ୍ଷରେ ଅତୀବ ଦୂଷଣୀୟ କାର୍ଯ୍ୟ ! ରାଜା ପ୍ରଜାର ପ୍ରତି ଅନ୍ୟାୟାଚରଣ କରୁଥିଲେ ହେଁ ତାଙ୍କର ପ୍ରତିକୂଳାଚରଣ କରିବା ନିତାନ୍ତ ଗର୍ହିତ !

ଅଭିଷେକୋତ୍ସବ ନୂତନ ରାଜାଙ୍କ ସିଂହାସନାରୋହଣର ଘୋଷଣା ବ୍ୟତୀତ ଆଉ କିଛି ନୁହେ । କେହି କୌଣସି ସାମାନ୍ୟ ଭୂସମ୍ପତ୍ତି କ୍ରୟ କଲେ ତହିଁରେ 'ବାଜଗାଜ' କରେ ଏବଂ ସେହି ସଙ୍ଗେ ବାଦ୍ୟଭାଣ୍ଡ, ମିଷ୍ଟାନ୍ନ ବିତରଣ ଆଦି ଯଥାସାଧ୍ୟ ଆଡ଼ମ୍ବର କରେ । ସମସ୍ତଙ୍କୁ ଜଣାଇଦେବାହିଁ କି ଏପରି ଆଡ଼ମ୍ବରର ପ୍ରଧାନ କାରଣ ନୁହେ ? ସମସ୍ତେ ଜାଣନ୍ତି ଏ ଆଡ଼ମ୍ବର ବୃଥା ନୁହେ, ଏହାର ବିଶିଷ୍ଟ ଉପକାରିତା ଅଛି । ଅଭିଷେକୋତ୍ସବରେ ଯେ ଆଡ଼ମ୍ବର ହୁଏ, ତାହା ମଧ୍ୟ ଏହିପରି ସଦୁଦ୍ଦେଶ୍ୟ ସାଧନ କରେ । ସୁତରାଂ ଏହାକୁ ମିଥ୍ୟାଡ଼ମ୍ବର ବୋଲି ବିବେଚନା କରିବା କେବେହେଁ ଯୁକ୍ତି ଯୁକ୍ତ ନୁହେଁ । ରାଜା ଅମ୍ଭମାନଙ୍କର ପୂଜନୀୟ; ତାହାଙ୍କ କଲ୍ୟାଣ ସାଧନ ଏବଂ ସମୃଦ୍ଧି ମର୍ଯ୍ୟାଦା ବର୍ଦ୍ଧନ ପାଇଁ ସାହାଯ୍ୟ କରିବା ନିରର୍ଥକ ନୁହେ । ଭାରତର ଗୌରବସ୍ଥଳ ଅଶେଷ ଗୁଣଶାଳୀ, ସ୍ୱନାମ ଧନ୍ୟ କମିଶନର ମହାମାନ୍ୟ ଗୁପ୍ତସାହେବ ବାହାଦୁର ଅଭିଷେକୋତ୍ସବ ସମ୍ବନ୍ଧରେ ଯାହା କହି ଉତ୍କଳବାସିମାନଙ୍କୁ ଉତ୍ସାହ ପ୍ରଦାନ କରିଅଛନ୍ତି, ତାହା ତାଙ୍କପରି ଉଚ୍ଚମନା ବ୍ୟକ୍ତିଙ୍କର ଉପଯୁକ୍ତ କାର୍ଯ୍ୟ ହୋଇଅଛି ! ଗୁପ୍ତ ସାହେବ ମହୋଦୟ ଭାରତର ମୁଖୋଜ୍ଜ୍ୱଳକାରୀ । ଈଶ୍ୱର କରନ୍ତୁ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଏହିପରି ସୁବିବେଚନା ଓ ଉଦାରତା ପ୍ରକାଶ ହେଉ !

ଅତଏବ ଏଥିରେ କିଞ୍ଚିନ୍ମାତ୍ର ଅସନ୍ତୋଷ ପ୍ରକାଶ ବା ନିରୁତ୍ସାହ ପ୍ରଦର୍ଶନ ନ କରି ସର୍ବାନ୍ତଃକରଣରେ ଯୋଗ ଦେବାହିଁ ଅବଶ୍ୟ କର୍ତ୍ତବ୍ୟ । ହେ ଉତ୍କଳବାସିବର୍ଗ, ଆସ ଆମ୍ଭେମାନେ ଐକାନ୍ତିକ ଭକ୍ତି, ଉତ୍ସାହ ସହିତ ରାଜରାଜେଶ୍ୱରଙ୍କ ଅଭିଷେକୋତ୍ସବରେ ଯୋଗ ଦେଇ ଆନନ୍ଦ ପ୍ରକାଶ କରିବା ।

ଏଠାରେ ଆଉ ଗୋଟିଏ କଥା କହି ଏ ପତ୍ର ଶେଷ କରିବା ଏହି ସ୍ଥାନର ଜମିଦାର ଅଶେଷ ଗୁଣସମ୍ପନ୍ନ, ମହାକ୍ଷତ୍ରିୟବଂଶାବତଂଶ ଶ୍ରୀଯୁକ୍ତ ବାବୁ କୈଳାଶଚନ୍ଦ୍ର ରାୟ ମହାଶୟ ସମ୍ରାଟଙ୍କର ଅଭିଷେକୋତ୍ସବପାଇଁ ସ୍ୱୀୟ ଗଡ଼ ଓ ଗ୍ରାମରେ ଯଥାସମ୍ଭବ ଆନନ୍ଦୋତ୍ସବର ବନ୍ଦୋବସ୍ତ କରୁଅଛନ୍ତି । ଏ ମହାତ୍ମାଙ୍କ ଖ୍ୟାତି ଓଡ଼ିଶାରେ ଅପରିଚିତ ନୁହେ । ସୁତରାଂ ତାଙ୍କର କାର୍ଯ୍ୟ ଯେ ତଦନୁରୂପ ହେବ ତାହା କହିବା ବାହୁଲ୍ୟ । ଇତି

୧୦।୧୨।୦୭ ଶ୍ରୀ ହୃଦୟଚନ୍ଦ୍ର ବସୁ
ବାଲେଶ୍ୱର

---

ଓଡ଼ିଶା ବିଭାଗ ।

ସନ ୧୯୦୬।୧୯୦୭ ମସିହାର ମଧ୍ୟ
ଛାତ୍ରବୃତ୍ତି ଛାତ୍ରମାନଙ୍କ ନାମ ।

| ନମ୍ବର | ଛାତ୍ରର ନାମ | ଯେଉଁ ସ୍କୁଲରୁ ଉତ୍ତୀର୍ଣ୍ଣ |
|---|---|---|
| | କଟକ ଜିଲ୍ଲା | |
| ୧ | ଗୋଲକ ପଟ୍ଟନାୟକ | ସୁବର୍ଣ୍ଣପୁର ମିଃ ଇଃ |
| ୨ | ହରେକୃଷ୍ଣ ସାମନ୍ତ | ଚଣ୍ଡିକା ମିଃ ଇଃ |
| ୩ | ମଦନମୋହନ ଷଡ଼ଙ୍ଗୀ | ସୁବର୍ଣ୍ଣପୁର ମିଃ ଇ |
| ୪ | ବ୍ରଜବନ୍ଧୁ ଷଡ଼ଙ୍ଗୀ | ମହାସିଂହପୁର ମିଃ ଇଃ |
| ୫ | ରସୁଲବକ୍ସ | ପଟ୍ଟାମୁଣ୍ଡେଇ ମିଃ ଇଃ |
| ୬ | ଦୈତ୍ୟ ଦାସ | କାଜପୁର ମେଟକାଫ ମିଃ ଇଃ |
| ୭ | ଚୌଧୁରୀ ଗୋପୀନାଥ ନନ୍ଦ | ,, ,, |
| ୮ | ଜଗନ୍ନାଥ ଶତପଥୀ | ଗଞ୍ଜା ମିଃ ଇଃ |
| ୯ | ଭକ୍ତ ଚରଣ ଦାସ | ଅସୁରଜ ମିଃ ଇଃ |
| ୧୦ | ନିତ୍ୟାନନ୍ଦ ତ୍ରିପାଠୀ * | ପଟ୍ଟାମୁଣ୍ଡେଇ ମିଃ ଇଃ |
| ୧୧ | ହାଡ଼ିବନ୍ଧୁ ପଣ୍ଡା * | ମଣ୍ଡାସ ମିଃ ଇଃ |
| | ବାଲେଶ୍ୱର ଜିଲ୍ଲା । | |
| ୧ | ନିତ୍ୟାନନ୍ଦ ଦାସ | ଦେହୁଡ଼ିହା ମିଃ ଇଃ |
| ୨ | ଘନକୃଷ୍ଣ ପାଲ | ବାରବାଟୀ ମିଃ ଇଃ |
| ୩ | ଯଦୁନାଥ ଚକ୍ରବର୍ତ୍ତୀ | କୋଠାର ମିଃ ଇଃ |
| ୪ | ଉଦ୍ଧବନାଥ ମହାନ୍ତି | ରେମୁଣା ମିଃ ଇଃ |
| ୫ | ମୋହିନୀମୋହନ ଦାସ | ଭିକ୍ଟୋରିଆ ଜୁବିଲି ମିଃ ଇଃ |
| ୬ | ସେକ ଅବଦୁଲ ଅଜିଜ | ଶ୍ୟାମବାଲି ମିଃ ଇଃ |
| ୭ | ଭରତ ବେହେରା * | ସୋରୋ ମିଃ ଇଃ |
| | ଅନୁଗୁଳ ଜିଲ୍ଲା । | |
| ୧ | ସଦାନନ୍ଦ ସିଂହ | ଅନୁଗୁଳ ମିଃ ଇଃ |
| | ପୁରୀ ଜିଲ୍ଲା । | |
| ୧ | ନାରାୟଣ ମିଶ୍ର | ଦଣାହଟା ମିଃ ଇଃ |
| ୨ | ହରିହର ଦାସ | ଶ୍ରୀରାମଚନ୍ଦ୍ରପୁର ମିଃ ଇଃ |
| ୩ | ସୁଦର୍ଶନ ମହାନ୍ତି | ଜମାପଡ଼ା ମିଃ ଇଃ |
| ୪ | ରଘୁନାଥ ମହାପାତ୍ର | ଭୁବନେଶ୍ୱର ମିଃ ଇଃ |
| ୫ | ଦାଶରଥି ମିଶ୍ର | ରାମେଶ୍ୱର ମିଃ ଇଃ |
| ୬ | ଅର୍ତ୍ତବନ୍ଧୁ ମହାନ୍ତି | ବୋଲଗଡ଼ ମିଃ ଇଃ |
| ୭ | ଅନନ୍ତ ମିଶ୍ର * | ହରଚଣ୍ଡୀସାହି ମିଃ ଇଃ |

Digitized by srujanika@gmail.com

ଓଡ଼ିଶା ଗଡ଼ଜାତ ମାହାଲ ।

୧ ଅଂଜଲି ବହାଣୀ ଅଗ୍ରଶର୍ମ୍ମା ମାଲଟିର ମିଃ ଇଃ
୨ ଗୁରୁପ୍ରସାଦ ଦାସ
୩ ଉଦ୍ଧବ ମହାପାତ୍ର ବୌଦ୍ଧ ମିଃ ଇଃ

* ଚିହ୍ନିତ ଛାତ୍ରମାନେ କେବଳ ବନାବେରନରେ ଅନ୍ୟ ସ୍କୁଲରେ ପଢ଼ିପାରିବେ ।

ସନ ୧୯୦୨।୧୯୦୩ ମସୀହାର ଅପର-ପ୍ରାଇମେରୀ ବୃତ୍ତିଭୋଗୀ ଛାତ୍ରମାନଙ୍କ ନାମ।

ନମ୍ବର ଛାତ୍ରର ନାମ ଯେଉଁ ସ୍କୁଲରୁ ଉତ୍ତୀର୍ଣ୍ଣ

କଟକ ଜିଲ୍ଲା ।

୧ ଲକ୍ଷ୍ମୀଧର ପଣ୍ଡା ବଉବାଜାର
୨ ଜାମ୍ବୁଚରଣ ମହାନ୍ତି ଦୋଲା
୩ ଲୋକନାଥ ଦାସ ପଟିଆ
୪ ଅଚ୍ୟୁତାନନ୍ଦ ଦାସ ଓଗଳ
୫ ସୋମନାଥ ରାଉ ନାଶୀପୁର
୬ ମାଗୁଣି ଦାସ ଯାଜପୁର
୭ ରଘୁନାଥ ଷଡ଼ଙ୍ଗୀ ପଟ୍ଟପାଳ
୮ ଶ୍ୟାମସୁନ୍ଦର ପଣ୍ଡା କନକଭଟ୍ଟ

ବାଲେଶ୍ୱର ଜିଲ୍ଲା ।

୧ ଗଣେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଖଡ଼ଖପଡ଼ା
୨ ମଦନମୋହନ ନନ୍ଦ ଗଣ୍ଡା
୩ ପୀତାମ୍ବର ସାହୁ ଛାଉପୁର
୪ ହେକ୍ ଅମିର୍ ଦଶ୍ଚବାଳ
୫ ଦୟାନିଧି ପାଣ୍ଡି ବସ୍ତା
୬ ବୈକୁଣ୍ଠ ଦାସ ଶ୍ରୀରାମପୁର

ଅନୁଗୁଳ ଜିଲ୍ଲା ।

୧ ବଂଶୀଧର ଅମନ୍ତ ସନ୍ଧୀ
୨ ହରହର ସାହୁ ଟେକ୍ରିପଦା

ପୁରୀ ଜିଲ୍ଲା ।

୧ ଅଭିରାମ ଦାସ ପାଇଅ ପାଟପୁର
୨ ପ୍ରାଣକୃଷ୍ଣ ପଟ୍ଟନାୟକ ଖେଳୁରସ୍ୟା
୩ ବାସୁଦେବ ମିଶ୍ର ଶ୍ରୀମୁକୁନ୍ଦପୁର
୪ ନାରାୟଣ ତ୍ରିପାଠୀ ଭୁଜବଳପୁର
୫ କୃତ୍ତିବାସ ସାହୁ ମାଲୁଦ

ଓଡ଼ିଶା ଗଡ଼ଜାତ ମାହାଲ ।

୧ ଶ୍ରୀମତୀ ଚମ୍ପା ଦେଈ ଘଡ଼େପୁର
୨ ନରହରି ଚୌଧୁରୀ ଅଯୋଧ୍ୟା
୩ ବୈଷ୍ଣବଚରଣ ଖୁଣ୍ଟିଆ ଦାନ୍ତନର
୪ ହରନାଥ ମିଶ୍ର ସମ୍ବଲ ଏଃ ସ୍କୁଃ
୫ ବନମାଳୀ ଦାସ ବ୍ରହ୍ମପୁର
୬ ଲମ୍ବୋଦର ପାଣି ସଣ୍ଡା
୭ ଗୋବର୍ଦ୍ଧନ ମହାପାତ୍ର ସଠିଙ୍ଗେ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ରାଧାଚରଣ ମହାନ୍ତି | କଣାପଡ଼ା | ଟ ୨ ୧ |
| „ ଧର୍ମ୍ମିନନ୍ଦ ପଟ୍ଟନାୟକ | କଟକ | ଟ ୧ . |
| „ ସଂସ୍ଥିଚରଣ | ବାହାରଣା | ଟ ୩ ୧ |
| „ କେନ୍ଦୁସାହୁ | ବେଳିପୁର | ଟ ୩ |
| „ ଯୋଗୀରାଜଚରା | ଚନ୍ଦ୍ରାନିରୁଥ | ଟ ୩ |
| „ ଗଜେନ୍ଦ୍ର ଷଡ଼ଙ୍ଗୀ | ପଟ୍ଟପାଳ | ଟ ୧ |

## ବିଜ୍ଞାପନ ।

ଏଭର୍ ଡେଙ୍ଗ ଅଏଣ୍ଟମେଣ୍ଟ ।
ବା
ଯାଦୁର ଔଷଧ ।
ଏହି ଔଷଧ ୩।୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବନାକ୍ଲାନରେ ସବୁ ପ୍ରକାର ଯାଦୁ ଆରାମ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ।୵ ଅଣା ।

ପ୍ରାପ୍ତିସ୍ଥାନ ଏଇଚ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

# NOTICE.

## District Board, Cuttack

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of work | ITEMS. | Quantity. | Unit of rate. |
|---|---|---|---|---|
| 1 | Removelling Tangi | Earthwork in foundation | 15202 c.ft. | 1000 c.ft. |
| | Haripur road | Concrete in foundation | 1687 „ | 100 „ |
| (1),(2) | 7⅓rd to 12th mile | Laterite masonary in mortar | 11778 „ | 100 „ |
| | | Do. Dry laid | 7814 „ | 100 „ |
| | | Sand and lime pointing | 5120 s.ft. | 100 s.ft. |
| | | Sal wood work | 408 c.ft. | 1 c.ft. |
| | | Steel joists | 144 c.w.ft. | 1 c.w.ft. |
| | | Angle and wrought iron | 28¼ „ | 1 „ |
| | | Boots and neets | 3¾ „ | 1 „ |
| | | Gas Piping | 528 r.ft. | 1 r.ft. |
| | | Earthwork | 14,02,320 c.ft. | 1000 c.ft. |
| | | Dressing and turfing | 255022 s.ft. | 1000 s.ft. |
| (1) 2 | „ „ 3rd to 7th mile | Do. Do. | 255887 „ | 1000 „ |
| (2) 3 | Remodelling Jajpur Pachikot road between H. L. Canal and Trunk road | Earthwork in foundation | 3606 „ | 1000 c.ft. |
| | | Laterite masonary in mortar | 5750 „ | 100 „ |
| | | Do. dry laid | 1084 „ | 100 „ |
| | | Sand and lime pointing | 2818 s.ft. | 100 s.ft. |
| | | Earthwork with dressing | 571199 c.ft. | 1000 c.ft. |
| | | Dressing and turfing | 130752 s.ft. | 1000 s.ft. |
| (1) 4 | Widening Barchana Genguti road, | Earthwork | 204053 „ | 1000 c.ft. |
| | | Dressing and turfing | 151285 „ | 1000 s.ft. |
| (1) 5 | Widening Dhanmandal station Road. | Earthwork | 183263 c.ft. | 1000 c.ft. |
| | | Dressing and turfing | 107755 s.ft. | 1000 s.ft. |
| (1) 6 | Remodelling Vyas Sarabar Station Road | Earthwork | 146638 c.ft. | 1000 c.ft. |
| | | Dressing and turfing | 391101 s.ft. | 1000 s.ft. |

## RULES.

1. All tenders which must be on from No. 1 & 2 obtainable at this office ( price 0-1-0 & 0-8-0 each ) must be enclosed in sealed covers and on the outside the name of the work legibly written.
2. All tenders must specify the rates at which the intending contractor will execute the work.
3. Tenders will be received up to 30th December 1902.
4. Tenders not in the proper Form above mentioned will be rejected.
5. The undersigned does not bind himself to accept the lowest or any tender.
6. Figures within brackets (1) & (2) indicate the number of forms in which tenders are to be submitted.

CUTTACK,
The 18th December
1902.

N. N. MITRA
*District Engineer,*
CUTTACK.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ପୂର୍ବ ପୂର୍ବ ବର୍ଷପ୍ରାୟ ଆଗାମୀ ୧୯୦୩ ସାଲ ଜାନୁଆରୀ ମାସ ତା ୩ ରିଖଠାରୁ କଟକ କଲେକ୍ଟରୀ ଘାଟରେ ପ୍ରଦର୍ଶନୀ ହେବ ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଦ୍ରବ୍ୟାଦି ପଠାଇବାକୁ ମନସ୍ଥ କରନ୍ତି ସେମାନେ ଚଳିତ ଡିସେମ୍ବର ମାସ ତା ୩୧ ରିଖ ବା ତହିଁ ପୂର୍ବରୁ ପ୍ରଦର୍ଶନୀର ସହକାରୀ ସମ୍ପାଦକ ଶ୍ରୀ ଜନ୍ ସାମସନ ରାଉତଙ୍କ ନିକଟକୁ ପଠାଇବେ । ଯେଉଁମାନେ ପ୍ରଦର୍ଶନୀ ଦେଖିବାକୁ ଇଚ୍ଛା କରନ୍ତି ସେମାନେ ନିର୍ଦ୍ଧାରିତ ଟାରିଖରେ ବା ତହୁଁ ପରଦିନ ପ୍ରଦର୍ଶନୀ ସ୍ଥଳେ ଉପସ୍ଥିତ ହେବେ । ଯେଉଁ କାରିଗରମାନେ ପ୍ରଦର୍ଶନୀରେ ଆପଣା କାରିଗରି କାମ କରି ଦେଖାଇବାକୁ ଚାହାନ୍ତି ସେମାନେ ମଧ୍ୟ ଆସି ସେ ସ୍ଥଳେ କାର୍ଯ୍ୟ କରି ଦେଖାଇ ପାରିବେ ଓ ସେମାନଙ୍କର ଉପଯୁକ୍ତ ଖର୍ଚ୍ଚା ଦିଆଯିବ । ପ୍ରଦର୍ଶନୀରେ ଯେ ଯେ ଦ୍ରବ୍ୟ ପ୍ରଦର୍ଶିତ ହେବ ତାହା ପ୍ରଦର୍ଶକେ ବିକ୍ରୟ କରିବାକୁ ଚାହିଲେ ବିକ୍ରୟ କରାଇ ଦିଆଯିବ । ଏ ବର୍ଷ ଶ୍ରୀ ରାଜରାଜେଶ୍ୱରଙ୍କର ଅଭିଷେକ ହେବାର ଉପଲକ୍ଷରେ ଏ ନଗରରେ ଅନେକ ଲୋକଙ୍କର ସମାଗମ ହେବ ସୁତରାଂ କାରିଗର ଓ ଅନ୍ୟ ପ୍ରକାର ଦ୍ରବ୍ୟ ଯାହା ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ତାହା ଅନେକ ମୂଲ୍ୟରେ ବିକ୍ରୟ ହେବାର ସମ୍ଭବ ମଧ୍ୟ କାରିଗର ଅବଶ୍ୟ କାମ ବିଖ୍ୟାତ ହୋଇଗଲେ ସେମାନଙ୍କର ରୋଜଗାର ଭବିଷ୍ୟତକୁ ଭଲ ହେବାର ଆଶା କରାଯାଏ । ଯେଉଁମାନେ କାରିଗରି କାମ କରି ଦେଖାଇବାକୁ ଚାହାନ୍ତି ସେମାନେ ଅନ୍ତତଃ ସାତଦିନ ପୂର୍ବରୁ ଆପଣା ଅଭିପ୍ରାୟ ଲେଖି ପଠାଇବେ ।

କଟକ
୧୧-୧୨-୧୯୦୨ } J. Sampson Rout
ସହକାରୀ ସମ୍ପାଦକ ।

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla, Worli—Dadar Bombay, and everywhere.

At Re 1 per bottle. Discount to the Trade.

## ବିଜ୍ଞାପନ ।

ବର୍ତ୍ତମାନ ସ୍କୁଲ ପାଠ୍ୟ ସଂସ୍କୃତ ଶବ୍ଦରୂପ ଧାତୁରୂପ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ୮୦/ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।
ଚୂଡ଼ାଙ୍ଗହାଟ, କଟକ

## ବିଜ୍ଞାପନ ।

TRADE MARK
W. MAJOR & CO.'S MEDICAL LABORATORY CALCUTTA
TRADE MARK
REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସୃଷ୍ଟ

### "ଇଲେକ୍ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଅଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଖି ବିଦେଶରୁ ସେହିପରି ଗଣି ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ୍ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅପୂର୍ବ ପ୍ରତିକାରକତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ର ସେବନ ମାତ୍ରେ ରୋଗୋପଶମ ସୂଚକତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାନ୍ତି ଓ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନର୍ବାର ଆକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଦୂରଦର୍ଶିତା ଫଳରେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧଟିର ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାଙ୍କ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହସ୍ପିଟାଲରେ ଉପଯୁକ୍ତ ରୋଗୀକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି ଇଲେକ୍ଟ୍ରୋ ସାଲସା ସତ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଭଣ୍ଡ ଫୁଲିବା, କୁଷ୍ଠରୋଗ ହୋଇ ଫୁଟି ଉଠିବା, ଭଗନ୍ଦର, ଫୁଲ ଗରମି ଓ ପାରଦ ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଖାଲ ଗରମିର ଦାଗ ବା ଫୁଲାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାଥମିକାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ,ଯନ୍ତ୍ରଣାଦ୍ଦି ପୁଣି ପାପ ଓ ଗରମ ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଅତ୍ୟାଶ୍ଚର୍ଯ୍ୟକର ଔଷଧ ଦ୍ୱିତୀୟ ନାହିଁ ।

Digitized by srujanika@gmail.com

Split by PDF Splitter



ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରଶୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ ସମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ନାଳର ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପଡ଼ିବା, କମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣଶକ୍ତି ହୀନ, ମୁଣ୍ଡ ଘୁରାଇବା, ଚିତ୍ତର ଅସ୍ଥିରତା, ନିର୍ଜ୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତ, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ;—ସୁଧା ଭ୍ରମରେ ବିଷ କ୍ରୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା," ଭୂମ୍ବ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀମଧ୍ୟ ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉ ଅଛନ୍ତି ସେମାନଙ୍କର ଓ ଅସଂଖ୍ୟ ଦୂର-ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀରୂପେ ରେଜଷ୍ଟ୍ରି କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବଶୀଘ୍ର ତାହାଙ୍କ ଅଫିସରେ ପହୁଞ୍ଚିବ ।

ଇଲେକ୍ଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରିଷ୍ଟାର;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରାମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA — TRADE MARK

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାଯଶା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅବିଷ୍କୃତ ;—
"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଅବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର !

ଇଲେକ୍ଟ୍ରୋ ସାଲସା,—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକ୍ରିୟାରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାତ୍ର ଦେହରେ ଏହାର ଆଶ୍ଚର୍ଯ୍ୟ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକ ଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରେ କୌଣସି ବୈଦ୍ୟୁତିକ କିମ୍ବା ନୂତନ ହୋଇ ଗଲା । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଇଅଛନ୍ତି ଯେ ତାପ ତାଡ଼ିତ ଏବଂ ଦୃଢ଼ୋତ୍ଥ ଶକ୍ତି ହିଁ ପ୍ରକୃତିର ଜୀବନ । ତାପ ତାର ପ୍ରବାହ ବ୍ୟାଘାତ ପ୍ରକୃତିଦେବୀ ସଙ୍କଟାପନ୍ନା । ଏପରି ତାପ ଓ ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାରୀରତତ୍ତ୍ୱଜ୍ଞ ପଣ୍ଡିତମାନେ କହନ୍ତି, ନାଡ଼ୀ ସମୂହର ବିଶୃଙ୍ଖଳତାରେ ଓ ସ୍ୱାସ୍ଥ୍ୟରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ-ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତାପ ତାଡ଼ିତ ଶକ୍ତିସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ; ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରାଇ ବାତ, ପକ୍ଷାଘାତ, ସ୍ନାୟୁଦୌର୍ବଲ୍ୟ ପ୍ରଭୃତି କେତୋଟି ଜଟିଳ ରୋଗ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଭି ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ବିଜ୍ଞାନର ମହତ୍ତ୍ୱସୀମା କ୍ଷମତା ହାର ଡାକ୍ତର ମେଜର ତାଡ଼ିତଶକ୍ତିର ଅନ୍ତର୍ନିହିତ ପ୍ରୟୋଗାର୍ଥ ତାହାକୁ ଔଷଧ ଭେଷଜ ବୀର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସର୍ଜନ କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସାଧନରେ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି

ଅଭି, କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଭି କାହାକୁହିଁ ରୋଗଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାବ୍ୟକ୍ତିଙ୍କୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତପିତ୍ତର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି ଘା, ନାଲୀଘା, ଗାତ୍ରକଣ୍ଡୁ, ଦାଦ୍ରୁ, ଛୁଲି, ଗଣ୍ଠିଗଣ୍ଠିବାତ, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ଘୁରାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୃଥକ ଛପା କାଗଜରେ ଦେଖ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତିଶିଶି ଟ ୨ ୮, ୩ ଶିଶିକୁ ଟ ୬, ୬ ଶିଶିକୁ ଟ ୧୦, ଡଜନକୁ ଟ ୨୦ ୮ ଡାକେଷକୁ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତିଶିଶିରେ ଟ ०।୵, ୩ ଶିଶିରେ ଟ ०॥୵, ୬ ଶିଶିରେ ॥୵, ଡଜନରେ ଟ ୧।୵ ।

ଅମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ ।
Calcutta } କଲିକତା ।
TELEGRAPHIC ADDRESS,
"MAJOR" Calcutta

Digitized by srujanika@gmail.com

# ବିଜ୍ଞାପନ ।

ଏ, ଏଚ୍, ଏମ୍, ଏଣ୍ଡ କୋମ୍ପାନି ।

## ଆର୍ଯ୍ୟଶଙ୍କର ଔଷଧାଳୟ ।

### ଶାନ୍ତିବାର ସୁଧା
ଅବା
### ଶାନ୍ତିବାର ସୁଧା ବଟିକା ।

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ ଜ୍ୱର, ସବିରାମ ଜ୍ୱର, ମାଲେରିଆ ଜ୍ୱର, ଯକୃତ ଓ ପ୍ଳୀହାଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

ମୂଲ୍ୟ ବଡ ବୋତଲ ଟ ୧୯
" ଛୋଟ " ଟ ।୵
ମୂଲ୍ୟ ବଡ ଫରଆ ଟ ୧୯
" ଛୋଟ ଟ ୵

### ଶକ୍ତି ସଞ୍ଚାରଣୀ ସାଲସା ।

ଏହା ସର୍ବ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି ବନ୍ଧାବନ୍ଧ ନିୟମ ନାହିଁ । ଭଲ ଦେହେ ଲୋକେ ଯେରୂପ ଖାଦ୍ୟାଖାଦ୍ୟ ଖାଇଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ ଖାଇ ପାରନ୍ତି । ଏହା ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ୟ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା କ୍ଷତିକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧।। ଡାକମାସୁଲ ।୵

### କ୍ଷତ ବିରଜକ ।

ଏହା ଭିନ ଗୁଣ ଦିବସ ବ୍ୟବହାରରେ ଉତ୍କଟ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାରଦଜନିତ ଚର୍ମରୋଗ ଓ ନାଳଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଅଇ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍ସର ମୂଲ୍ୟ ଟଂ୍ୟ ଡାକମାସୁଲ ଟ୦

### ଦଦ୍ରୁ ବିନ୍ଦୋଚନ ।

ଏହା ନୂତନ ଓ ପୁରାତନ ସର୍ବବିଧ ଦଦ୍ରୁ (ଯାଦ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

### ବାତ ରୋଗର ସ୍ପେସିଫିକ ବାତ୍ରୁତେଲ ।

ଏହା ଆମବାତ ରୋଗର ନାଶକ ଔଷଧ । ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା ବକ୍ଷସ୍ଥଳର ପୀଡ଼ା ଆରୋଗ୍ୟ କରିବାରେ ଅତ୍ୟାଶ୍ଚର୍ଯ୍ୟ ଫଳପ୍ରଦ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତି ଶିଶି ଟଂ୍ୟ ଡାକମାସୁଲ ଟଂ।୵
ଭି, ପି, କମିସନ ଟ୦୵

### ଶର୍କରା ସୁଧା ।

ମେହ ରୋଗର ଅବ୍ୟର୍ଥ ମହୌଷଧ । ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ୍ ଔଷଧ ଅଭାବରୁ ବହୁଜଣ ମଧ୍ୟରୁ ଜଣେ ଜଣ ଏହି ଉତ୍କଟ ରୋଗରୁ ରକ୍ଷା ପାଉଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଉତ୍କଟ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହରୋଗ ଓ ତଜ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା, ରକ୍ତମୂତ୍ର, ମୂତ୍ରକୃଚ୍ଛ୍ର ଓ ପ୍ରସ୍ରାବକାଳେ ଶୁକ୍ରର ତରଳତା ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ଋତୁ ରୋଗ ଆରୋଗ୍ୟ କରଇ ।

ମୂଲ୍ୟ ଏକ ଶିଶି ଟ ୧।। ଡାକମାସୁଲ ଟ୦।୵

ଠିକଣା ନ ୫ ନମ୍ବର ଲେନ ।ଓ୍ୱାଗଡ଼ସଲେ
ନିମତଳା, କଲିକତା ।

# ପଙ୍କଜ ପରିଚୀୟତେ

ନବପଙ୍କ ଶତକଡ଼ି କର କବିରାଜଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅଭାବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଉତ୍ତରୋତ୍ତର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ଗରମ ହୋଇ ମସ୍ତକ ଗରମ ହୁଏ ଏବଂ ଏହି ବିଷୟରେ ମନ ସ୍ଥିର ନ ଥାଏ ସେମାନେ ଏହା ବ୍ୟବହାର କଲେ ଉପକାର ପାଇବେ । ହୃଦକମ୍ପ ଓ ଶିରୋରୋଗ ପ୍ରଭୃତିରେ ଏହା ସଦ୍ୟ ଫଳପ୍ରଦ ।

ଏକ ସେରର ମୂଲ୍ୟ ଟ ୬ ୧

### ଶ୍ରୀ କୁଷ୍ଠଘ୍ନ ବଟିକା ।

ଏହି ଔଷଧ ଆର୍ଯ୍ୟ ଋଷିମାନଙ୍କର ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ଗାତ୍ର ଫାଟି ପୂଜ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଯାବତ୍ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅନୁମାନ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧।। ମାତ୍ର ।

### କଲ୍ପତରୁରସାୟନ ।
( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ ଚକା ୨ ଓ ଚକା ୨ ଦାଗ; ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧।। ମାତ୍ର ।

ଏକକାଳେ ଛଅ ଶିଶି ନେଲେ ଟ ୭ ୯ ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଗଣପତି କର କବିରାଜ
କଟକ } ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।


---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭ ୫ ୬ ୯
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଖର୍ଚ୍ଚ ୫୦ ୩ ଶାଲୁ ନ୍ୟୂନ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ସ୍ଥାନରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ୫୫୬ ଉତ୍କଳସାହିତ୍ୟ ପ୍ରିଣ୍ଟିଂ କମ୍ପାନି ଲିମିଟେଡ଼ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 81



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖ ୩୭ ଶ | ସଂ ୫୦ ସଂଖ୍ୟା

CUTTACK, SATURDAY THE 27th December 1902.

ତା ୧୩ ର ପୌଷ ସନ ୧୩୧୦ ସାଲ ଶନିବାର

ଅଗ୍ରୀମ ଟ ୩୧ | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂ କମ୍ପାନିଙ୍କର

### ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ନୂତନ ପଞ୍ଜିକା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୧୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଶ୍ରକୁ ଟ ୦/ ଛୋଟପାଞ୍ଜି ଖ ୧ ଶ୍ରୁଠାରୁ ଖ ୭ ଖ୍ରୁ ପର୍ଯ୍ୟନ୍ତ ଟ ୦୧୬ । ବଡ଼ପାଞ୍ଜି ଖ ୧୦ ଶ୍ରୁ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

Wanted a Second Clerk for the Khurda Khasmahal office on a Salary of Rs. 35 per month. Preference will be given to those who have experience in correspondence work. Applications will be received by the undersigned up to the 15th January next.

Khurda Sub-Division office
Khurda, The 13th December 1902.

J. E. Friend Pereira
*Sub-Divisional officer*

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902

Oriya Alphabet and Spelling Book. For Infant Class and Standard I, (*ready*) ... As. 1

Oriya Lower Primary Science Reader ( *ready* ) ... As. 3

Oriya Lower Primary Arithmetic (*ready*) ... As. 4

Oriya Upper Primary Science Reader ( *ready* ) ... As. 4

Oriya Upper Primary History Reader ( Bengal) ( *ready* ) As. 3

Oriya Upper Primary Geography Reader (*ready*) As. 3

Oriya Upper Primary and Middle Vernacular Arithmetic (*ready*) ... As. 8

Oriya Upper Primary Literature Book (*ready*) ... As. 3

Oriya Upper Primary and Middle Vernacular Practical Geometry and Mensuration (*in a few days*) ... As. 4

Oriya Middle Vernacular Science Reader (*in a few days*) As. 7

Oriya Middle Vernacular History Reader (*ready*) ... As. 4

Oriya Middle Vernacular Literature Book (*ready*) ... As. 6

*For any of these books apply to*
Superintendent,
Orissa Mission Press, CUTTACK.

ଡିରେକ୍ଟର ମହୋଦୟ କର୍ତ୍ତୃକ ଅନୁମୋଦିତ ଭାରତୀୟ ବିଦ୍ୟାଳୟସମୂହର ପାଠୋପଯୋଗୀ ମ୍ୟାକ୍‌ମିଲାନ୍ କମ୍ପାନିର ପୁସ୍ତକାବଳି, ୧୯୦୨ ।

ଓଡ଼ିଆ ବର୍ଣ୍ଣବୋଧ ( ପ୍ରସ୍ତୁତ ଅଛି ) ଟ ୦/

ଓଡ଼ିଆ ନିମ୍ନପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ୵

ଓଡ଼ିଆ ନିମ୍ନପ୍ରାଥମିକ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ଉଚ୍ଚପ୍ରାଥମିକ ବୈଜ୍ଞାନିକ ପାଠ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ଉଚ୍ଚପ୍ରାଥମିକ ଐତିହାସିକ ପାଠ ( ବଙ୍ଗଦେଶ ) ପ୍ରସ୍ତୁତ ଅଛି ) ଟ ୦ ୵

ଓଡ଼ିଆ ଉଚ୍ଚପ୍ରାଥମିକ ପରୀକ୍ଷାର ଉପଯୋଗୀ ଭୌଗୋଳିକ ପାଠ ( ପ୍ରସ୍ତୁତ ଅଛି ) ଟ ୦ ୵

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଅଙ୍କ ପୁସ୍ତକ ( ପ୍ରସ୍ତୁତ ଅଛି ) ଟ ୦ ୷

ଓଡ଼ିଆ ଉଚ୍ଚପ୍ରାଥମିକ ସାହିତ୍ୟ ପାଠ (ପ୍ରସ୍ତୁତ ଅଛି) ଟ ୦ ୵

ଓଡ଼ିଆ ଉଚ୍ଚପ୍ରାଥମିକ ଏବଂ ମଧ୍ୟଓଡ଼ିଆ ବ୍ୟବହାରିକ ଜ୍ୟାମିତି ଓ ପରିମିତି ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ବୈଜ୍ଞାନିକ ପାଠ ( ଅଳ୍ପଦିନ ମଧ୍ୟରେ ପ୍ରସ୍ତୁତ ହେବ ) ଟ ୦।୵

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ପରୀକ୍ଷାର ଉପଯୋଗୀ ଐତିହାସିକ ପାଠ ( ପ୍ରସ୍ତୁତ ଅଛି ) ଟ ୦।

ଓଡ଼ିଆ ମଧ୍ୟଓଡ଼ିଆ ବା ଛାତ୍ରବୃତ୍ତି ସାହିତ୍ୟ ପାଠ ( ପ୍ରସ୍ତୁତ ଅଛି ) ଟ ୦।/

ଉପରୋକ୍ତ ପୁସ୍ତକ ସବୁ ଓଡ଼ିଶା ମିଶନ ଯନ୍ତ୍ରାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ପ୍ରାପ୍ତବ୍ୟ ।

Digitized by srujanika@gmail.com

# ଉତ୍କଳଦୀପିକା ।

ସଞ୍ଜୀବନୀରେ ଲେଖାଅଛି ଯେ କାବୁଲର ଅମୀରଙ୍କ କୃତ୍ରନସ୍ଥ କାର୍ଯ୍ୟକାରୀ ଅନେକଗୁଡିଏ ବନ୍ଧୁକ ତୋପ ପ୍ରଭୃତି ପଠାଇଥିଲେ । ଭାରତ ଗବର୍ଣ୍ଣମେଣ୍ଟ ସେତେଗୁଡିଏ କ୍ରୁପ କମାଣ ଛଡ଼ା ଆଉ ସବୁ ପେଶୋୱାରରେ ଅଟକ ରଖିଅଛନ୍ତି । ଅମୀରଙ୍କ ନିକଟକୁ ଏ ସମ୍ବନ୍ଧରେ ପତ୍ର ଯାଇଅଛି ।

---

ଗତ ମାସ ତା ୭ ରିଖ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୨୩,୮୧୨ରୁ ୨୩,୬୨୯ ଉଠିଥିଲା ଓ ତା ୧୩ ରିଖ ଶେଷ ହେବା ସପ୍ତାହରେ ୧୪,୨୫୯ ହୋଇଅଛି ସୁତରାଂ ପୂର୍ବ ସପ୍ତାହରୁ ୯,୩୭୦ ଊଣା ହୋଇଅଛି । ତହିଁ ମଧ୍ୟରେ ନ ୧,୩୧୫ ଶ କାର୍ଯ୍ୟଦ୍ୱାରା ଓ ନ ୧୨,୯୪୪ ଶ ଦାତବ୍ୟ ସାହାଯ୍ୟ ପାଇଥିଲେ । ବୋମ୍ବେ ଓ ସିନ୍ଧୁ ପ୍ରଦେଶର ନ ୧୧,୧୮୯ ଶ ଓ ଅବଶିଷ୍ଟ ନ ୩୦୭୦ ଶ ମଧ୍ୟପ୍ରଦେଶର ଲୋକ ଥିଲେ ।

---

ଭାରତ ସମ୍ରାଟ ମଧ୍ୟପ୍ରଦେଶର ପ୍ରଧାନ କମିଶନର ମାନ୍ୟବର ଏ, ଏଚ୍, ଆଇ, ଫ୍ରେଜର ସାହେବଙ୍କୁ ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣର ପଦରେ ନିଯୁକ୍ତ କରିଅଛନ୍ତି । ମାନ୍ୟବର ଫ୍ରେଜରସାହେବ ବର୍ତ୍ତମାନ୍ ପୁଲିସ କମିଶନର କାର୍ଯ୍ୟ କରୁଅଛନ୍ତି ଏବଂ ସେ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ସେ ଅବସର ପାଇବେ ନାହିଁ । ସେ କାର୍ଯ୍ୟ ଆସନ୍ତା ମଇ ଅଥବା ଜୁନମାସରେ ଶେଷ ହେବ । ସେପର୍ଯ୍ୟନ୍ତ ମାନ୍ୟବର ବୋର୍ଡିଲନସାହେବ ଏକଟିଂ ସ୍ୱରୂପ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କର କାର୍ଯ୍ୟ ନିର୍ବାହ କରିବେ ।

---

ଆଗାମୀ ଜାନୁୟାରୀ ମାସ ତା ୧ ରିଖଠାରୁ ନୂତନ ମୁଦ୍ରା ( ଟଙ୍କା, ପଇସା ଇତ୍ୟାଦି ) ମୁଦ୍ରିତ ହେବା ନିମନ୍ତେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଆଦେଶ ଦେଇଅଛନ୍ତି । ୧୯୦୩ ସାଲ ଆରମ୍ଭରେ ଓ ତତ୍ପରେ ଯେଉଁ ସମସ୍ତ ମୁଦ୍ରା ମୁଦ୍ରିତ ହେବ ସେହି ସମସ୍ତ ମୁଦ୍ରାର ଏକ ପିଠିରେ ସମ୍ରାଟ ସପ୍ତମ ଏଡ୍‌ୱାର୍ଡଙ୍କର ପ୍ରତିମୂର୍ତ୍ତି ଓ ଉପାଧି ଏବଂ ଅନ୍ୟ ପିଠିରେ 'India' ଏହି ଶବ୍ଦ ଓ ତଦୁପରି ଇଂରାଜୀରେ ମୁଦ୍ରାର ନାମ ଓ ତହିଁ ତଳେ ଉର୍ଦ୍ଦୁରେ ମୁଦ୍ରାର ନାମ ରହିବ ଓ ତାହା ତଳେ ସାଲ ରହିବ । ଏତଦ୍ବ୍ୟତୀତ ପଛ ପିଠିର ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏଁ ପଦ୍ମମାଳା ସେମାନଙ୍କ ଉପରେ ସମ୍ରାଟଙ୍କ ମୁକୁଟ ଅଙ୍କିତ ହେବ ।

---

ଜାପାନ ଗବର୍ଣ୍ଣମେଣ୍ଟ ସ୍ୱଦେଶର ଉନ୍ନତି କରିବା ନିମନ୍ତେ ସର୍ବଦା ତତ୍ପର । ଆମେରିକା ଓ ଇଉରୋପ ନାନାଦେଶରେ ବିଦ୍ୟାଶିକ୍ଷା ନିମନ୍ତେ ଜାପାନ ଗବର୍ଣ୍ଣମେଣ୍ଟର ବ୍ୟୟରେ ଅନେକ ଯୁବକ ପ୍ରେରିତ ହୋଇଥିଲେ । ସେମାନେ ବର୍ତ୍ତମାନ ସ୍ୱଦେଶକୁ ପ୍ରତ୍ୟାଗମନ କରି ସ୍କୁଲ କଲେଜ ଓ ଟେକ୍ନିକ ବିଦ୍ୟାଳୟ ସମୂହରେ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତ ହେବେ । ମାତ୍ର ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ କାହାର ବ୍ୟୟ ବହନ କରିବା କଥା ସେଣିକି ଥାଉ ଯେଉଁମାନେ ନିଜ ବ୍ୟୟରେ ଶିକ୍ଷାଲାଭ କରି ଆସିଅଛନ୍ତି ସେମାନଙ୍କୁ ଶିକ୍ଷାବିଭାଗରେ କାର୍ଯ୍ୟ ଦେବାକୁ କୁଣ୍ଠିତ ହେଉଅଛନ୍ତି । ଦେଖ ! ଜାପାନ କି ପ୍ରକାର ସ୍ୱଦେଶର ଉନ୍ନତି ସାଧନ ନିମନ୍ତେ ଯତ୍ନବାନ୍ ହେଉଅଛି ।

---

ଅଭିଷେକୋତ୍ସବ ଉପଲକ୍ଷରେ ସ୍କୁଲ ଛାତ୍ରମାନଙ୍କୁ ମିଷ୍ଟାନ୍ନ ବିତରଣର ସ୍ଥାନ କଟକ ରେଭେନ୍ସା କଲେଜଗୃହ ନିରୂପିତ ହୋଇଥିବାରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଯୋବରା ମଙ୍ଗଳାବାଗ ଡଗରପଡ଼ା ପ୍ରଭୃତିର କନ୍ୟା ଓ ଉଚ୍ଚପ୍ରାଇମେରୀ ବିଦ୍ୟାଳୟର ଅଳ୍ପବୟସ୍କ ଛାତ୍ରମାନେ ଦୂରତା ନିବନ୍ଧନ ତହିଁରେ ଯୋଗ ଦାନ କରିବେ ନାହିଁ । ସୁତରାଂ ବିତରଣର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣରୂପେ ସଫଳ ହେବ ନାହିଁ । ଅତଏବ ସେ ପ୍ରସ୍ତାବ କରିଅଛନ୍ତି କି କମିଟୀ କଲେଜ ଗୃହପର ଗ୍ରନକର୍ଣ୍ଣିକ, କଟକଚଣ୍ଡୀ ଏବଂ ରାଣୀହାଟରେ ମିଷ୍ଟାନ୍ନ ବିତରଣର କେନ୍ଦ୍ର ନିରୂପଣ କଲେ ଯାହାକୁ ଯେଉଁଠାରେ ସୁବିଧା ହେବ ସେ ସେଠାରେ ଉପସ୍ଥିତ ହୋଇ ତାହା ପାଇପାରିବେ । ଏହି ପ୍ରସ୍ତାବପ୍ରତି କମିଟିର ମନୋଯୋଗ ଆକର୍ଷଣ କରିବା ଅଭିପ୍ରାୟରେ ଏ ପ୍ରସ୍ତାବ ଉପସ୍ଥିତ କଲୁଁ । ସମସ୍ତ କେନ୍ଦ୍ରରେ ଏକସମୟରେ ବଣ୍ଟା ଗଲେ କୌଣସି ବିଶୃଙ୍ଖଳ ଘଟିବାର ଭୟ ନାହିଁ ।

---

ଗତ ତା ୨୧ ରିଖ ସକାଳ ଘ ୭ ଟା ସମୟେ ସ୍ପେସିଆଲ ଟ୍ରେନଯୋଗେ ତ୍ରିବାଙ୍କୁର ମହାରାଜା ଓ ମହାରାଣୀ ଏ ନଗରର ରେଲଷ୍ଟେସନରେ ପହଞ୍ଚିଥିଲେ । ତାହାଙ୍କର ସମ୍ମାନ ନିମନ୍ତେ ଏଠା ପଲଟନର କର୍ଣ୍ଣେଲ ସାହେବ ଓ ଏକକମ୍ପାନି ସୈନ୍ୟ ନେଇ ପୂର୍ବରୁ ଷ୍ଟେସନରେ ଉପସ୍ଥିତ ଥିଲେ । ମହାରାଜା ରେଲଶକଟରୁ ଅବତରଣ କରି ପଲଟନସୈନ୍ୟଙ୍କର ସଲାମି ନେଲାପରେ ଘୋଡ଼ାଗାଡିରେ ଆରୋହଣ କରି, ବର୍ତ୍ତମାନ ମହାରାଜାଙ୍କର କୋଠିକୁ ବିଜେ କଲେ ଏବଂ ସେଠାରେ ଦିନମାନ ରହି ସନ୍ଧ୍ୟା ଘ ୭ ଟାବେଳେ ସେହି ସ୍ପେସିଆଲ ଟ୍ରେନରେ ଦକ୍ଷିଣକୁ ଯାତ୍ରା କଲେ । କେବଳ ଦିବସର ନିତ୍ୟକ୍ରିୟା ବଢ଼ାଇବା ଏଠାରେ ଅଟକିବାର ଏକମାତ୍ର ଅଭିପ୍ରାୟ ଏବଂ ଏଥିପାଇଁ ମାସେ ହେଲା ସେହି କୋଠି ସଜାଇବା ପୁଷ୍କରିଣୀ ଘାଟ ବନାଇବା ବାନ୍ଦଘରମାନ ନିର୍ମାଣ ଇତ୍ୟାଦି କାର୍ଯ୍ୟ ଲାଗିଥିଲା ଏବଂ ଏଥିରେ ୩୪ ହଜାର ଟଙ୍କା ଖରଚ ହୋଇଗଲା । ଧନ୍ୟ ମହାରାଜାଙ୍କର ନିଷ୍ଠା ଏବଂ ସମ୍ପଦ । ଏହାଙ୍କ ସଙ୍ଗରେ ପ୍ରାୟ ନ ୨୦୦ ଶରୁ ଉର୍ଦ୍ଧ୍ୱ ଲୋକ ଥିଲେ ।

---

ଗତ ରବିବାର ରାତ୍ରରୁ ସୋମବାର ସନ୍ଧ୍ୟା ଶେଷପର୍ଯ୍ୟନ୍ତ ଏ ନଗରରେ ବୃଷ୍ଟି ହୋଇଥିଲା । ଜଳର ପରିମାଣ ଅଧିକ ନ ହେଲେହେଁ ଅନବରତ ଅଳ୍ପ ଅଳ୍ପ ବୃଷ୍ଟି ହେଉଥିବା ଏବଂ ତହିଁସଙ୍ଗେ ଉତ୍ତରପବନ ବେଗରେ ବହୁଥିବାରୁ ଲୋକଙ୍କର ଘରୁ ବାହାରିବାର କଷ୍ଟ ହୋଇଥିଲା । ଏ ବୃଷ୍ଟି ଓଡ଼ିଶାର ଚତୁର୍ଦ୍ଦିଗରେ ହୋଇଅଛି । ଯଥା କଟକରେ ୨.୩୮ ଇଞ୍ଚ, ପୁରୀରେ ୨.୮୪ ଇଞ୍ଚ, ବାଲେଶ୍ୱରରେ ୦.୬୫ ଇଞ୍ଚ ଏବଂ ଅନୁଗୁଳରେ ୧.୫୦ ଇଞ୍ଚ । ଓଡ଼ିଶାଛଡ଼ା ବର୍ଦ୍ଧମାନ, ନଦୀୟା, ଯଶୋହର ପ୍ରଭୃତି ବଙ୍ଗଳାର ଆଉ କେତେକ ଜିଲ୍ଲାରେ ବୃଷ୍ଟି ହୋଇଥିଲା ମାତ୍ର ଏହି ସାମାନ୍ୟ ପରିମାଣରେ ଯେ ତଦ୍ଦ୍ୱାରା କିଛି କ୍ଷତି ବା ଲାଭ ହୋଇ ନାହିଁ । ଓଡ଼ିଶାରେ ଧାନକଟା ଶେଷ ହୋଇ ନ ଥିବାରୁ ବିଲରେ ପଡ଼ିଥିବା ଧାନ ବା କୁଟାର କିଛି ଅନିଷ୍ଟ ହୋଇ ଅଛି । ପକ୍ଷାନ୍ତରରେ ରବିର ଉପକାର ହୋଇଅଛି ଏବଂ ଖାଇଁମୁଗ ବୁଣିବା କାରଣ ଚଷାମାନେ ଚଷ କରିବାରେ ବ୍ୟସ୍ତ ଅଛନ୍ତି । ଆମ୍ବଫସଲ ପ୍ରତି ବାଧା ହେବାର କେତେକ ଆଶଙ୍କା ହୋଇଅଛି ।

---

ଆତସବାଜି ବା ବାଣପୋଡ଼ା ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ଅତ୍ୟନ୍ତ ପ୍ରୀତିକର ବୋଲି ଉତ୍ସବର ଗୋଟିଏ ପ୍ରଧାନ ଅଙ୍ଗ ହୋଇଅଛି ଏବଂ ଅଭିଷେକୋତ୍ସବରେ ତହିଁର ଅନୁଷ୍ଠାନ କରିବାକୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ସମସ୍ତଙ୍କୁ ଅନୁରୋଧ କରିଅଛନ୍ତି । ଦିଲ୍ଲୀ ଦରବାରସ୍ଥଳରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ାଯିବ ଏବଂ କଲିକତାରେ ମଧ୍ୟ ଏହି କାର୍ଯ୍ୟରେ କୋଡିଏହଜାର ଟଙ୍କା ବ୍ୟୟ ହେବ । କଲିକତାର ଉତ୍କୃଷ୍ଟ ବାଣୁଆଦଳ ବାଣକ୍ରୀଡ଼ା ଦେଖାଇବେ । ସୁତରାଂ ଅନେକାନେକ ଅପୂର୍ବ ଏବଂ ନୂତନ କୌତୁକ ଦେଖିବାରେ ଆସିବ ସନ୍ଦେହ ନାହିଁ । ଓଡ଼ିଶାରେ ଅନେକ ବାଣୁଆ

Digitized by srujanika@gmail.com

Split by PDF Splitter



ଅଛନ୍ତି ଏବଂ କେତେଜଣ ବିଶେଷତଃ ଏ ନଗରର କାରିଗରମାନେ ଭଲବାଣ ତିଆରିଜାଣନ୍ତି । ଏମାନଙ୍କମଧ୍ୟରୁ କେହି୨ ଦିଲ୍ଲୀ ବା କଲିକତାକୁ ଯାଇ ଦେଖିଆସିବା ବାଞ୍ଛନୀୟ କାରଣ ସେମାନେ ଦେଖିଲେ ଅବଶ୍ୟ କିଛି ନୂତନ ଶିକ୍ଷା କରିପାରିବେ ଏବଂ ବ୍ୟବସାୟର ଉନ୍ନତି ହେବ । ଦିଲ୍ଲୀ ଯିବା ବହୁ ବ୍ୟୟସାଧ୍ୟ । ମାତ୍ର ଅଳ୍ପବ୍ୟୟ ଓ ଅଳ୍ପ ସମୟରେ କଲିକତାରେ ଦେଖିବାର ସୁବିଧା ଅଛି । ଭରସାକରୁଁ କେହି୨ କାରିଗର ଏଥିରେ ପ୍ରବୃତ୍ତ ହେବେ । ଏଠା ପୁଲିସକର୍ତ୍ତାଙ୍କର ଅଯଥା ହସ୍ତକ୍ଷେପରେ ଏ ନଗରର ବାଣବ୍ୟବସାୟିମାନେ ବଡ କଷ୍ଟରେ ଅଛନ୍ତି ସତ୍ୟ ମାତ୍ର ଏ କଷ୍ଟ ଚିରକାଳ ରହିବ ନାହିଁ ଏବଂ ଏଥିପାଇଁ ବ୍ୟବସାୟର ଉନ୍ନତିର ସୁବିଧା ଛାଡିବା ଉଚିତ ନୁହେ ।

---

### ଅଭିଷେକୋତ୍ସବ ।

ଏ ନଗରରେ ଏହି ଉତ୍ସବସଂକ୍ରାନ୍ତ ଯେଉଁ କ୍ରିୟା ଯେଉଁ ଦିନ ହେବାର କମିଟୀ ସ୍ଥିର କରିଅଛନ୍ତି ତହିଁର ଅନୁଷ୍ଠାନ ପତ୍ର ନିମ୍ନେ ପ୍ରକାଶିତ ହେଲା, ଏହା ଶେଷ ଅନୁଷ୍ଠାନପତ୍ର ନୁହେ, କିଛି ପରିବର୍ତ୍ତନ ହେଲେ ତାହା ଭିନ୍ନ ବିଜ୍ଞାପନଦ୍ୱାରା ଜଣାଇ ଦିଆଯିବ ।

ଜାନୁୟାରୀ ମାସ ତା ୧ ରିଖ ଗୁରୁବାର— ସକାଳ ଘ ୫ ଘଣ୍ଟାଠାରୁ ଗୋଟାଏ ବାଜିବା ପର୍ଯ୍ୟନ୍ତ ନହବତ ବାଦ୍ୟ ।

ଦିନ ଏକ ବାଜିବାବେଳେ ଦରବାର, ସନ୍ଧ୍ୟା ଘ ୬ ଘଣ୍ଟାବେଳେ ସରକାରୀ କୋଠିମାନ ଓ ସହର ରୋସନାଇ, ଘ ୭ ଘଣ୍ଟାଠାରୁ ଘ ୯ ଘଣ୍ଟା ପର୍ଯ୍ୟନ୍ତ ଆତସବାଜି ।

ରାତ୍ର ଘ ୧୦ ଘଣ୍ଟାଠାରୁ ଯାତ୍ରାପ୍ରଭୃତି ।

ତା ୨ ରିଖ ଶୁକ୍ରବାର—ସକାଳ ଘ ୫ ଘଣ୍ଟାଠାରୁ ସମସ୍ତ ଦିନ ନହବତ ବାଜା, ସକାଳ ଘ ୮ ଘଣ୍ଟାବେଳେ ଖେଳ ।

ଅପରାହ୍ନରେ ଇଂରାଜୀ ବାଜା ।

ରାତ୍ର ଘ ୯ ଘଣ୍ଟାଠାରୁ ଥିଏଟର ଓ ଯାତ୍ରା ।

ତା ୩ ରିଖ ଶନିବାର—ଅପରାହ୍ନ ଘ ୩ ଘଣ୍ଟା ବେଳେ ପ୍ରଦର୍ଶନୀ ଏବଂ ରାତ୍ର ଘ ୯ ଘଣ୍ଟାଠାରୁ ଥିଏଟର ।

ତା ୪ ରିଖ ରବିବାର—ମିଉନିସିପଲ ହତାରେ ଦିବା ଦୁଇପ୍ରହର ବେଳେ କଙ୍ଗାଳଭୋଜନ ।

ତା ୫ ରିଖ ସୋମବାର—ସ୍କୁଲ ବାଳକମାନଙ୍କର ଖେଳ ଘ ୮ ଘଣ୍ଟାଠାରୁ ଘ ୬ ଘଣ୍ଟା ପର୍ଯ୍ୟନ୍ତ ପଲଟନ ପଡିଆରେ । ସେମାନଙ୍କର ଭୋଜୀ ମଧ୍ୟାହ୍ନ ଘ ୧ ଘଣ୍ଟାଠାରୁ ଘ ୩ ଘଣ୍ଟା ପର୍ଯ୍ୟନ୍ତ ।

ଏହାଛଡା ତା ୧ ରିଖ ଗୁରୁବାର ସକାଳେ ପଲଟନ ପଡିଆରେ ପଲଟନ ସିପାହିଙ୍କର ସଲାମି-ପରେଟ ଏବଂ ଜେଲଖାନାରୁ କଇଦିମାନେ ଖଲାସ ପାଇବେ ।

---

ସରକାରୀ କାର୍ଯ୍ୟାଳୟମାନ ଅଭିଷେକ ଉପଲକ୍ଷରେ ଆଗାମୀ ଜାନୁୟାରିମାସ ତା ୯ ରିଖ ପର୍ଯ୍ୟନ୍ତ ବନ୍ଦ ହେବାର ଆଦେଶ ହୋଇଥିବାରୁ ସରକାରୀ ଆମଲା ଓ ପେନସନ କର୍ମଚାରିମାନଙ୍କୁ ବଡ଼ାଦିନ ଛୁଟି ପୂର୍ବରେ ବେତନ ଓ ପେନସନ ଟଙ୍କା ମିଳିବାର ଆଦେଶ ହୋଇଥିଲା । ଡିସମ୍ବର ମାସ ତା ୨୩ ରିଖ କଚେରୀ ବନ୍ଦର ପୂର୍ବଦିନ ଓ ସେହି ଦିବସରେ ଆମଲାମାନଙ୍କ ବିଲ ଉପସ୍ଥିତ ହୋଇଥିଲା ଏବଂ ପେନସନ କର୍ମଚାରୀ ତା ୨୨ ଓ ୨୩ ରିଖରେ ପେନସନ ଟଙ୍କା ଗ୍ରହଣ କରିବାର ଆଦେଶ ପାଇଥିଲେ । କେବଳ ତା ୨୩ ରିଖରେ ଆମଲାମାନଙ୍କ ବିଲ ଭଙ୍ଗା ହେବାର କଥା ଥିଲା ତଦନୁସାରେ ତା ୨୩ ରିଖ ଦିବସ ଏଠା କଲେକ୍ଟରୀ ଖଜଣାଖାନାରେ ଅନେକ ଭିଡ଼ ହୋଇଥିଲା । ଏତତ୍ପୂର୍ବରୁ ଖଜଣାଖାନାର ଡେପୁଟି କଲେକ୍ଟର ଉକ୍ତ ଦିବସ ଦିବା ଏକଘଣ୍ଟା ସମୟରେ ଖଜଣାଖାନା ବନ୍ଦ କରିବାର ଏକ ଲିଖିତ ନୋଟିସ ପ୍ରଚାର କରିଥିଲେ ମାତ୍ର ଏ ନୋଟିସ କଥା ସମସ୍ତ ପେନସନରମାନେ ଜାଣିପାରି ନାହାନ୍ତି ଯେଉଁମାନେ ବହୁଦୂରରୁ ଆସି ଟିକିଏ ବିଲମ୍ବରେ ପହୁଞ୍ଚିଲେ ସେମାନଙ୍କର କେବଳ ଚହଲରତ ହେଲା ଲାଭ ମଧ୍ୟରେ ଏତିକ । ଆଉ ଯେଉଁମାନେ ଘ ୧୧ ଘଣ୍ଟା ସମୟରୁ ବସିଥିଲେ ସମସ୍ତ ପେନ୍ସନ କର୍ମଚାରୀମାନେ ଏକତ୍ର ହେଲେ ପାଇବେ ମାତ୍ର ସମୟ ଅତିବାହିତ ହୋଇଯିବାରୁ ନିରାଶବାକ୍ୟ ପାଇ ସେମାନେ ଗୃହକୁ ପ୍ରତ୍ୟାଗମନ କଲେ । କଲେକ୍ଟର ସାହେବଙ୍କ ନିକଟରେ ଓଜର କରିଥିଲେ ସୁଦ୍ଧା ସେମାନଙ୍କ ଓଜର ଶୁଣାଗଲା ନାହିଁ ଓ ଖଜଣାଖାନା ଘ ୧ ଘଣ୍ଟା ସମୟରେ ବନ୍ଦ ହେବାର ଆଦେଶ ପ୍ରଚାର ହୋଇଗଲା । ଗଭର୍ଣ୍ଣମେଣ୍ଟ ତା ୨୩ ରିଖ ଦିବସ ବେତନ ଦେବାର ଆଦେଶ ଦେଇଥିବା ପ୍ରତ୍ୟକ୍ଷରେ ଘ ୧ ଘଣ୍ଟା ସମୟରେ ଖଜଣାଖାନାର କାର୍ଯ୍ୟ ବନ୍ଦ କରିବା ଉଚିତ ହୋଇଥିଲା କି ? ମାସର ଶେଷ କଚେରୀ ଦିନରେ ଘ ୧ ଘଣ୍ଟା ବେଳେ ଖଜଣାଖାନା ବନ୍ଦ ହେବାର ଯେବେ କୌଣସି ନିୟମ ଥାଏ ତାହା ଏମନ୍ତ ସ୍ଥଳେ ପ୍ରବର୍ତ୍ତାଇବା ଉଚିତ କି ? ଗଭର୍ଣ୍ଣମେଣ୍ଟ ଗରିବଙ୍କ ଦୁଃଖ ଘୁଞ୍ଚାଇବା ପାଇଁ ମାସ ଶେଷ ପୂର୍ବରୁ ବେତନ ଦେବାର ଆଦେଶ ଦେଇ ଦୟା ଦେଖାଇଥିଲେ କିନ୍ତୁ ଖଜଣାଖାନାର ଡେପୁଟି ବାବୁ ଓ କଲେକ୍ଟର ସାହେବଙ୍କ ହୃଦୟରେ ତାହା ହେଲା ନାହିଁ, ବଡ଼ ଦୁଃଖର ବିଷୟ ।

---

ବିଲାତର ପାର୍ଲିୟାମେଣ୍ଟ ମହାସଭା ଗତମାସ ତା ୧୮ ରିଖରୁ ବନ୍ଦ ହୋଇଥିବାର ସମ୍ବାଦ ମିଳଇ । ସେଦିନ ସମ୍ରାଟଙ୍କର ଯେଉଁ ବକ୍ତୃତା ପାଠ ହେଲା ତହିଁରେ ଅନ୍ୟାନ୍ୟ ରାଜ୍ୟର ଉଲ୍ଲେଖ କରି ସମ୍ରାଟ ଭାରତ ସମ୍ବନ୍ଧରେ ଏହା ପ୍ରକାଶ କରିଅଛନ୍ତି ଯେ ଏଠାରେ ଯଥେଷ୍ଟ ବୃଷ୍ଟି ହୋଇଥିବା ଏବଂ କୃଷିମାନଙ୍କର ଅବସ୍ଥା ଭଲ ଥିବାର ଦେଖି ସେ ସନ୍ତୁଷ୍ଟ ହୋଇଅଛନ୍ତି ଏବଂ ତାହାଙ୍କର ସିଂହାସନାରୋହଣ ଘୋଷିତ ହେବା ସକାଶେ ଦିଲ୍ଲିରେ ଯେଉଁ ମହା ଦରବାର ହେବ ତହିଁ ସଙ୍ଗେ ଅର୍ଥିକ ଅବସ୍ଥା ଭଲ ହେବାର ସୂଚନା ଅଛି ।—ଭାରତର ଆର୍ଥିକ ଅବସ୍ଥା ମନ୍ଦ ନୁହେ ଏବଂ ଦରବାରଦ୍ୱାରା ତାହା ଆହୁରି ବର୍ଦ୍ଧିତ ହେବ ଏ କଥାର ମର୍ମ ଆମ୍ଭେମାନେ ସହଜରେ ବୁଝିପାରୁ ନାହୁଁ । ଏ ଦେଶର ଲୋକେ ଦୁଃଖୀ, କେତେ ଲୋକଙ୍କର ଓଳିଏ ଖାଇଲେ ଆରଓଳିକି ସଂସ୍ଥାନ ନାହିଁ । ପରେ ଚଷାକୁଳରେ ଋଣ କରି ନ ଥିବା ଲୋକ ଅଳ୍ପ । ଏ ଦୁରବସ୍ଥା ସମ୍ରାଟଙ୍କ କର୍ଣ୍ଣଗୋଚର ହୋଇ ନ ଥିବାର ଆମ୍ଭେମାନେ ବିଶ୍ୱାସ କରି ନ ପାରୁଁ । ଦୁଃଖୀଲୋକଙ୍କ କଷ୍ଟୋପାର୍ଜିତ ଧନରୁ ଦିଲ୍ଲୀଠାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଖେଳ କୌତୁକ ହେବାର ବନ୍ଦୋବସ୍ତ ଲାଗିଅଛି ମାତ୍ର ସେମାନଙ୍କର ଦୁଃଖ ମୋଚନାର୍ଥ କିଛି ବିଧାନ ହୋଇଅଛି କି ନାହିଁ ଆମ୍ଭେମାନେ କହି ନ ପାରୁଁ । ଭାରତ ବଜେଟ ପାର୍ଲିୟାମେଣ୍ଟରେ ପଡିଥିବା କାଳରେ କେହି୨ ଟିକସ ଊଣା କରିଦେବାର ପ୍ରସ୍ତାବ କରିଥିଲେ ମାତ୍ର ତହିଁରେ ଷ୍ଟେଟସେକ୍ରେଟରି ମହୋଦୟ କର୍ଣ୍ଣପାତ କଲେ ନାହିଁ ଏବଂ ତାଙ୍କର ବଳ ଅଧିକ ଥିବାରୁ ପ୍ରସ୍ତାବଟି ପରବାହାରେ ଉଡିଗଲା । ରାଜ୍ୟାଭିଷେକ କାଳରେ ଦୁଃଖୀଲୋକଙ୍କର ଦୁଃଖ ମୋଚନାର୍ଥ ଆଦେଶ ପ୍ରଚାରିତ ହେବାର ଏ ଦେଶରେ ଅତି ପୂର୍ବ କାଳରୁ ନୀତି ଚଳିଆସୁଅଛି । ଯେବେ ସେହି ନୀତି ଅନୁସାରେ ବର୍ତ୍ତମାନ ଅଭିଷେକ ଘୋଷଣା କାଳରେ ଏମନ୍ତ କିଛି ଆଦେଶ ପ୍ରଚାର ହେବ ଯେ ତହିଁର ଫଳ ସମୃଦ୍ଧିଶାଳୀ ନଗରର ଉଚ୍ଚାସନସ୍ଥ ଲୋକଠାରୁ ଆଶ୍ରୟହୀନ ଦୀନ ଦୁଃଖୀ ପର୍ଯ୍ୟନ୍ତ ଭୋଗ କରି ଚିରକାଳ ସମ୍ରାଟଙ୍କର ଜୟଘୋଷଣା କରିବେ ଓ ସମ୍ରାଟଙ୍କ ଦୟାର ଅକାଟ୍ୟ ଉଦାହରଣ ଚିରକାଳ ତାଙ୍କ ମନରେ ଜାଗରୂକ ଥିବ ତାହାହେଲେ ଏ ସମାରୋହରେ ଯେତେ ଅର୍ଥ ବ୍ୟୟ ହେଉଅଛି ସେ ସମସ୍ତ ସାର୍ଥକ ହେବ । ଏହି ଆଶାରେ

Digitized by srujanika@gmail.com

Split by PDF Splitter



ସମସ୍ତେ, ସେହି ଘୋଷଣାପତ୍ର ଶୁଣିବା କାରଣ ଏକାନ୍ତ ଚିତ୍ତେ ବସିଅଛନ୍ତି । ଈଶ୍ୱରଙ୍କ କୃପାରୁ ଏତେ ଆନନ୍ଦ ଉତ୍ସବ କ୍ଷଣିକ ସୁଖରେ ଶେଷ ହେବ ନାହିଁ ।

---

### ବଙ୍ଗଦେଶର ଜିଲ୍ଲାବୋର୍ଡ ସମୂହର ବାର୍ଷିକ ବିବରଣ ।

ଜିଲ୍ଲା ବୋର୍ଡ ଓ ଇଉନିୟନ ବା ଗ୍ରାମ୍ୟକମିଟିମାନଙ୍କର ସଂଖ୍ୟା ପରିବର୍ତ୍ତନ ହୋଇ ନାହିଁ ମାତ୍ର ସ୍ଥାନୀୟ ବୋର୍ଡର ସଂଖ୍ୟା ୧୦୫ ରୁ ୧୦୬ କୁ ବୃଦ୍ଧି ହୋଇଅଛି । ଓଡିଶାରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ଓଡିଶାର ଜିଲ୍ଲା ବୋର୍ଡର ସଭା ପୁରୀରେ ୮ ଥର ଓ କଟକରେ ୫ ଥର କୋରମ (Quoorm) ଅଭାବରୁ ସ୍ଥଗିତ ହୋଇଥିଲା କିନ୍ତୁ ବାଲେଶ୍ୱରରେ ଏପରି ଅଭାବ ଦେଖା ଯାଇ ନାହିଁ ।

ଓଡିଶାରେ କେବଳ ବାଲେଶ୍ୱରରେ ଗ୍ରାମ୍ୟକମିଟୀ ଅଛି । ପାଞ୍ଚଗୋଟି ମଧ୍ୟରୁ ଚାରିଗୋଟିର କୌଣସି ଆୟ ନାହିଁ ଓ ଏକମାତ୍ର ଜଲେଶ୍ୱର କମିଟିର ହିସାବ ଫର୍ଦ୍ଦରେ ବାକି ଟ ୩୦୯ ଙ୍କା ଦେଖା ହୋଇଥିଲା ତାହା ମଧ୍ୟ ୧୮୯୮।୯୯ ସାଲରୁ ଗଡ଼ି ଆସୁଅଛି ଓ ଏହା ମଧ୍ୟ ଖରଚ ନ ହେଲେ ଜିଲ୍ଲାବୋର୍ଡ ବାଜେୟାପ୍ତ କରି ନେବେ । ଓଡିଶାର ଜିଲ୍ଲାବୋର୍ଡ ଅଧୀନ କାଞ୍ଜିହାଉସର ଉସୁଲ କାର୍ଯ୍ୟ ଅତୀବ ମନ୍ଦ, ପ୍ରାୟ ଶତକଡ଼ା ଟ ୨୫୯ ଙ୍କା ବାକି ପଡ଼ିଅଛି । ଏପ୍ରକାର ଫଳରୁ ପ୍ରକାଶ ପାଉଅଛି ଯେ ସ୍ଥାନୀୟ ବୋର୍ଡର କାର୍ଯ୍ୟ ମନ୍ଦରୂପେ ଚାଲୁଅଛି । କାଞ୍ଜିହାଉସ ସବୁ ପୁନଃ୨ ପରିଦର୍ଶନ କରିବାର ଆବଶ୍ୟକ ଏବଂ ଅନେକ ସ୍ଥଳରେ କାଞ୍ଜିହାଉସ ରକ୍ଷକମାନେ ପଶୁମାନଙ୍କର ଖାଦ୍ୟ ଓ ପାଣି ଯୋଗାଇ ନ ଥିବାରୁ ଦଣ୍ଡପ୍ରାପ୍ତ ହୋଇଅଛନ୍ତି ।

କଟକ ଯୋବ୍ରା କାରଖାନାରେ ଶିଳ୍ପଶିକ୍ଷା ନିମନ୍ତେ କଟକ ଜିଲ୍ଲା ବୋର୍ଡ ତିନୋଟି ବୃତ୍ତି ପ୍ରଦାନ କରିଥିଲେ । ବାଲେଶ୍ୱରରେ ଗୋଟିଏ ପାରଶ୍ରମିକ ବିଦ୍ୟାଳୟ ଖୋଲା ହୋଇଥିଲା । ଏପ୍ରକାର ସ୍କୁଲରେ ବଢ଼େଇ କାର୍ଯ୍ୟ, ସିଲେଇ କାମ ଓ ଫ୍ଲାଇସଟେଲଲୁମ୍ ବା ତନ୍ତର କାର୍ଯ୍ୟ ଶିକ୍ଷା ଦିଆଯାଏ । ଶେଷୋକ୍ତ କାର୍ଯ୍ୟଶିକ୍ଷା ନିମନ୍ତେ ଗବର୍ଣ୍ଣମେଣ୍ଟ ସମସ୍ତ ଜିଲ୍ଲାବୋର୍ଡକୁ ବିଶେଷ ପକ୍ଷପାତ ପ୍ରାର୍ଥନା କରିଥିଲେ ମାତ୍ର ବଙ୍ଗଦେଶର ଏହା ନୂଆଖାଲି ଛଡ଼ା ଅନ୍ୟ କୌଣସି ସ୍ଥାନରେ ଏହାର କୌଣସି ଉନ୍ନତି ଦେଖା ଯାଇ ନାହିଁ । ବଙ୍ଗଦେଶର ନାନା ସ୍ଥାନରେ ରେଲଓଏ ନିମନ୍ତେ ନୂତନ ରାସ୍ତା ଅର୍ଥାତ ଫିଡର ରୋଡ଼ ତିୟାର ପ୍ରତି ଗବର୍ଣ୍ଣମେଣ୍ଟ ଜିଲ୍ଲାବୋର୍ଡମାନଙ୍କର ମନୋଯୋଗ ଆକର୍ଷଣ କରିଅଛନ୍ତି । ଓଡିଶାରେ ମଧ୍ୟ ଏହି ଶ୍ରେଣୀର ଅନେକଗୁଡ଼ିଏ ରାସ୍ତା ନିର୍ମାଣ ହୋଇଅଛି । ପରିଶେଷରେ ଏକଟିଂ ଲେଫ୍ଟଲାଟ ସାହେବ ଅତି ସନ୍ତୋଷ ପ୍ରକାଶ କରି କହିଅଛନ୍ତି ଯେ ସମସ୍ତ ଜିଲ୍ଲାବୋର୍ଡ ସେମାନଙ୍କ କାର୍ଯ୍ୟ ପ୍ରତି ଆଗ୍ରହ ଦର୍ଶାଇଅଛନ୍ତି ଏବଂ ଉନ୍ନତି ପକ୍ଷରେ ଅନୁରାଗ ସହିତ ଏକଯୋଗରେ କାର୍ଯ୍ୟ କରିଅଛନ୍ତି କିନ୍ତୁ ଓଡିଶାରୁ ଭିନ୍ନ ମତ ଆସିଅଛି । ଓଡିଶାର କମିଶ୍ନର ଜିଲ୍ଲାବୋର୍ଡଙ୍କ ସାଧାରଣ କାର୍ଯ୍ୟ ପ୍ରତି ଆଗ୍ରହ ଊଣା ହେଉଥିବାର ଦେଖି ଦୁଃଖ ପ୍ରକାଶ କରିଅଛନ୍ତି, ମେମ୍ବର ହେବା ଲୋକେ ଇଚ୍ଛୁକ ନ ହେବା ଓ ମେମ୍ବରମାନଙ୍କ ଉପସ୍ଥିତି କ୍ରମଶଃ ଊଣା ପଡ଼ିବା ଏଥିର ପ୍ରମାଣ ବୋଲି ସେ ନିର୍ଦ୍ଦେଶ କରିଅଛନ୍ତି ।

ଏଥିକୁ ଏକଟିଂ ଲେଫ୍ଟଲାଟ ସାହେବ ଅନୁମାନ କରନ୍ତି କି ବୋର୍ଡର ଆୟ ବୃଦ୍ଧି ନ ହେବାରୁ ଓଡିଶାରେ ଏପରି ଫଳ ହୋଇଅଛି । ମାତ୍ର ଆଶା କରୁଅଛି ପଥକରର ନୂତନ ବନ୍ଦୋବସ୍ତ ଯାହା ସମ୍ପ୍ରତି ହୋଇଅଛି ତଦ୍ୱାରା ଆୟ ବୃଦ୍ଧି ହେବ ଓ ଅଧିକତର କାର୍ଯ୍ୟ କରିବାର ସୁଯୋଗ ଦେଖି ମେମ୍ବରମାନେ ଉତ୍ସାହିତ ହୋଇ ଦେଶର ଉନ୍ନତି ଓ ସୁବିଧା ନିମନ୍ତେ ନାନା ହିତକର କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଅମ୍ଭେମାନେ ଆଶା କରୁଁ କି କମିଶନର ସାହେବଙ୍କର ମନ୍ତବ୍ୟ ଉତ୍କଳବାସିମାନେ ମନୋଯୋଗ ପୂର୍ବକ ପାଠ କରି ଏଣିକି ସାଧାରଣ କାର୍ଯ୍ୟରେ ଯଥୋଚିତ ମନୋଯୋଗୀ ହୋଇ ସ୍ୱଦେଶର ଉନ୍ନତି ସାଧନରେ ଅଧିକତର ଆସ୍ଥା ଦେଖାଇବେ ।

---

### ଜାତୀୟ ମହାସମିତିର ଅଷ୍ଟାଦଶ ଅଧିବେଶନ ।

ଏହି ଅଧିବେଶନ ଗତ ତା ୨୨ ଖରେ ଗୁଜରାଟ ପ୍ରଦେଶର ଅହମଦାବାଦ ନଗରରେ ଆରମ୍ଭ ହୋଇ ତା ୨୪ ଖରେ ଶେଷ ହୋଇଅଛି ଏବଂ ତହିଁର ଏକଦିନ ପୂର୍ବରୁ ମହାସମିତିର ଅନ୍ତର୍ଗତ ଶିଳ୍ପପ୍ରଦର୍ଶନୀ ଫିଟିଥିଲା । ଶିଳ୍ପପ୍ରଦର୍ଶନୀ ଗତ ବର୍ଷରୁ ସୁବିବେଚନା ପୂର୍ବକ ସମିତିର କାର୍ଯ୍ୟ ସଙ୍ଗେ ଯୋଗ ହୋଇଅଛି ଏବଂ ଏହା ଦ୍ୱାରା ଭାରତର ରାଜନୈତିକ ଅବସ୍ଥା ସଙ୍ଗେ ଶିଳ୍ପର ଅବସ୍ଥା ଭାରତର ବିଦ୍ୱାନ୍ ଓ ଚିନ୍ତାଶୀଳ ଲୋକଙ୍କ ସମକ୍ଷରେ ଏକକେ ଉପସ୍ଥିତ ହେବାରୁ ଉଭୟର ଉନ୍ନତି ପ୍ରତି ସେମାନଙ୍କର ମନ ବିଶେଷରୂପେ ଆକୃଷ୍ଟ ହୋଇଅଛି । ଅଧିବେଶନର ବିସ୍ତାରିତ ବ୍ୟାପାର ଅଦ୍ୟାପି ଅମ୍ଭେମାନେ ଅବଗତ ହୋଇ ପାରି ନାହୁଁ । ମାତ୍ର ତାରଯୋଗେ ଯେଉଁ ସଂକ୍ଷେପ ବିବରଣ ପ୍ରକାଶ ହୋଇଅଛି ତହିଁରୁ ସ୍ପଷ୍ଟ ଜଣାଯାଇଅଛି ଯେ ଏହା ଅବଧାରିତ ସଫଳତା ଲାଭ କରିଅଛି । ଦୁର୍ଭିକ୍ଷ ଏବଂ ଦିଲ୍ଲୀ ଦରବାର ଏହି ଅଧିବେଶନର ପ୍ରବଳ ବାଧା ଥିଲା ଏବଂ ସେଥିହେତୁ ଭୟ ହେଉଥିଲା ଯେ ଏହା ସଫଳ ହେବ ନାହିଁ । ଇନ୍ଦ୍ରଦେବ ଅନୁକୂଳ ହେବାରୁ ଦୁର୍ଭିକ୍ଷର ଆଶଙ୍କା ଦୂର ହୋଇଅଛି ଏବଂ ନିର୍ଦ୍ଧାରିତ ସମୟର ଦ ୪ ନ ପୂର୍ବରୁ ଅଧିବେଶନ ହେବାରୁ ଦିଲ୍ଲୀ ଦରବାର ଦେଖିବାର ଅସୁବିଧା ଘଟିଥିଲା । ସୁତରାଂ ଅଧିବେଶନରେ ଯୋଗ ଦେବା ପ୍ରତି କାହାର କିଛି ଆପତ୍ତି ରହିଲା ନାହିଁ । ବରୋଦାର ମହାରାଜା ଗାଇକୁଆର ସମ୍ପ୍ରତି ଭାରତର ରାଜନ୍ୟବର୍ଗଙ୍କ ମଧ୍ୟରେ ବିଦ୍ୟା, ବୁଦ୍ଧି, ସତ୍ସାହସ, ସ୍ୱଦେଶ ହିତଚିନ୍ତା ଇତ୍ୟାଦି ସଦ୍‌ଗୁଣରେ ଶ୍ରେଷ୍ଠତା ଲାଭ କରିଅଛନ୍ତି । ସେ ଅନୁକମ୍ପା ପୂର୍ବକ ଶିଳ୍ପପ୍ରଦର୍ଶନୀ ଫିଟାଇବାର ଭାର ଗ୍ରହଣ କରିଥିଲେ ଏବଂ ତଦୁପଲକ୍ଷରେ ସେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତାହା ଅତ୍ୟନ୍ତ ଚମତ୍କାର ହୋଇଥିଲା । ଅନ୍ୟାନ୍ୟ କଥା ମଧ୍ୟରେ ସେ କହିଥିଲେ କି ଏ ଦେଶର ଶିଳ୍ପକାର୍ଯ୍ୟର ବର୍ତ୍ତମାନ ଅବସ୍ଥା ଦେଖି କେତେକ ଲୋକ କହନ୍ତି କି ଏଦେଶୀୟମାନେ ବିଦେଶୀୟ ଶିଳ୍ପ ଦେଖି ତହିଁର ଅନୁକରଣ କରିବାରେ ପଟୁ ମାତ୍ର ଏମାନଙ୍କର ନୂତନ କିଛି କରିବାର ଶକ୍ତି ନାହିଁ । ଭାରତର ବ୍ୟବସାୟ ଇଉରୋପୀୟଙ୍କର ହାତରେ, କଳ କାରଖାନା ଅଧିକାଂଶ ଇଉରୋପୀୟଙ୍କର ଏବଂ ରେଲବାଟମାନ ସେମାନଙ୍କର ଧନ, ବଳ ଏବଂ ସାହସରେ ନିର୍ମିତ ଏବଂ ଚାଳିତ ହେଉଅଛି । ଏହି ସମସ୍ତ ପ୍ରତିକୂଳ ଅବସ୍ଥା ହେତୁ ଉପରଲିଖିତ କଥା ଅନେକ ପରିମାଣରେ ସତ୍ୟ ହେଲେହେଁ ଏଥିରୁ ଅମ୍ଭମାନଙ୍କର ସ୍ୱାଭାବିକ ନିକୃଷ୍ଟତା ସିଦ୍ଧାନ୍ତ କରିବା ନ୍ୟାୟସଙ୍ଗତ ନୁହେଁ । କ୍ରମୋନ୍ନତିରୁ କୌଣସି ଜାତି ବଞ୍ଚିତ ରହିବା ସ୍ୱାଭାବିକ ନିୟମ ନୁହେ । ଚେଷ୍ଟା ଓ ଯତ୍ନ କଲେ ଏବଂ ଶାସନକର୍ତ୍ତାମାନେ ଅନୁକୂଳ ହୋଇ ପ୍ରତିବନ୍ଧକମାନ ଦୂର କରିଦେଲେ ଅବଶ୍ୟ ଉନ୍ନତି ହେବ । ଏଥର ଅଧିବେଶନର ସଭାପତି ବଙ୍ଗଳାର ସୁବିଖ୍ୟାତ ମାନ୍ୟବର ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଯେଉଁ ସୁଦୀର୍ଘ ଏବଂ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ଏ ଦେଶର ଶିଳ୍ପଜାତ ଦ୍ରବ୍ୟ ସମ୍ବନ୍ଧରେ କହିଥିଲେ କି ଗବର୍ଣ୍ଣମେଣ୍ଟ ଅବାଧ ବାଣିଜ୍ୟର ବଶବର୍ତ୍ତିତା ହେତୁ ଏ ସମସ୍ତ ଶିଳ୍ପଦ୍ରବ୍ୟର ସୁରକ୍ଷା ନିମନ୍ତେ ବିଶେଷ [illegible] କରିବାକୁ ଅଗ୍ରସର ନ ହେଲେ ମଧ୍ୟ ଅମ୍ଭମାନଙ୍କର ହତାଶ ହେବାର କାରଣ ନାହିଁ । ଅମ୍ଭେମାନେ ଯେବେ ବିଦେଶୀୟ ଛାଡ଼ି ସ୍ୱଦେଶୀୟ ଶିଳ୍ପଦ୍ରବ୍ୟ ବ୍ୟବହାର କରିବାକୁ ଦୃଢ଼ସଂକଳ୍ପ କରିବୁ ତେବେ ଦେଶୀୟ ଶିଳ୍ପର ଉନ୍ନତି ସାଧ-

Digitized by srujanika@gmail.com